

# ଜଗନ୍ନାଥ ଏକ୍ସପ୍ରେସ୍

JAGANNATH EXPRESS



RNI Regn No- ODIODI/2014/57766.

ବର୍ଷ- ୧୧ ସଂଖ୍ୟା-୧୪୬ ଭୁବନେଶ୍ୱର ଶନିବାର, ଫେବୃୟାରୀ ୦୮.୨୦୨୫ ପୃଷ୍ଠା - ୮ ମୂଲ୍ୟ : ୨.୦୦/- Vol.11 . No.146 Bhubaneswar, Saturday, Februarry 08, 2025


# ରାତି ପାହିଲେ ଦିଲ୍ଲୀ ରାୟ

## ୨୭ ବର୍ଷ ପରେ କ୍ଷମତାକୁ ଫେରିବା ଲକ୍ଷ୍ୟରେ ବିଜେପି; ହ୍ୟାଟ୍ରିକ୍ ଆଶାରେ ଆପ



ନୂଆଦିଲ୍ଲୀ, ୭/୨: ରାତି ପାହିଲେ ଆରମ୍ଭ ହେବ ଦିଲ୍ଲୀ ଦଖଲ ପାଇଁ ହିସାବ ନିକାସ । ସକାଳ ୮ଟାରୁ ଚାଲିବ ଭୋଟ୍ ଗଣତି । ତେବେ ଏଥର କିଏ ଦଖଲ କରିବ ଦିଲ୍ଲୀ ସିଂହାସନ ? ତାକୁ ନେଇ ଜାତୀୟ ରାଜଧାନୀ ଉପରେ ସାରା ଦେଶବାସୀଙ୍କ ନଜର । ଏପଟେ ଅଧିକାଂଶ ଏକଜିଟ୍ ପୋଲ ବିଜେପି ସପକ୍ଷରେ ମତ ଦେଇଥିବାରୁ ବିଜେପି ଐତିହାସିକ ବିଜୟ ନେଇ ଆଶା ବାନ୍ଧିଛି । ବିଶେଷକରି ୨୦୨୫ ନିର୍ବାଚନରେ ମୋଦି ଏବଂ ଟିମ୍ ବିଜେପିର ଶକ୍ତ ରଣନୀତି ବିଜେପି ପାଇଁ ଆଶୀର୍ବାଦ ହେବ ବୋଲି ଚର୍ଚ୍ଚା ହେଉଛି । ୨୦୨୫ ଦିଲ୍ଲୀ ବିଧାନସଭା ନିର୍ବାଚନରେ କାମ କରିବ କି ମୋଦି ମ୍ୟାଜିକ୍ ? ଦୀର୍ଘ ୨୭ ବର୍ଷ ପରେ ସତ ହେବାକୁ ଯାଉଛି କି ବିଜେପିର ଦିଲ୍ଲୀ ଦଖଲ ସ୍ୱପ୍ନ ? ଏଥର ଦିଲ୍ଲୀ ବିଧାନସଭା ନିର୍ବାଚନ ପାଇଁ ହୋଇଥିବା ହାଇ ଭୋଲଟେଜ୍ ଲଢେଇ ପରେ ଅଧିକାଂଶ ଏକଜିଟ୍ ପୋଲ ବିଜେପିକୁ ଦେଇଛନ୍ତି ଥମ୍ସ ଅପ୍ । ୧୩ଟି ଏକଜିଟ୍ ପୋଲ ଫଳାଫଳରୁ ସର୍ବାଧିକ ୧୦ଟି ବିଜେପି ସପକ୍ଷରେ ଯାଇଥିବାରୁ ଏଥର ଦିଲ୍ଲୀରେ ପଦ୍ମ ଫୁଟିବା ଆଶାରେ ବିଜେପି । ଦଳ ପ୍ରାୟ ଅଢେଇ ଦଶନ୍ଧି ପରେ ସିଂହାସନ ହାସଲ ଲାଗି ଆଶା ରଖିଥିବା ବେଳେ ସେପଟେ କେଜରିୱାଲଙ୍କ ଝାଡୁ ଏକପ୍ରଚାର ନିଶ୍ଚିହ୍ନ ହେବା ଆଶଙ୍କାରେ ।ଅଧିକାଂଶ ଏକଜିଟ୍ ପୋଲର ଆକଳନ ଯଦି ସତ ହୁଏ । ତେବେ ଦିଲ୍ଲୀରେ ନିରଙ୍କୁଶ ସଂଖ୍ୟାଗରିଷ୍ଠତା ସହ କ୍ଷମତାକୁ ଆସିବ ବିଜେପି । ଆଉ ସେପଟେ ହାଟ୍ରିକ୍ ଆଶାରେ ଥିବା ଆପକୁ ମିଳିପାରେ ବିରୋଧୀ ସିଟ୍ । ଦିଲ୍ଲୀ ବିଧାନସଭା ନିର୍ବାଚନ ଲାଗି ଆସନ୍ତାକାଲି ସକାଳ ୮ଟାରୁ ୨୧ଟି ଗଣତି କେନ୍ଦ୍ରରେ ଆରମ୍ଭ ହେବାକୁ ଯାଉଛି ଭୋଟ୍ ଗଣତି ।ସମସ୍ତ ୭୦ଟି ଆସନର ଫଳାଫଳ ସନ୍ଧ୍ୟା ୬ଟା ସୁଦ୍ଧା ପ୍ରକାଶ ପାଇବା ନେଇ ଆଶା କରାଯାଉଛି । ଏଥିପାଇଁ ନିର୍ବାଚନ କମିଶନ ପକ୍ଷରୁ ସମସ୍ତ ପ୍ରକାର ବ୍ୟବସ୍ଥା ସରିଛି । ଏକଦା ସ୍ୱଚ୍ଛ ଆଉ ଦୁର୍ନୀତିମୁକ୍ତ ଶାସନର ପ୍ରତିଶ୍ରୁତି ଦେଇ ଦିଲ୍ଲୀବାସୀଙ୍କ ହୃଦୟ ଜିତି କଂଗ୍ରେସର ଅଭେଦ୍ୟ ଗଡ଼କୁ ଚୁରମାର କରି ଦିଲ୍ଲୀ ଦଖଲ କରିଥିଲା ଆମ୍ ଆଦମୀ ପାର୍ଟି । ହେଲେ ଏକଜିଟ୍ ପୋଲ ଅନୁସାରେ ଏଥର ଆପର ହୃତପିଣ୍ଡ କୁହାଯାଉଥିବା ଦିଲ୍ଲୀକୁ ଦଳଠୁ ଛଡାଇ ନେବାକୁ ଯାଉଛି ବିଜେପି । କୁହାଯାଉଛି ଏଥର ବିଜେପି ନିର୍ବାଚନରେ ଆପ୍ ଗଡ଼ରେ ଆପକୁ ଚିତପଟାଙ୍ଗ ଦେବାକୁ କୌଣସି ଗୋଟିଏ ବି ରଣନୀତିକୁ ହାତଛଡ଼ା କରିନଥିଲା । ଯେଉଁ ସ୍ୱଚ୍ଛ ଓ ଦୁର୍ନୀତି ବିରୋଧୀ ନାରାକୁ ଆପ୍ ପ୍ରସଙ୍ଗ କରିଥିଲା, ସେଇ ଦୁର୍ନୀତି ମାମଲାରେ ହିଁ ଫସିଯାଇଥିଲେ ମୁଖ୍ୟମନ୍ତ୍ରୀ ଓ ଉପମୁଖ୍ୟମନ୍ତ୍ରୀଙ୍କ ସହ ଦଳର ଅନ୍ୟ ଛାମୁଆ ନେତା । ନିର୍ବାଚନରେ ଜାରି ସଂକଳ୍ପ ପତ୍ରରେ ମହିଳାଙ୍କ ପାଇଁ ଲୋଭନୀୟ ସ୍କିମ, ସବୁ ବର୍ଗ ପାଇଁ ଯୋଜନା ଏବଂ ସର୍ବୋପରି ଏଥର ବଜେଟରେ ମଧ୍ୟବିତ୍ତଙ୍କୁ ବଡ଼ ରିହାତି ଦେଇ ଟ୍ୟାକ୍ସ ସ୍ଲାବକୁ ୧୨ ଲକ୍ଷ ଟଙ୍କାକୁ ବଢାଇ ଦେବା ମଧ୍ୟ ଦିଲ୍ଲୀ ନିର୍ବାଚନରେ ବିଜେପି ପାଇଁ ଆଶୀର୍ବାଦ ହୋଇଥିବା କୁହାଯାଉଛି । ସେପଟେ ନିର୍ବାଚନର ମାତ୍ର ୪ ଦିନ ଆଗରୁ ଶାସକ ଦଳରୁ ଇସ୍ତଫା ଦେଇଥିବା ୮ ବିଧାୟକଙ୍କୁ ବିଜେପି ନିଜ ଦଳରେ ମିଶାଇଦେବା ଆପ୍ ପାଇଁ ଖୁବ ମହଙ୍ଗା ପଡ଼ିବା ସହ ଅଙ୍କ ବଦଳିଥିବା ଚର୍ଚ୍ଚା ହେଉଛି । ସେପଟେ କିନ୍ତୁ ଆପ୍ ଏଥର ବି କ୍ଷମତାକୁ ଫେରିବା ସହ ଦଳ ହ୍ୟାଟ୍ରିକ୍ ମାରିବ ବୋଲି ଦୃଢ଼ୋକ୍ତି କରିଛନ୍ତି ଦଳୀୟ ନେତା । ତେବେ ୨୭ ବର୍ଷ ପରେ ଦିଲ୍ଲୀରେ ପଦ୍ମ ଫୁଟିବା ସହ ବିଜେପିର ଡବଲ ଇଞ୍ଜିନ ସରକାର ଗଢ଼ିବ, ନା ତୃତୀୟ ଥର କ୍ଷମତା ଦଖଲ ସହ ଝାଡୁ କମାଲ କରିବ, ତା ଉପରେ ସାରା ଦେଶବାସୀଙ୍କ ନଜର ।

# ଭୁବନେଶ୍ୱରରେ ଇଣ୍ଡିଆ-ଇଂଲଣ୍ଡ ଖେଳାଳି

# ୯ରେ କମ୍ପିବ ବାରବାଟୀ

ଭୁବନେଶ୍ୱର, ୭/୨: ଫେବୃଆରୀ ୯ରେ କମ୍ପିବ ବାରବାଟୀ । ସୁପର ସଣ୍ଡେରେ ହେବ ସୁପର ଫାଇଟ୍ । ମୁହାଁମୁହିଁ ହେବ ଇଣ୍ଡିଆ-ଇଂଲଣ୍ଡ । ରବିବାର ଖେଳାଯିବାକୁ ଥିବା ଏହି ମହାମୁକାବିଲା ପାଇଁ ଆଜି ଭୁବନେଶ୍ୱରରେ ଆସି ପହଞ୍ଚିଛନ୍ତି ଦୁଇ ଦେଶର ଖେଳାଳି । ସ୍ୱତନ୍ତ୍ର ବିମାନ ଯୋଗେ ଇଣ୍ଡିଆ-ଇଂଲଣ୍ଡ ଦଳର ଖେଳାଳି ଭୁବନେଶ୍ୱର ସ୍ଥିତ ବିଜୁ ପଟ୍ଟନାୟକ ବିମାନ ବନ୍ଦରରେ ଆସି ପହଞ୍ଚିଛନ୍ତି । ସେଠାରୁ କଡ଼ା ସୁରକ୍ଷା ବଳୟ ମଧ୍ୟରେ ଦୁଇ ଦେଶର ଖେଳାଳିଙ୍କୁ ଭୁବନେଶ୍ୱରର ମେ' ଫେୟାର ହୋଟେଲକୁ ନିଆଯାଇଛି ।ସେପଟେ ବିମାନ ବନ୍ଦରରେ ଟିମ୍ ଇଣ୍ଡିଆ ଖେଳାଳି ପହଞ୍ଚିବା ପରେ ନିଜର ପସନ୍ଦର ଖେଳାଳିଙ୍କୁ ଦେଖିବା ପାଇଁ ପ୍ରଶଂସକଙ୍କ ବେଶ୍ ଭିଡ଼ ଜମିଥିଲା । ନିଜ ପସନ୍ଦର ଖେଳାଳିଙ୍କ ଟିକେ ଝଲକ ପାଇବା ପାଇଁ ଘଣ୍ଟା ଘଣ୍ଟା ଧରି ବିମାନ ବନ୍ଦର ପରିସରରେ ଅପେକ୍ଷା କରିଥିଲେ ଦର୍ଶକ । କେବଳ ବିମାନବନ୍ଦର ନୁହେଁ ହୋଟେଲ ବାହାରେ ମଧ୍ୟ ବହୁ କ୍ରିକେଟ୍ ଫ୍ୟାନ୍ ଖେଳାଳିଙ୍କୁ ଦେଖିବା ପାଇଁ ଅପେକ୍ଷା କରିଥିଲେ ।ଅନ୍ୟପଟେ ଆଜି ଭୁବନେଶ୍ୱରରେ ଉଭୟ ଦେଶର ଖେଳାଳି ପହଞ୍ଚିବା ପୂର୍ବରୁ କମିଶନରେଟ୍ ପୋଲିସ୍ ପକ୍ଷରୁ ସୁରକ୍ଷା ବ୍ୟବସ୍ଥାର କଡ଼ା ଯାଞ୍ଚ କରାଯାଇଛି । ବିଶେଷକରି ଖେଳାଳିଙ୍କ ସୁରକ୍ଷାକୁ ବିଶେଷ ଗୁରୁତ୍ୱ ଦିଆଯାଇଛି । ସେହିପରି ମ୍ୟାଚ୍ ସମୟରେ ଷ୍ଟାଡିୟମ ଭିତରକୁ ପାଣି ବୋତଲ ମଧ୍ୟ ନେଇ ଦର୍ଶକ ଯାଇପାରିବେ ନାହିଁ ବୋଲି ପୋଲିସ୍ କମିଶନର କହିଛନ୍ତି । ଏୟାରପୋର୍ଟଠୁ ହୋଟେଲ୍ ଏବଂ କାଲି ବାରବାଟୀ ଷ୍ଟାଡିୟମରେ ଅଭ୍ୟାସ ସହିତ ରବିବାର ମୁକାବିଲା ପାଇଁ ସବୁ ପ୍ରକାର ପ୍ରସ୍ତୁତି କରିଛି କମିଶନରେଟ୍ ପୋଲିସ । ଖେଳାଳିମାନେ ଭୁବନେଶ୍ୱରରୁ କଟକ ଯିବାବେଳେ ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରାଯାଇଛି । ମୋଟ ୫୦ ପ୍ଲାଟୁନ ପୋଲିସ ଫୋର୍ସ ନିୟୋଜିତ ହୋଇଛନ୍ତି ବୋଲି ପୋଲିସ କମିଶନର ଏସ୍ ଦେବଦତ୍ତ ସିଂ ସୂଚନା ଦେଇଛନ୍ତି । ସେପଟେ ବାରବାଟୀରେ ଭାରତ ଓ ଇଂଲଣ୍ଡ ମଧ୍ୟରେ ଅନୁଷ୍ଠିତ ଦିନିକିଆ ମ୍ୟାଚ ପୂର୍ବରୁ ଆଜି ୭ ଜଣଙ୍କୁ ଟିକେଟ କଳାବଜାର ଅଭିଯୋଗରେ ଗିରଫ କରିଛି ପୋଲିସ୍ । ୪ଟି ମାମଲାରେ ୭ ଜଣଙ୍କୁ ଗିରଫ କରିଛି ପୋଲିସ । ୧୧ ଶହ ଟଙ୍କିଆ ଟିକେଟକୁ ୭ ହଜାର ଟଙ୍କାରେ ବିକ୍ରି କରିବା ସମୟରେ ୭ ଜଣଙ୍କୁ ଗିରଫ କରାଯାଇଥିଲା । ସମୁଦାୟ ୪ ମାମଲାରେ ଏହି ଅଭିଯୁକ୍ତ ମାନଙ୍କୁ ଗିରଫ କରାଯାଇଛି । ଏମାନଙ୍କ ନିକଟରୁ ୨୫ଟି ଟିକେଟ ସହିତ ୩୦ ହଜାର ଟଙ୍କା ଜବତ କରାଯାଇଛି । ବାରବାଟୀ ଦିନିକିଆରେ ଚଳିତ ବର୍ଷ ଟିକେଟ ପାଇଁ ଅନେକ ଅବ୍ୟବସ୍ଥା ସାମନାକୁ ଆସିଛି । ମାତ୍ର ୧୫ ହଜାର ୮୦ଟି ଟିକେଟ ବିକ୍ରି ହୋଇଥିବା ବେଳେ ୩୦ ହଜାର ପାଖାପାଖି ପାସ୍ ବଣ୍ଟା ଯାଇଛି । ଫଳରେ ଅନେକ କ୍ରିକେଟ ପ୍ରେମୀଙ୍କୁ ନିରାଶ ହେବାକୁ ପଡିଛି । ଅନେକ କ୍ରୀଡାପ୍ରେମୀ ନିରାଶ ହୋଇଥିବା ବେଳେ ସୁଯୋଗର ଫାଇଦା ଉଠାଇବାକୁ ଚେଷ୍ଟା କରିଥିଲେ ଟିକେଟ କଳାବଜାରୀ। ଟିକେଟ ମୂଲ୍ୟ ୩-୪ ଗୁଣା ଅଧିକ ମୂଲ୍ୟରେ ବିକ୍ରି କରୁଥିବା ନେଇ ଅଭିଯୋଗ ଆସିଛି । ଅନଲାଇନରେ ଟିକେଟ ବିକ୍ରି ଆରମ୍ଭ ହେଉ ହେଉ ଶେଷ ହୋଇଗଲା। ୱେବସାଇଟ୍ ଖୋଲିବା କ୍ଷଣି ଜାମ୍ । ଲଗଇନ୍ କରୁ କରୁ ହଜାର ହଜାର ୱେଟିଂ । କିଏ ୪୭ ହଜାର ପଛରେ ରହିଗଲା ତ ପୁଣି କାହାକୁ ଦେଖାଇଲା ୬୫ ହଜାର ୱେଟିଂ । ଅଧ ଘଣ୍ଟା ମଧ୍ୟରେ ଭିତରେ ୨, ୪, ୭ ନମ୍ବର ଗ୍ୟାଲେରୀ ସହ ସ୍ପେଶାଲ୍ ଏନକ୍ଲୋଜର ଇ ବ୍ଲକ୍ ଟିକେଟ୍ ବିକ୍ରି ହୋଇଗଲା । କେବଳ ୮ ହଜାର ଟଙ୍କିଆ ଏସି ବକ୍ସ ଗ୍ୟାଲେରୀ, ୪ ଓ ୧୦ ହଜାର ଟଙ୍କା ଥିବା ନିଉ ପାଭିଲିୟନ୍ ଫାଷ୍ଟ ଫ୍ଲୋର ଟିକେଟ ଉପଲବ୍ଧ ରହିଥିଲା ।

# ନୂଆ ଆୟକର ବିଲକୁ କ୍ୟାବିନେଟ ମଞ୍ଜୁରୀ

## ରାୟଗଡ଼ା ରେଳ ଡିଭିଜନକୁ ବି ଅନୁମୋଦନ

ନୂଆଦିଲ୍ଲୀ,୭/୨: ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଅଧ୍ୟକ୍ଷତାରେ ଶୁକ୍ରବାର କେନ୍ଦ୍ର କ୍ୟାବିନେଟର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଥିଲା। ଏହି ବୈଠକରେ ଅନେକ ପ୍ରମୁଖ ପ୍ରସ୍ତାବକୁ ଅନୁମୋଦନ ମିଳିଛି। ନୂଆ ଆୟକର ବିଲ୍ ପ୍ରସ୍ତାବକୁ ମୋଦୀ କ୍ୟାବିନେଟ୍ ଅନୁମୋଦନ କରିଛି। ଏହା କାର୍ଯ୍ୟକାରୀ ହେଲେ ଦେଶର ଟିକସ ବ୍ୟବସ୍ଥାରେ ଉଲ୍ଲେଖନୀୟ ପରିବର୍ତ୍ତନ ଆସିବାର ସମ୍ଭାବନା ରହିଛି। ଗତ ୧ତାରିଖରେ ଆଗତ ହୋଇଥିବା କେନ୍ଦ୍ର ବଜେଟରେ କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ନୂଆ ଆୟକର ଆଇନ ସଂପର୍କରେ ଘୋଷଣା କରିଥିଲେ । ଏଥିସହ ସ୍କିଲ୍ ଇଣ୍ଡିଆ କାର୍ଯ୍ୟକ୍ରମକୁ ନେଇ ମଧ୍ୟ ଏକ ବଡ଼ ନିଷ୍ପତ୍ତି ନିଆଯାଇଛି। ନୂଆ ରେଳ ଡିଭିଜନ ଗଠନ ପ୍ରସ୍ତାବକୁ ମଧ୍ୟ ମୋଦୀ କ୍ୟାବିନେଟ ଅନୁମୋଦନ କରିଛି । ଏହି ନିଷ୍ପତ୍ତି ଅନୁସାରେ ୱାଲଟିୟର ଡିଭିଜନର ନୂଆ ନାମ ବିଶାଖାପାଟଣା ଡିଭିଜନ ହେବ ଓ ଏହା ଦକ୍ଷିଣ ତଟ ରେଳପଥ ଅଧିନରେ ରହିବ । ସେହିପରି ଏକ ନୂଆ ରେଳ ଡିଭିଜନ - ରାୟଗଡ଼ା ଡିଭିଜନ ସ୍ଥାପନ କରାଯିବ ଓ ଏହାର ମୁଖ୍ୟାଳୟ ରାୟଗଡ଼ାଠାରେ ରହିବ । ଏହି ଡିଭିଜନ ଅଧିନରେ କୋଟ୍ଟାଭାଲାସା - ବାଚେଲି, କୁନେରୁ - ଥେରୁବାଲି ଜେ.ଏନ୍., ସିଙ୍ଗାପୁର ରୋଡ୍ - କୋରାପୁଟ ଜନ୍ ଏବଂ ପାରଳାଖେମୁଣ୍ଡି - ଗୁଣପୁର ମଧ୍ୟରେ ଥିବା ସମସ୍ତ ଷ୍ଟେସନ ରହିବ । ନୂଆ ରେଳ ଡିଭିଜନ ଗଠନ ପ୍ରସ୍ତାବକୁ ମଧ୍ୟ ମୋଦୀ କ୍ୟାବିନେଟ ଅନୁମୋଦନ କରିଛି । ଏହି ନିଷ୍ପତ୍ତି ଅନୁସାରେ ୱାଲଟିୟର ଡିଭିଜନର ନୂଆ ନାମ ବିଶାଖାପାଟଣା ଡିଭିଜନ ହେବ ଓ ଏହା ଦକ୍ଷିଣ ତଟ ରେଳପଥ ଅଧିନରେ ରହିବ । ସେହିପରି ଏକ ନୂଆ ରେଳ ଡିଭିଜନ - ରାୟଗଡ଼ା ଡିଭିଜନ ସ୍ଥାପନ କରାଯିବ ଓ ଏହାର ମୁଖ୍ୟାଳୟ ରାୟଗଡ଼ାଠାରେ ରହିବ । ଏହି ଡିଭିଜନ ଅଧିନରେ କୋଟ୍ଟାଭାଲାସା - ବାଚେଲି, କୁନେରୁ - ଥେରୁବାଲି ଜେ.ଏନ୍., ସିଙ୍ଗାପୁର ରୋଡ୍ - କୋରାପୁଟ ଜନ୍ ଏବଂ ପାରଳାଖେମୁଣ୍ଡି - ଗୁଣପୁର ମଧ୍ୟରେ ଥିବା ସମସ୍ତ ଷ୍ଟେସନ ରହିବ । ଏହାବ୍ୟତୀତ ସଫେଇ କର୍ମଚାରୀଙ୍କ ସପକ୍ଷରେ ଏକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନିଆଯାଇଛି। କେନ୍ଦ୍ରରେ 'ସବକା ସାଥ, ସବକା ବିକାଶ'ର ଭାବନାକୁ ଦୃଷ୍ଟିରେ ରଖି ମୋଦି କ୍ୟାବିନେଟ୍ ଜାତୀୟ ସଫେଇ କର୍ମଚାରୀ ଆୟୋଗକୁ ୩ ବର୍ଷ ପାଇଁ ବୃଦ୍ଧି ପ୍ରସ୍ତାବକୁ ଅନୁମୋଦନ କରିଛି।

# ୬,୩୯୦ ଜଣଙ୍କୁ ନିଯୁକ୍ତି ଦେଲେ ରାଜ୍ୟ ସରକାର



ଭୁବନେଶ୍ୱର,୭/୨: ରାଜ୍ୟ ସରକାର ଆଜି ବିଭିନ୍ନ ବିଭାଗରେ ମୋଟ ୬,୩୯୦ ଜଣଙ୍କୁ ନିଯୁକ୍ତି ଦେଇଛନ୍ତି। ପ୍ରାର୍ଥୀମାନେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଠାରୁ ନିଯୁକ୍ତିପତ୍ର ଗ୍ରହଣ କରିଛନ୍ତି। ରାଜ୍ୟସ୍ତରୀୟ ନିଯୁକ୍ତି ମେଳାରେ ୨୭୫୩ ଜଣ ବହୁମୁଖୀ ମହିଳା ସ୍ୱାସ୍ଥ୍ୟକର୍ମୀ, ୧୧୦ ଜଣ ଆୟୁର୍ବେଦିକ ଅଧିକାରୀ, ୧୦ ଜଣ ହୋମିଓପାଥିକ୍, ୫ ଜଣ ଆୟୁଷ କନିଷ୍ଠ ସହାୟକ, ୧୧୮ ଜଣ ସ୍ଥାନୀୟ ପାଣ୍ଠି ସମୀକ୍ଷକ ଓ ୧୨ ଜଣ ଉପଖଣ୍ଡ ଆର୍ଥିକ ସେବା ଓ ସଞ୍ଚୟ ଅଧିକାରୀ, ୫୭ ଜଣ ଅମୀନ, ୧୦୪ ଜଣ ମଙ୍ଗଳ ସଂପ୍ରସାରଣ ଅଧିକାରୀ, ୮୯୪ ଜଣ ଶିକ୍ଷକ ଓ ଅଧକ୍ଷ, ୧୭୯୮ ଜଣ ପୂର୍ଣ୍ଣ ଅନୁଦାନ ପ୍ରାପ୍ତ ଉଚ୍ଚ ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀ, ୭୩ ଜଣ କନିଷ୍ଠ ସହାୟକ, ୨ ଜଣ ସମୀକ୍ଷକ, ୩୭ ଜଣ ଯୋଗାଣ ନିରୀକ୍ଷକ, ୨୧୨ ଜଣ କନିଷ୍ଠ ମତ୍ସ୍ୟ ବୈଷୟିକ ସହାୟକ, ୨୦ ଜଣ ସହକାରୀ ମତ୍ସ୍ୟ ଅଧିକାରୀ, ୩୪ ଜଣ ହିସାବ ରକ୍ଷକ, ୧୨ ଜଣ ଅମିନ, ୧୭ ଜଣ କନିଷ୍ଠ, ୨ ଜଣ କନିଷ୍ଠ ହିସାବ ରକ୍ଷକ ଅଛନ୍ତି। ରାଜ୍ୟ ସରକାର ଶିକ୍ଷା କ୍ଷେତ୍ରକୁ ଗୁରୁତ୍ୱ ଦେଇଛନ୍ତି। ଆଜି ୮୯୪ ଜଣ ଶିକ୍ଷକ ଓ ଅଧକ୍ଷ, ୧୭୯୮ ଜଣ ପୂର୍ଣ୍ଣ ଅନୁଦାନ ପ୍ରାପ୍ତ ଉଚ୍ଚ ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀ ପଦବି ପାଇଁ ନିଯୁକ୍ତିପତ୍ର ବାଣ୍ଟିଛନ୍ତି। ୟୁନିଟ୍-୩ସ୍ଥିତ କ୍ୟାପିଟାଲ ହାଇସ୍କୁଲ ପଡ଼ିଆରେ ଆୟୋଜିତ ନିଯୁକ୍ତି ମେଳା ସମାରୋହରେ ମାନ୍ୟବର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମୁଖ୍ୟ ଅତିଥି, ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ପ୍ରଭାତୀ ପରିଡ଼ା, ବିଦ୍ୟାଳୟ ଓ ଗଣଶିକ୍ଷା, ଅନୁସୂଚିତ ଜନଜାତି, ଅନୁସୂଚିତ ଜାତି ଉନ୍ନୟନ, ସଂଖ୍ୟାଲଘୁ ସମ୍ପ୍ରଦାୟ ଓ ପଛୁଆ ବର୍ଗ କଲ୍ୟାଣ ବିଭାଗ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ, ସ୍ୱାସ୍ଥ୍ୟ ମନ୍ତ୍ରୀ ଡଃ ମୁକେଶ ମହାଲିଙ୍ଗ, ଗୃହ ନିର୍ମାଣ ଓ ନଗରଉନ୍ନୟନ ବିଭାଗ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର, ଦକ୍ଷତା ଓ ବୈଷୟିକ ଶିକ୍ଷା ବିଭାଗ ସମ୍ପଦ ଚନ୍ଦ୍ର ସ୍ୱାଇଁ, ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା, ଉନ୍ନୟନ କମିଶନର ତଥା ଅତିରିକ୍ତ ଶାସନ ସଚିବ ଅନୁ ଗର୍ଗଙ୍କ ସମେତ ବିଭିନ୍ନ ବିଭାଗର ସଚିବ ମଧ୍ୟ ଉପସ୍ଥିତ ଅଛନ୍ତି।

# ମେ ୪ରେ ନିଟ୍ ୟୁଜି ପରୀକ୍ଷା

ନୂଆଦିଲ୍ଲୀ,୭/୨: ନ୍ୟାସନାଲ ଟେଷ୍ଟିଂ ଏଜେନ୍ସି (ଏନଟିଏ) ଫେବ୍ରୁଆରି ୭ରେ ନିଟ୍ ୟୁଜି ୨୦୨୫ ପରୀକ୍ଷା ପାଇଁ ତାରିଖ ଘୋଷଣା କରିଛି। ଏନଟିଏ ଅନୁଯାୟୀ, ନିଟ୍ ୟୁଜି ପରୀକ୍ଷା ମେ ୪ ତାରିଖ ଅପରାହ୍ନ ୨ଟାରୁ ଅପରାହ୍ନ ୫ଟା ପର୍ଯ୍ୟନ୍ତ ତିନି ଘଣ୍ଟା ଧରି ଅନୁଷ୍ଠିତ ହେବ। ଏନଟିଏ ମଧ୍ୟ ଆବେଦନ ପ୍ରକ୍ରିୟା ଆରମ୍ଭ କରିଛି । ପ୍ରାର୍ଥୀମାନେ neet.nta.nic.in ୱେବସାଇଟକୁ ଯାଇ ନିଟ୍ ୟୁଜି ୨୦୨୫ ପାଇଁ ଆବେଦନ କରିପାରିବେ । ଏନଟିଏ ଏହା ମଧ୍ୟ ସ୍ପଷ୍ଟ କରିଛି ଯେ ନିଟ୍ ୨୦୨୫ ପାଇଁ ଏପିଏଆର ଆଇଡି ବାଧ୍ୟତାମୂଳକ ନୁହେଁ । ମେ' ୪ ତାରିଖରେ ପେନ୍ ଓ କାଗଜ ମୋଡରେ ଏହି ପେପର ଅନୁଷ୍ଠିତ ହେବ। ୨୦୨୫ ଜୁନ୍ ୧୪ ସୁଦ୍ଧା ନିଟ୍ ୟୁଜି ୨୦୨୫ର ଫଳାଫଳ ପ୍ରକାଶ ପାଇବ ।ଭାରତରେ ଡାକ୍ତରୀ ଓ ଆନୁଷଙ୍ଗିକ ପାଠ୍ୟକ୍ରମରେ ନାମଲେଖା ପାଇଁ ନିଟ୍ ୟୁଜି ହେଉଛି ଏକମାତ୍ର ପ୍ରଶ୍ନପତ୍ର। ମେ' ୪ ତାରିଖରେ ପେନ୍ ଓ କାଗଜ ମୋଡରେ ଏହି ପେପର ଅନୁଷ୍ଠିତ ହେବ। ୨୦୨୫ ଜୁନ୍ ୧୪ ସୁଦ୍ଧା ନିଟ୍ ୟୁଜି ୨୦୨୫ର ଫଳାଫଳ ପ୍ରକାଶ ପାଇବ। ଆବେଦନ ପ୍ରକ୍ରିୟା ମାର୍ଚ୍ଚ ୭ ରେ ଶେଷ ହେବ ଏବଂ ଆବେଦନରେ ପରିବର୍ତ୍ତନ କରିବାର ସୁବିଧା ମାର୍ଚ୍ଚ ୯ରୁ ୧୧ ପର୍ଯ୍ୟନ୍ତ ଉପଲବ୍ଧ ହେବ ।

# ଗ୍ରେଟର ଭୁବନେଶ୍ୱର ଗଠନ ନେଇ ଆଲୋଚନା



ଭୁବନେଶ୍ୱର,୭/୨: ଆଜି ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀ ଲୋକସେବା ଭବନ ଠାରେ ଗୃହ ଓ ନଗର ଉନ୍ନୟନ ବିଭାଗର ବିଭିନ୍ନ କାର୍ଯ୍ୟକ୍ରମ ଉପରେ ସମୀକ୍ଷା କରିଛନ୍ତି । ବୈଠକରେ ଭୁବନେଶ୍ୱର, କଟକ, ପୁରୀ ଓ ପାରାଦୀପକୁ ନେଇ ପ୍ରସ୍ତାବିତ ଅର୍ଥନୈତିକ ରିଜିଅନ୍ ଗ୍ରେଟର ଭୁବନେଶ୍ୱର ସମ୍ପର୍କରେ ବିସ୍ତୃତ ଭାବେ ଆଲୋଚନା ହୋଇଥିଲା । ୨୦୩୬ ବିକଶିତ ଓଡିଶା ଗଠନ ପାଇଁ ଉଭୟ ସହରୀକରଣ ଓ ଅର୍ଥନୈତିକ ଦୃଷ୍ଟିକୋଣରୁ ଏହାର ଆବଶ୍ୟକତା ରହିଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି । ସମୁଦାୟ ୮୫୦୦ ବର୍ଗ କିଲୋମିଟର ଅଞ୍ଚଳକୁ ସମାବେଶୀ, ବାସପଯୋଗୀ ଏବଂ ଦୀର୍ଘସ୍ଥାୟୀ ଅର୍ଥନୈତିକ ରିଜିଅନ ଭାବେ ବିକଶିତ କରିବା ପାଇଁ ଯୋଜନା ରହିଛି । ଆଗାମୀ ୫୦ ବର୍ଷକୁ ଆଖି ଆଗରେ ରଖି ଆବଶ୍ୟକସ୍ଥଳେ ଆଉ ଅଧିକ ଅଞ୍ଚଳ ଏଥିରେ ଅନ୍ତର୍ଭୁକ୍ତ କରିବା ପାଇଁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଥିଲେ । ଏଥି ସହିତ ଏହି ପ୍ରକଳ୍ପ ନିର୍ମାଣ ପୂର୍ବରୁ ଅନ୍ୟ ରାଜ୍ୟ ମାନଙ୍କୁ ଯାଇ, ସେମାନଙ୍କ ଯୋଜନାକୁ ଅନୁଧ୍ୟାନ କରିବା ପାଇଁ ମୁଖ୍ୟମନ୍ତ୍ରୀ କହିଥିଲେ । ଭୁବନେଶ୍ୱରର କ୍ରମବର୍ଦ୍ଧିଷ୍ଣୁ ଜନସଂଖ୍ୟାକୁ ଦୃଷ୍ଟିରେ ରଖି ଭୁବନେଶ୍ୱର ନିକଟବର୍ତ୍ତୀ ଅଞ୍ଚଳରେ ଆଉ ଏକ ନୂତନ ସହର ନିର୍ମାଣ ଏବଂ ମେଟ୍ରୋ ରେଳ ଚଳାଚଳ ସମ୍ପର୍କରେ ବୈଠକରେ ଆଲୋଚନା ହୋଇଥିଲା । ରାଜ୍ୟର ସହରାଞ୍ଚଳ ବିକାଶ ପାଇଁ ଏକ ଯୋଜନା ପ୍ରସ୍ତୁତ କରିବା ପାଇଁ ମୁଖ୍ୟମନ୍ତ୍ରୀ କହିଥିଲେ । ବୈଠକରେ ଗୃହ ଓ ନଗର ଉନ୍ନୟନ ମନ୍ତ୍ରୀ ଡ କୃଷ୍ଣଚନ୍ଦ୍ର ମହାପାତ୍ର, ମୁଖ୍ୟ ଶାସନ ସଚିବ ଶ୍ରୀ ମନୋଜ ଆହୁଜା, ଉନ୍ନୟନ କମିଶନର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶ୍ରୀମତୀ ଅନୁ ଗର୍ଗ, ମୁଖ୍ୟମନ୍ତ୍ରୀଙ୍କ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶ୍ରୀ ନିକୁଞ୍ଜ ବିହାରୀ ଧଳ, ଶିଳ୍ପ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶ୍ରୀ ହେମନ୍ତ ଶର୍ମା, ଗୃହ ଓ ନଗର ଉନ୍ନୟନ ବିଭାଗର ପ୍ରମୁଖ ଶାସନ ସଚିବ ଶ୍ରୀମତି ଉଷା ପାଢୀ, ଅର୍ଥ ବିଭାଗର ପ୍ରମୁଖ ଶାସନ ସଚିବ ଶ୍ରୀ ଶାଶ୍ୱତ ମିଶ୍ର, ପୂର୍ତ୍ତ ବିଭାଗର ପ୍ରମୁଖ ଶାସନ ସଚିବ ଶ୍ରୀ ଭି.ଭି. ଯାଦବ ପ୍ରମୁଖ ଉପସ୍ଥିତ ଥିଲେ ।

# କାରବାର ବଢାଇବାକୁ ବୁଝାମଣା

ଭୁବନେଶ୍ୱର,୭/୨: ୨୦୨୪-୨୫ ବର୍ଷ ପାଇଁ ଓଡ଼ିଶା ରାଜ୍ୟ ପୋଲିସ ହାଉସିଂ ଏବଂ କଲ୍ୟାଣ ନିଗମ ଲିମିଟେଡ୍ (ଓପିଏଚଡବ୍ଲୁସି) ଏବଂ ଓଡ଼ିଶା ସରକାରଙ୍କ ଗୃହ ବିଭାଗ ମଧ୍ୟରେ ଏକ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି। ଶ୍ରୀ ସୌମେନ୍ଦ୍ର ପ୍ରିୟଦର୍ଶୀ, ସିଏମଡି, ଓପିଏଚଡବ୍ଲୁସି ଏବଂ ଶ୍ରୀ ସତ୍ୟବ୍ରତ ସାହୁ, ଅତିରିକ୍ତ ମୁଖ୍ୟ ଶାସନ ସଚିବ, ଗୃହ ବିଭାଗ ଏହି ବୁଝାମଣା ପତ୍ରରେ ସ୍ୱାକ୍ଷର କରିଥିଲେ । ଏହି ବୁଝାମଣାପତ୍ରର ପ୍ରମୁଖ ବୈଶିଷ୍ଟ୍ୟଗୁଡ଼ିକ ହେଉଛି: ଓପିଏଚଡବ୍ଲୁସି ୨୦୨୩-୨୪ ଆର୍ଥିକ ବର୍ଷ ତୁଳନାରେ ୨୦୨୪-୨୫ ଆର୍ଥିକ ବର୍ଷ ପାଇଁ ୧୫% ଅଭିବୃଦ୍ଧି ସହିତ ୧୨୫୦ କୋଟି ଟଙ୍କାର କାରବାର ଲକ୍ଷ୍ୟ ଦିଆଯାଇଛି। ୨୦୨୩-୨୪ ଆର୍ଥିକ ବର୍ଷ ତୁଳନାରେ ୨୦୨୪-୨୫ ଆର୍ଥିକ ବର୍ଷରେ ଓପିଏଚଡବ୍ଲୁସିକୁ ୧୬% ଅଭିବୃଦ୍ଧି ସହିତ ୬୨.୫୦ କୋଟି ଟଙ୍କାର ଲାଭର ଲକ୍ଷ୍ୟ ଦିଆଯାଇଛି। ଓପିଏଚଡବ୍ଲୁସି ଟଙ୍କା ଲାଭ ବଣ୍ଟନ କରିବାକୁ ପ୍ରତିଶ୍ରୁତିବଦ୍ଧ। ୨୦୨୪-୨୫ ଆର୍ଥିକ ବର୍ଷ ପାଇଁ ୧୮.୭୫ କୋଟି ଟଙ୍କାର ଡିଭିଡେଣ୍ଡ ପ୍ରଦାନର ଲକ୍ଷ୍ୟ ରଖିଛି, ଯାହା ପୂର୍ବ ବର୍ଷ ତୁଳନାରେ ୧୬% ଅଧିକ। ୨୦୨୪-୨୫ ଆର୍ଥିକ ବର୍ଷ ପାଇଁ, ଓପିଏଚଡବ୍ଲୁସି ୭୦୦ ପ୍ରକଳ୍ପ ସମାପ୍ତ କରିବାକୁ ରାଜି ହୋଇଛି, ଯେଉଁଥିରୁ ୨୦୦ ପ୍ରକଳ୍ପ ବାମପନ୍ଥୀ ଉଗ୍ରବାଦ ପ୍ରଭାବିତ ଅଞ୍ଚଳରେ କାର୍ଯ୍ୟକାରୀ ହେବ। ୨୦୨୪-୨୫ ଆର୍ଥିକ ବର୍ଷ ପାଇଁ ଗୃହ ବିଭାଗ ବ୍ୟତୀତ ଅନ୍ୟ ବିଭାଗଗୁଡ଼ିକରୁ କାରବାର ଲକ୍ଷ୍ୟ ୫୦% ହେବ। ୭୦୦ ସମ୍ପୂର୍ଣ୍ଣ ପ୍ରକଳ୍ପର କାର୍ଯ୍ୟ ଶେଷ କରିବାକୁ ଓପିଏଚଡବ୍ଲୁସିକୁ ମଧ୍ୟ ଲକ୍ଷ୍ୟ ଦିଆଯାଇଛି। ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ସମସ୍ତ ପ୍ରଯୁଜ୍ୟ ବୈଧାନିକ ଆବଶ୍ୟକତା ପାଳନ କରିବାକୁ ଓପିଏଚଡବ୍ଲୁସିକୁ ପରାମର୍ଶ ଦିଆଯାଇଛି।

# ୧୧ ଶହକୁ ୭ ହଜାର କଳାବଜାରୀ ମାଲାମାଲ୍

କଟକ, ୭/୨: ବାରବାଟୀରେ କ୍ରିକେଟ୍ ମ୍ୟାଚ୍ ପୂର୍ବରୁ ଟିକଟ୍ ଯୁଦ୍ଧର ଖୋଲିଲା ପୋଲ୍। ୧୧ ଶହ ଟଙ୍କାର ଟିକଟକୁ ୫ରୁ ୭ ହଜାରରେ ହେଉଛି କଳାବଜାରୀ। କେବଳ ପୁରୁଷ ନୁହେଁ, ମହିଳାମାନେ କରୁଛନ୍ତି ଟିକଟ କଳାବଜାରୀ। ଯାହାର ଭିଡ଼ିଓ ଲାଗିଛି ଓଟିଭି ହାତରେ। ଏହି ଘଟଣାରେ କଟକ କମିଶନରେଟ୍ ପୋଲିସ୍ ୪ଟି ମାମଲା ରୁଜୁ କରି ୭ ଜଣଙ୍କୁ ଗିରଫ କରିଛି। ଆସନ୍ତା ୯ ତାରିଖରେ ବାରବାଟୀରେ ହେବ କ୍ରିକେଟ ମ୍ୟାଚ୍। ତା'ପୂର୍ବରୁ ଅର୍ଥାତ ଗତ ୫ ତାରିଖରୁ ମିଳିଥିଲା କାଉଣ୍ଟରରେ ଟିକେଟ। ହେଲେ ଟିକଟ କାଉଣ୍ଟର ଖୋଲିବା ପୂର୍ବ ରାତିରୁ ଜମିଥିଲା ଭିଡ। ମହିଳା ଓ ପୁରୁଷମାନେ ରାତି ଓ ଦିନ ସାରା ଅନିଦ୍ରା ହୋଇ ଟିକଟ କାଉଣ୍ଟରରେ ଛିଡ଼ା ହୋଇଥିଲେ। ଯେଉଁଥିପାଇଁ କାଉଁଣ୍ଟରରେ ଠେଲାପେଲା ଓ ଦଳାଚକଟା ପରିସ୍ଥିତି ହୋଇଥିଲା। ଏଥିପାଇଁ ପୋଲିସକୁ ନାକେଦମ୍ ହେବାକୁ ପଡ଼ିଥିଲା। କାଉଣ୍ଟରରୁ କିଏ ଟିକଟ ପାଇଲା ତ ଆଉ କିଏ ଟିକଟ ପାଇଲା ନାହିଁ। ଯାହାକୁ ନେଇ ଖେଳ ପ୍ରେମୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଥିଲା। ଭାରତ ଓ ଇଂଲଣ୍ଡ ମ୍ୟାଚ ଦେଖିବା ପାଇଁ ଟିକଟ ଖଣ୍ଡେ ମିଳୁନାହିଁ। ହେଲେ ଟିକଟ ପାଇଁ ହାଟବଜାରରେ ମୁଲଚାଲ୍ ହେଉଛି। ବ୍ଲାକର ଓ ଗ୍ରାହକଙ୍କ ମଧ୍ୟରେ ଚାଲିଛି ଦର କଷାକଷି। ଯେଉଁ ଟିକଟର ଦାମ୍ ମାତ୍ର ୧୧ ଶଙ୍କ ଟଙ୍କା, ତାକୁ ବ୍ଲାକର କହୁଛି ୫ ହଜାର ନହେଲେ ହେବନାହିଁ। ଯାହାର ଭିଡିଓ ଭାଇରାଲ୍ ହେଉଛି। ପୁରୁଷ କଥା ଛାଡ଼ନ୍ତୁ, ଇଂଲଣ୍ଡ-ଇଣ୍ଡିଆ ଦିନିକିଆ ବାରବାଟୀ ଲଢ଼େଇ ଟିକଟ ବିକ୍ରି କରୁଛନ୍ତି କିଛି ମହିଳା।କୁହାଯାଉଛି, ଷ୍ଟାଡିୟମର ୭ ନମ୍ବର ଗ୍ୟାଲେରୀ ଟିକଟକୁ ଏଭଳି ବ୍ଲାକରେ ବିକ୍ରି କରାଯାଇଛି। କ୍ରିକେଟ ପ୍ରେମୀ ଜଣକ ଟିକେଟ ପିଛା ୪ ହଜାର ଟଙ୍କା ଦେବା ପାଇଁ କହୁଛନ୍ତି। କିନ୍ତୁ ରାଜି ହେଉନାହାଁନ୍ତି ମହିଳା ବ୍ଲାକର। ରୋକଠୋକ୍ କହୁଛନ୍ତି, ୫ ହଜାର ନହେଲେ ହେବନି। ଏପରିକି ଟିକଟ ଗୁଡ଼ାକ ୮ରୁ ୧୦ ହଜାର ଯାଏଁ ବିକ୍ରି ହେଉଥିବା କହୁଛନ୍ତି ଲେଡ଼ି ବ୍ଲାକର। ସବୁଠାରୁ ମଜାଦାର କଥା ହେଉଛି, ଯେଉଁ ମହିଳାମାନ ଟିକଟ ବ୍ଲାକ୍ କରୁଛନ୍ତି, ସେମାନେ ବୋଧହୁଏ କ୍ରିକେଟ୍ କ'ଣ ଜାଣନ୍ତି ନାହିଁ। ଭାରତ ଓ ଇଂଲଣ୍ଡର ଜଣେ ବି ଖେଳାଳୀଙ୍କ ନାଁ କହିପାରିବେ କି ନାହିଁ ସନ୍ଦେହ। କିନ୍ତୁ ଟିକଟ କଳାବଜାରୀରେ ଏମାନେ ପୂରା ଧୂରନ୍ଧର। କାଉଣ୍ଟରରେ ଟିକେଟ୍ ବିକ୍ରି ପୂର୍ବ ରାତିରେ ବୋଧହୁଏ ଏହି ମହିଳାମାନେ ଧାଡ଼ିରେ ଛିଡ଼ା ହୋଇଥିବା ଆଶଙ୍କା କରାଯାଉଛି। ଆଉ ଟିକଟର ପାଇଁ କରିଥିଲେ କଳାଧନ୍ଦା ! ଆଉ ସେହି ଆଶଙ୍କା ଶେଷରେ ସତ ହୋଇଛି। ସାମ୍ନାକୁ ଆସିଲା ଟିକଟ କଳାବଜାରୀର ଭାଇରାଲ୍ ଭିଡ଼ିଓ ।ଟିକଟ କଳାବଜାରୀ ଅଭିଯୋଗରେ ୭ ଜଣଙ୍କୁ ଗିରଫ କରିଛି ପୋଲିସ୍। ସେମାନଙ୍କଠାରୁ ଜବତ ହୋଇଛି ୨୫ଟି ଟିକଟ ସହ ୩୦ ହଜାର ଟଙ୍କା। କ୍ୟାଣ୍ଟନମେଣ୍ଟ ଥାନା ପୋଲିସ ୩ଟି ମାମଲା କରିଥିବା ବେଳେ ଦରଘା ବଜାର ଥାନା ପୋଲିସ ଗୋଟିଏ ମାମଲା ରୁଜୁ କରିଛି। ଏନେଇ ସୂଚନା ଦେଇଛନ୍ତି କଟକ ଡିସିପି ଜଗମୋହନ ମୀନା। ତେବେ ପ୍ରଶ୍ନ ଉଠୁଛି, ଏମାନେ କେଉଁଠୁ ପାଇଲେ ଏତେ ଟିକଟ ଏମାନଙ୍କୁ କିଏ ଦେଲା ଗ୍ୟାଲେରୀ ଟିକଟ ? କାଉଣ୍ଟରରେ ଟିକଟ ବିକ୍ରି ପୂର୍ବ ରାତିରୁ ଧାଡ଼ି ବାନ୍ଧିଥିବା ମହିଳାଙ୍କ ଭିତରେ ଏମାନେ ଥିଲେ କି ? ଟିକେଟ କଳାବଜାରୀ ସିଣ୍ଡିକେଟ୍ ପଛର ମାଷ୍ଟରମାଇଣ୍ଡ ଆଉ କିଏ ଅଛି କି ? ଯିଏ ମହିଳାଙ୍କୁ ବ୍ଲାକର୍ ସଜାଇ ନିଜେ ମାଲାମାଲ୍ ହେବାକୁ ଯୋଜନା ତିଆରି କରିଛି କି ? ଏସବୁ ସମସ୍ତ ଦିଗକୁ ଧରି କମିଶନରେଟ୍ ପୋଲିସ ଖୋଳତାଡ଼ କରୁଛି।

# ବିଜେଡି ଔଷଧ ବିକଳରେ ତାଟିଆ କାମୁଡୁଛି : ସତ୍ୟବ୍ରତ ପଣ୍ଡା




ଭୁବନେଶ୍ୱର,୭/୨: ରାଜ୍ୟରେ ପୂର୍ବ ବିଜେଡି ସରକାର ୨୦୨୦ରେ ଓଡ଼ିଶା ବିଶ୍ୱବିଦ୍ୟାଳୟ(ସଂଶୋଧନ) ଆଇନ ପ୍ରଣୟନ କରି ଶିକ୍ଷାନୁଷ୍ଠାନର ସ୍ୱାୟତତାକୁ ନଷ୍ଟ କରିବା ପାଇଁ ବଡ଼ ଷଡଯନ୍ତ୍ର କରିଥିଲେ, ଯାହାକୁ ଶିକ୍ଷା ଜଗତ, ବୁଦ୍ଧିଜୀବୀ ଓ ଛାତ୍ରଛାତ୍ରୀ ମହଲରୁ ତୀବ୍ର ବିରୋଧ କରାଯାଇଥିଲା । ତେବେ ଆଜି ୟୁଜିସି ଡ୍ରାଫ୍ଟ - ୨୦୨୫ ଉପରେ ବିଜେଡି ପ୍ରସଙ୍ଗବିହୀନ ଭାବେ କେନ୍ଦ୍ରକୁ ସମାଲୋଚନା କରି ରାଜନୈତିକ ଫାଇଦା ଉଠାଇବା ପାଇଁ ଯେଉଁ ଅମୂଳକ ଯୁକ୍ତି ବାଢୁଛି ତାହା ନିନ୍ଦନୀୟ ବୋଲି କହିଛନ୍ତି ରାଜ୍ୟ ବିଜେପି ମୁଖପାତ୍ର ସତ୍ୟବ୍ରତ ପଣ୍ଡା । ରାଜ୍ୟ କାର୍ଯ୍ୟାଳୟରେ ଏକ ପ୍ରେସମିଟ କରି ଶ୍ରୀ ପଣ୍ଡା କହିଛନ୍ତି ଯେ ବିଜେଡି ଦଳ ୟୁଜିସି ଗ୍ରାଣ୍ଟ କମିଶନର ଅଧକ୍ଷଙ୍କୁ ଚିଠି ଲେଖି ୟୁଜିସି (ବିଶ୍ୱବିଦ୍ୟାଳୟ ଓ ମହାବିଦ୍ୟାଳୟରେ ଶିକ୍ଷକ ଓ ଏକାଡେମିକ୍ କର୍ମଚାରୀଙ୍କ ନିଯୁକ୍ତି ଓ ପଦୋନ୍ନତି ପାଇଁ ସର୍ବନିମ୍ନ ଯୋଗ୍ୟତା ଏବଂ ଉଚ୍ଚଶିକ୍ଷାରେ ମାନକ ରକ୍ଷଣାବେକ୍ଷଣ ପାଇଁ ପଦକ୍ଷେପ) ନିୟମାବଳୀ, ୨୦୨୫ ଉପରେ ଯେଉଁ ବିଷୟ ସବୁ ରଖିଛନ୍ତି, ଲାଗୁଛି ସେ ଉକ୍ତ ଡ୍ରାଫ୍ଟ ୟୁଜିସିର ନିୟମାବଳୀକୁ ପଢିନାହାନ୍ତି । କେବଳ ନାମକୁ ମାତ୍ର ବିରୋଧ କରିବା ପାଇଁ ଏହି ଚିଠିଟି ଲେଖିଛନ୍ତି । ବିଜେଡି ଯେଉଁଭଳି ଭାବେ ଡ୍ରାଫ୍ଟ ୟୁଜିସିର ନିୟମାବଳୀ ଉପରେ ରାଜ୍ୟ ସଂଘୀୟ ବ୍ୟବସ୍ଥାର ବିରୋଧ ଭଳି ଅଭିଯୋଗ ଆଣିଛି ତାହା ଭିତ୍ତିହୀନ । ସ୍ୱାଧୀନତା ପର ଠାରୁ ବିଶ୍ୱବିଦ୍ୟାଳୟର କ୍ଷମତା କୁଳାଧିପତି ତଥା ମାନ୍ୟବର ରାଜ୍ୟପାଳଙ୍କ ହାତରେ ରହିଆସିଛି । ରାଜ୍ୟ ବିଶ୍ୱବିଦ୍ୟାଳୟର ମୁଖ୍ୟ କୁଳାଧିପତି ହିଁ ଅଟନ୍ତି । ରାଜ୍ୟପାଳଙ୍କୁ ଏକ ନିର୍ଦ୍ଦିଷ୍ଟ ଆଇନ ଅଧୀନରେ କୁଳାଧିପତି କରାଯାଇଥାଏ ଏବଂ ସେହି ଆଇନକୁ ସେ ପାଳନ କରନ୍ତି । ସେ ହିଁ ବିଶ୍ୱବିଦ୍ୟାଳୟ ପାଇଁ କୁଳପତି ନିଯୁକ୍ତି କରିବାର ନିୟମ ରହିଛି । ତେବେ ବିଜେଡି କେବଳ ନାଁକୁ ସମାଲୋଚନା କରିବା ପାଇଁ ଔଷଧ ବିକଳରେ ତାଟିଆ କାମୁଡି ଏଭଳି ତର୍କବିହୀନ ଯୁକ୍ତି ବାଢୁଛି । ଶ୍ରୀ ପଣ୍ଡା କହିଛନ୍ତି ଯେ ତତ୍କାଳୀନ ବିଜେଡି ସରକାର ରାଜନୈତିକ ଉଦ୍ଦେଶ୍ୟ ରଖି ୨୦୨୦ରେ ଓଡ଼ିଶା ବିଶ୍ୱବିଦ୍ୟାଳୟ(ସଂଶୋଧନ) ଆଇନ ପ୍ରଣୟନ କରିଥିଲେ, ଯାହା ମୂଳ ଆଇନ ୧୯୮୯ ଅନେକ ବ୍ୟାପକ ପରିବର୍ତ୍ତନ ଆଣିଥିଲା, ଉକ୍ତ ଆଇନରେ ପରିବର୍ତ୍ତନ କେବଳ ୟୁଜିସି ଦ୍ୱାରା ନିର୍ଦ୍ଧାରିତ ୟୁଜିସି ଆଇନର ବ୍ୟବସ୍ଥା ଏବଂ ନିୟମରେ ଦ୍ୱନ୍ଦ ସୃଷ୍ଟି କରୁନଥିଲା ବରଂ ଶିକ୍ଷାନୁଷ୍ଠାନଗୁଡ଼ିକର ସ୍ୱାର୍ଥ, ସେମାନଙ୍କ ସ୍ୱାୟତତାକୁ ମଧ୍ୟ କ୍ଷୁଣ୍ଣ କରୁଥିଲା । ବିଶ୍ୱବିଦ୍ୟାଳୟରେ କୁଳପତି ଚୟନ, ଶିକ୍ଷକ ନିଯୁକ୍ତି ପ୍ରକ୍ରିୟା ଓ ପଦ୍ଧତି ସମ୍ପର୍କରେ ଉପରୋକ୍ତ ବିଶ୍ୱବିଦ୍ୟାଳୟ (ସଂଶୋଧନ) ଆଇନରେ ଯେଉଁ ନିର୍ଦ୍ଦିଷ୍ଟ ବ୍ୟବସ୍ଥା ରହିଥିଲା ତାହା କେବଳ ୟୁଜିସିର ଏହି ନିୟମାବଳୀ ସହ ଅସଙ୍ଗତ ନୁହେଁ ବରଂ ମାନ୍ୟବର ସର୍ବୋଚ୍ଚ ନ୍ୟାୟାଳୟଙ୍କ ଦ୍ୱାରା ନିର୍ଦ୍ଧାରିତ ନ୍ୟାୟିକ ନିର୍ଦ୍ଦେଶକୁ ମଧ୍ୟ ଅଣଦେଖା କରୁଥିଲା । ପୂର୍ବ ସରକାରଙ୍କ ଏହି ପଦକ୍ଷେପ ଗୁଡ଼ିକ ଓଡ଼ିଶାର ଶିକ୍ଷାନୁଷ୍ଠାନଗୁଡ଼ିକର ସ୍ୱାୟତତାକୁ ସଂକୁଚିତ କରିବା ଉଦ୍ଦେଶ୍ୟରେ ନିଆଯାଇଥିଲା ଏବଂ ଓଡ଼ିଶାରେ ଶିକ୍ଷାବିତଙ୍କ ବିଶ୍ୱସନୀୟତା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଥିଲା । ସଂଶୋଧିତ ଆଇନ ଅନୁଯାୟୀ ବିଶ୍ୱବିଦ୍ୟାଳୟର ସର୍ବୋଚ୍ଚ କାର୍ଯ୍ୟନିର୍ବାହୀ ସଂସ୍ଥା ସିଣ୍ଡିକେଟ୍ ଗଠନରେ କୁଳାଧିପତି ଓ ସରକାରୀ ଅଧିକାରୀଙ୍କ ବହୁ ସଂଖ୍ୟକ ମନୋନୀତ ସଦସ୍ୟଙ୍କୁ ସାମିଲ କରାଯିବା ଶିକ୍ଷାବିତ୍ ମହଲରେ ଉଦବେଗ ସୃଷ୍ଟି କରିଥିଲା। ଏହି ସଂଶୋଧିତ ବିଲକୁ ସବୁ ଆଡୁ ବିରୋଧ କରାଯାଇଥିଲା । ବିଜେପି ମୁଖପାତ୍ର କହିଛନ୍ତି ଯେ ୟୁଜିସିର ନିୟମାବଳି ବ୍ୟାପକ ବିଚାରବିମର୍ଶ ଆଲୋଚନା ପରେ ପ୍ରସ୍ତୁତ କରାଯାଏ ଏବଂ ଶିକ୍ଷାନୁଷ୍ଠାନର ସ୍ୱାୟତତାକୁ ସମ୍ମାନ ଦେଇ ଶୈକ୍ଷିକ ମାନରେ ସମାନତା ବଜାୟ ରଖିବା ଉଦ୍ଦେଶ୍ୟରେ ପ୍ରସ୍ତୁତ କରାଯାଇଥାଏ । ଜାତୀୟ ଶିକ୍ଷା ନୀତି ଅନୁଯାୟୀ ଡ୍ରାଫ୍ଟ ୟୁଜିସି (ବିଶ୍ୱବିଦ୍ୟାଳୟ ଓ କଲେଜରେ ଶିକ୍ଷକ ଓ ଏକାଡେମିକ କର୍ମଚାରୀଙ୍କ ନିଯୁକ୍ତି ଓ ପଦୋନ୍ନତି ପାଇଁ ସର୍ବନିମ୍ନ ଯୋଗ୍ୟତା ଏବଂ ଉଚ୍ଚଶିକ୍ଷାରେ ମାନକ ରକ୍ଷଣାବେକ୍ଷଣ ପାଇଁ ପଦକ୍ଷେପ) ନିୟମାବଳୀ, ୨୦୨୫ ବିଶ୍ୱବିଦ୍ୟାଳୟଗୁଡ଼ିକୁ ସୁବିଧା ଉପାୟରେ ସେମାନଙ୍କ ଅନୁଷ୍ଠାନରେ ଶିକ୍ଷକ ଏବଂ ଶୈକ୍ଷିକ କର୍ମଚାରୀଙ୍କୁ ନିଯୁକ୍ତି ଏବଂ ପଦୋନ୍ନତି ଦେବାରେ ସହାୟକ ହେବ । ୟୁଜିସିର ଉକ୍ତ ନିୟମାବଳିରେ ପ୍ରାରମ୍ଭିକ ସଂସ୍କାର ଓ ମାର୍ଗଦର୍ଶିକା ଉଚ୍ଚ ଶିକ୍ଷାର ପ୍ରତ୍ୟେକ ଦିଗରେ ନବସୃଜନ, ସମାବେଶୀ, ସରଳୀକରଣ ପ୍ରକ୍ରିୟାକୁ ପ୍ରାଥମିକତା ଦେଇ ଗତିଶୀଳତାକୁ ପ୍ରୋତ୍ସାହିତ କରିବ । ଶିକ୍ଷକ ଓ ଶିକ୍ଷାନୁଷ୍ଠାନ କର୍ମଚାରୀଙ୍କୁ ସଶକ୍ତ କରିବ । ନିୟମାବଳୀର ପ୍ରମୁଖ ବିଶେଷତା ହେଉଛି ଯୋଗ୍ୟତା ସହ ପିଏଚଡି ଅଭିଜ୍ଞତା ଉପରେ ବିଶେଷ ଧ୍ୟାନ ଦିଆଯିବ । ଭାରତୀୟ ଭାଷାକୁ ପ୍ରୋତ୍ସାହିତ କରାଯିବା ସହ ସାମଗ୍ରିକ ମୂଲ୍ୟାୟନ, ସରଳୀକରଣ ପଦୋନ୍ନତି ପ୍ରକ୍ରିୟା, ଅନ୍ତର୍ଭୁକ୍ତୀକରଣ ସହ ପ୍ରତିଭାବାନ ବ୍ୟକ୍ତିବିଶେଷଙ୍କୁ ଯୋଗ୍ୟତା ଆଧାରରେ ନିଯୁକ୍ତି କ୍ଷେତ୍ରରେ ଅଗ୍ରାଧିକାର ଦେବ । ଭିନ୍ନକ୍ଷମଙ୍କ ସମେତ ଦକ୍ଷ କ୍ରୀଡ଼ାବିତମାନଙ୍କୁ ଶିକ୍ଷକତା ବୃତ୍ତିରେ ପ୍ରବେଶ କରିବାର ସୁଯୋଗ ଆଦି ପ୍ରଦାନ କରିବ ବୋଲି ସେ କହିଛନ୍ତି।

# ହାତୀମୁଣ୍ଡା ସେବାଶ୍ରମ ବିଦ୍ୟାଳୟରେ ଦ୍ୱିତୀୟ ବାର୍ଷିକ ଉତ୍ସବ ଅନୁଷ୍ଠିତ





ଦାରିଙ୍ଗବାଡି ତା,୦୭/୦୨ ଜଗନ୍ନାଥ ଏକ୍ସପ୍ରେସ ( ଶ୍ରୀ କ୍ଷୀରୋଦ କୁମାର ସାହାଣୀଙ୍କ ରିପୋର୍ଟ ) ଓଡ଼ିଶାର ଭୂସ୍ୱର୍ଗ ମନ୍ୟତା ପାଇଥିବା କନ୍ଧମାଳ ଜିଲ୍ଲା ଦାରିଙ୍ଗବାଡି ବ୍ଲକ ଅନ୍ତର୍ଗତ ହାତୀମୁଣ୍ଡା ପଂଚାୟତ ସ୍ଥିତ ଆଶ୍ରମ ବିଦ୍ୟାଳୟରେ ପ୍ରଧାନ ଶିକ୍ଷକ ଶ୍ରୀ ଜୟକୃଷ୍ଣ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି । ଉକ୍ତ ବାର୍ଷିକ ଉତ୍ସବରେ ମୁଖ୍ୟ ଅତିଥିଭାବେ ଖଜୁରୀପଡା ବ୍ଲକ ସ୍ଥିତ ଦୁତିପଡା ଆଶ୍ରମ ଉଚ୍ଚ ବିଦ୍ୟାଳୟ ଅବସର ପ୍ରାପ୍ତ ବରିଷ୍ଠ ପ୍ରଧାନ ଶିକ୍ଷକ ତଥା ଡି ଆଇ ଶ୍ରୀ ଶୁକଦେବ ପ୍ରଧାନ ଯୋଗଦାନ କରିଥିବା ବେଳେ ମୁଖ୍ୟବକ୍ତା ଭାବେ ଶ୍ରୀ ତୀର୍ଥ ବାସି ଘଡେଇ ସାଧାରଣ ସମ୍ପାଦକ କଲ୍ୟାଣ ବିଭାଗ ଶିକ୍ଷକ ସଙ୍ଘ କନ୍ଧମାଳ, ଏବଂ ସନମାନୀତ ଅତିଥିଭାବେ ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଶ୍ରୀ ତାରେଶ୍ୱର ଲେଖାମାଝୀ, ଏବଂ ଅନ୍ୟ ସମସ୍ତ ସନମାନୀତ ଅତିଥି ମାନଙ୍କ ମଧ୍ୟରେ କସାବସା ବିଦ୍ୟାଳୟ ର ପ୍ରଧାନ ଶିକ୍ଷୟତ୍ରୀ, ହାତୀ ମୁଣ୍ଡା କ୍ଲଷ୍ଟର ସି ଆର ସି, ହାତୀମୁଣ୍ଡା ସମିତି ସଭ୍ୟ, ଶ୍ରୀମତୀ ଝଂଙ୍କସେନୀ ପରିଡା ଦଣ୍ଡପଦର ସେବାଶ୍ରମ ବିଦ୍ୟାଳୟ ପ୍ରଧାନ ଶିକ୍ଷୟତ୍ରୀ, ଶ୍ରୀ ଯଶୋବନ୍ତ ପ୍ରଧାନ ପୂର୍ବତନ ପ୍ରଧାନ ଶିକ୍ଷକ ହାତୀମୁଣ୍ଡା ଏବଂ ଶ୍ରୀମତୀ ସସ୍ମିତା ମଲିକ ଯୋଗଦାନ କରିଥିଲେ । କାର୍ଯ୍ୟକ୍ରମ ଆରମ୍ଭ ପୂର୍ବରୁ ବରେଣ୍ୟ ମୁଖ୍ୟ ଅତିଥି ଶ୍ରୀ ପ୍ରଦୀପ ପ୍ରଜ୍ୱଳନ କରି କରିଥିଲେ, ଏହାପରେ ଅତିଥି ମାନଙ୍କୁ ବିଦ୍ୟାଳୟ ଛାତ୍ର ଛାତ୍ରୀମାନେ ଉତ୍ତରୀୟ ଓ ପୁଷ୍ପମାଲ୍ୟ ଦେଇ ସ୍ୱାଗତ କରିବା ସହିତ ସ୍ୱାଗତ ସଂଗୀତ ପରିବେଷଣ କରିଥିଲେ । ଏହାପରେ ବାର୍ଷିକ ଉତ୍ସବ ଉପଲକ୍ଷେ ବିଦ୍ୟାଳୟରେ ଅନୁଷ୍ଠିତ ହୋଇଥିବା ବିଭିର୍ଣ୍ଣ ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ର ଛାତ୍ରୀ ମାନଙ୍କୁ ଯଥା ;- ବାଳକ ବିଭାଗରେ ଚମ୍ପିୟାନ ହୋଇଥିବା ସାଲଭେସନ ମୁଠା ମାଝୀ ଓ ବାଳିକା ବିଭାଗରେ ଚମ୍ପିୟାନ ହୋଇଥିବା ମଧୁସ୍ମିତା ବଳିୟାରସିଂ କୁ ବରେଣ୍ୟ ମୁଖ୍ୟ ଅତିଥିଙ୍କ ଦ୍ୱାରା ପୁରସ୍କାର ଓ ମାନ ପତ୍ର ପ୍ରଦାନ କରାଯାଇଥିଲା । ହାତୀମୁଣ୍ଡା ସେବାଶ୍ରମ ବିଦ୍ୟାଳୟର ଦ୍ୱିତୀୟ ଥର ପାଇଁ ଏଭଳି ଏକ ବାର୍ଷିକ ଉତ୍ସବ ଭଳି ସୁନ୍ଦର କାର୍ଯ୍ୟକ୍ରମ କରାଯାଇଥିବାରୁ ଅଞ୍ଚଳ ବାସି ପ୍ରଧାନ ଶିକ୍ଷକ ଶ୍ରୀ ଜୟକୃଷ୍ଣ ସାହୁଙ୍କୁ ଭୁୟସୀ ପ୍ରଶଂସା କରିଥିଲେ । ଆଜିର ବାର୍ଷିକ ଉତ୍ସବକୁ ଆହୁରି ସରଷ ସୁନ୍ଦର କରିବା ପାଇଁ ନିଷ୍ଠାର ସହିତ ସମସ୍ତ କାର୍ଯ୍ୟକୁ ବିଦ୍ୟାଳୟ ର ସହକାରୀ ଶିକ୍ଷକ ଶ୍ରୀ ଅଂଶୁମାନ ଭୋଇ,ରବୀନ୍ଦ୍ର ଦେଶ ମାଝୀ, ଶ୍ରୀ ବିଭୁ ବଳିୟାରସିଂ, ପ୍ରମୁଖ ସକ୍ରିୟ ଅଂଶ ଗ୍ରହଣ କରି ସମସ୍ତ କାର୍ଯ୍ୟକ୍ରମ କୁ ସଫଳତାର ଶୀର୍ଷରେ ପହଞ୍ଚାଇଥିବା ଦେଖିବାକୁ ମିଳିଥିଲା । ଚଳିତ ବର୍ଷ ହାତୀମୁଣ୍ଡା ସେବାଶ୍ରମ ବିଦ୍ୟାଳୟର ବାର୍ଷିକ ଉତ୍ସବ ଅଭିଭାବକ ଓ ଦର୍ଶକ ମାନଙ୍କ ମଧ୍ୟରେ ଏକ ଅଭୁତପୂର୍ବ ଆନନ୍ଦ ଆଣିଦେଇ ଥିବାର ଦେଖିବାକୁ ମିଳିଥିଲା ।

# ବେଆଇନ ଭାବେ ପୋଖରୀ ରୁ ଜଳନିଷ୍କାସନ କରି ମାଟି ବିକ୍ରିକରି ବା ପାଇଁ ମସୁଧା

## ଗ୍ରାମରେ ଉତ୍ତେଜନା, ମୁଖ୍ୟମନ୍ତ୍ରୀଙ୍କ ନିକଟରେ ଅଭିଯୋଗ



ଜଗତସିଂହପୁର ତା ୭/୨(ନୀପ୍ର)ଜଗତସିଂହପୁର ଜିଲ୍ଲାର ରଘୁନାଥପୁର ବ୍ଲକ ଅଧିନସ୍ଥ ଧରାଧରପୁର ଗ୍ରାମରେ ଥିବା ବଡ ପୋଖରୀ ବିନା ନିଲାମରେ ପୋଖରୀରୁ ଜଳନିଷ୍କାନ କରାଯାଇ ମାଟି ବିକ୍ରି ପାଇଁ ମସୁଧା ହେଉଥିବାକୁ ନେଇ ଗ୍ରାମରେ ଉତ୍ତେଜନା ଦେଖା ଦେଇଛି । ଯାହାକୁ ନେଇ ଗ୍ରାମବାସୀ ମାନେ ମୁଖ୍ୟମନ୍ତ୍ରୀ, ଜିଲ୍ଲାପାଳ ଓ ସ୍ଥାନୀୟ ବିଡିଓଙ୍କୁ ଲିଖିତ ଅଭିଯୋଗ କରିଛନ୍ତି । ସେମାନେ ତାଙ୍କ ଅଭିଯୋଗରେ ଦର୍ଶାଇଛନ୍ତି ଯେ ଆମ ଗ୍ରାମର ବଡପୋଖରୀ ନାମକ ୫ଏକର ବିଶିଷ୍ଟ ଏକ ଜଳାଶ୍ରୟ କୁ ସରପଞ୍ଚ ୬ମାସ ହେବ ନିଲାମ ନଦେଇ ପକାଇ ରଖିଥିଲେ । ଏବେ ସେଇ ପୋଖରୀ କୁ ବେଆଇନୀ ଭାବେ ୨ଦିନ ହେବ ଜଳ ନିଷ୍କାସନ କରିବାରେ ଲାଗିଛନ୍ତି । ଉକ୍ତ ପୋଖରୀ ଟି ଆମ୍ଭ ଗ୍ରାମର ଏକମାତ୍ର ଜଳାଶ୍ରୟ, ଯାହାକୁ ଗ୍ରାମବାସୀ ମାନେ ସ୍ନାନ,ଶୁଦ୍ଧିକ୍ରିୟା ତଥା ଅନ୍ୟାନ୍ୟ କାର୍ଯ୍ୟ ପାଇଁ ଏବଂ ଗ୍ରାମର ଗୃହପାଳିତ ତଥା ବନ୍ୟ ପଶୁପକ୍ଷୀ ମଧ୍ୟ ପାଣି ପିଇବା ପାଇଁ ବ୍ୟବହାର କରିଥାନ୍ତି ।ଏହି ପୋଖରୀର ଦୁଇ ପାର୍ଶରେ ଦୁଇଟି ବଡ ପାହାଚ ରହିଛି ଏବଂ ଏହାର ଯଥେଷ୍ଟ ଗଭୀରତା ରହିଛି । ଏଣୁ ଅଧିକ ଖନନ କିମ୍ବା ସୁଖାଇବାର କୌଣସି ଆବଶ୍ୟକତା ନଥିବା ସ୍ଥଳେ ପୋଖରୀ ଟିକୁ ବାରମ୍ବାର ଶୁଖାଇବା ଏବଂ ଜଳ ନିଷ୍କାସନ କରିବା ଦ୍ୱାରା ଗ୍ରୀଷ୍ମ ଋତୁରେ ଏହା ଗ୍ରାମବାସୀ ଙ୍କ ପାଇଁ ବହୁତ ଅସୁବିଧା ସୃଷ୍ଟି କରୁଛି ଏବଂ ଆବଶ୍ୟକତା ଠାରୁ ଅଧିକ ଖୋଳିବା ଦ୍ୱାରା ମାଛ ଚାଷ ରେ ମଧ ବାଧକ ସାଜୁଛି। ଆହୁରି ମଧ୍ୟ ଏହି ଗ୍ରାମରେ ଆଦିବାସୀ ଜନଜାତି ସମ୍ପ୍ରଦାୟର ଲୋକ ମାନେ ବସବାସ କରୁଥିବାରୁ ସେମାନେ ମଧ୍ୟ ଏହି ପୋଖରୀ ଉପରେ ନିର୍ଭର ଶୀଳ ।ପୋଖରୀ ସୁଖିଗଲେ ଗ୍ରୀଷ୍ମପ୍ରବାହରେ ଜଳ ପାଇଁ ଗ୍ରାମବାସୀ ଘୋର ଅସୁବିଧାର ସମ୍ମୁଖୀନହେବେ। ଏଠାରେ ସୂଚନା ଥାଉକି ।ଗତବର୍ଷ ଗ୍ରୀଷ୍ମ ମାସରେ ନିଲାମ ଅବଧି ପୂର୍ବରୁ ସରପଞ୍ଚ ଏହି ଜଳାଶ୍ରୟ କୁ ଶୁଖାଇ ରାତି ଅଧରେ ଜେସିବି ଓ ଟ୍ରାକ୍ଟର ମାଧ୍ୟମରେ ସେଥିରୁ ୨୦୦ ଟ୍ରିପରୁ ଉର୍ଦ୍ଧ ମାଟି ଉଠାଇ ନେଇଥିଲେ । ବ୍ଲକ୍ ପ୍ରଶାସନ କୁ ଗ୍ରାମବାସୀ ଜଣାଇବାରୁ ତତ୍କାଳୀନ ବିଡ଼ିଓ ରଘନାଥପୁର ପୋଲିସ ର ସହାୟତା ରେ ଏହି ଖନନ କାର୍ଯ୍ୟକୁ ବନ୍ଦ କରିବାକୁ ନିର୍ଦ୍ଦେଶ ଦେବାସହ ତାଗିଦ ମଧ୍ୟ କରିଥିଲେ ।ଏବେ ବିଡ଼ିଓ ଙ୍କ ବଦଳି ପରେ ନୂତନ ବିଡ଼ିଓ ଆସିବା ଭିତରେ କିଛି ଅସାଧୁ ବ୍ଲକ କର୍ମଚାରୀଙ୍କୁ ହାତକରି ଏହିପରି କାର୍ଯ୍ୟ କରାଯାଉଛି ବୋଲି ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଯଦି ପ୍ରଶାସନ ଆସନ୍ତା ୧୦ଦିନ ମଧ୍ୟରେ ଏହାର ସମାଧାନ ନକରେ ତେବେ ରଘନାଥପୁର ବ୍ଲକ ସମ୍ମୁଖରେ ଜନ ଆନ୍ଦୋଳନ କରାଯିବ ବୋଲି ସେମାନେ ଚେତାବନୀ ଦେଇଛନ୍ତି। ଗ୍ରାମର ସରିତ ମହାପାତ୍ର, ଉମାକାନ୍ତ ପାତ୍ର,ଯୁଗଳ କିଶୋର ମଲ୍ଲିକ, ରାକେଶ ଦାସ,ଜୟନ୍ତୀ ମହାପାତ୍ର,ନିରଂଜନ ମଲ୍ଲିକ,ଅନିତା ମୂର୍ମୁ,ମିନତୀ ଭୂୟାଁ,ଜାଚୁର ମୂର୍ମୁ,ସାଗରୀକା ମହାପାତ୍ର ଙ୍କ ସମେତ ଶତାଧିକ ଗ୍ରାମବାସୀ ସରକାର ଓ ପ୍ରଶାସନକୁ ଅଭିଯୋଗ କରିଛନ୍ତି।

# ପାରାଦୀପ ମହାବିଦ୍ୟାଳୟ ର ତିନିଦିନ ବ୍ୟାପି ସୁବର୍ଣ୍ଣ ଜୟନ୍ତୀ ମହୋତ୍ସବ କୁ ଉଦଘାଟନ କଲେ ମହାମହିମ ରାଜ୍ୟପାଳ



ପାରାଦୀପ, ତା୭/୨(ନି.ପ୍ର) ପାରାଦୀପ ମହାବିଦ୍ୟାଳୟ ର ତିନିଦିନ ବ୍ୟାପି ସୁବର୍ଣ୍ଣ ଜୟନ୍ତୀ ମହୋତ୍ସବ ମହାସମାରୋହରେ ଉଦଘାଟିତ ହୋଇଯାଇଛି । ମହାମହିମ ରାଜ୍ୟପାଳ ଡ଼ଃ. ହରି ବାବୁ କମ୍ଭମପତି ମୁଖ୍ୟ ଅତିଥି ଭାବେ ଯୋଗଦେଇ ଫେବୃଆରୀ ୭ ତାରିଖ ଶୁକ୍ରବାର ଦିନ ଏହି ସୁବର୍ଣ୍ଣ ଜୟନ୍ତୀ ସମାରୋହ ର ଶୁଭ ଉଦଘାଟନ କରିଥିଲେ । ଛାତ୍ରଛାତ୍ରୀ ମାନଙ୍କ ଉଦେଶ୍ୟରେ ରାଜ୍ୟପାଳ ଙ୍କ ମୂଲ୍ୟବାନ ପରାମର୍ଶ ଦେଇ କହିଥିଲେ ଯେ ଏକ ସୁସ୍ଥ ସମାଜ ଓ ଗଣତନ୍ତ୍ରର ମୂଳଦୁଆ ଆରମ୍ଭ ହୁଏ ପିତାମାତା ଙ୍କ ଆଶୀର୍ବାଦ ଏବଂ ସହନଶୀଳ ଶ୍ରଦ୍ଧାପଣରେ। ଆଜିର ସମାଜରେ ଯେଉଁ ଭୟଙ୍କର ସାଂସ୍କୃତିକ ଓ ଭାବଗତ ସଙ୍କଟ ଦେଖାଦେଇଛି, ଯୁବକ ଯୁବତୀ ଙ୍କର ପାରିବାରିକ ସମ୍ପର୍କର ଅଧୋପତନ ହୋଇଛି । ଏଥିପ୍ରତି ବର୍ତ୍ତମାନ ଓ ଭବିଷ୍ୟତର ଯୁବପିଢ଼ି ଯଥେଷ୍ଟ ଯତ୍ନବାନ ହେବା ଉଚିତ ବୋଲି ରାଜ୍ୟପାଳ ଗୁରୁତ୍ୱାରୋପ କରିଥିଲେ। ପାରାଦୀପ ମହାବିଦ୍ୟାଳୟ ଅଧ୍ୟକ୍ଷା ଡ଼ଃ. ସସ୍ମିତା ଶତପଥୀ ଙ୍କ ସଭାପତିତ୍ୱରେ ଆୟୋଜିତ ଏହି ଉଦଘାଟନୀ ସଭାରେ ରାଜ୍ୟ ଶିଳ୍ପ, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗ ମନ୍ତ୍ରୀ ତଥା ପାରାଦୀପ ମହାବିଦ୍ୟାଳୟ ର ପ୍ରାକ୍ତନ ଛାତ୍ର ସମ୍ପଦ ଚନ୍ଦ୍ର ସ୍ୱାଇଁ, ରାଜ୍ୟ କ୍ରୀଡା ଓ ଉଚ୍ଚ ଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ, ଜଗତସିଂହପୁର ସାଂସଦ ତଥା ମହାବିଦ୍ୟାଳୟ ର ପ୍ରାକ୍ତନ ଛାତ୍ର ଡ଼ଃ. ବିଭୁ ପ୍ରସାଦ ତରାଇ,ବାସୁଦେବପୁର ବିଧାୟକ ଅଶୋକ କୁମାର ଦାସ, ପାରାଦୀପ ବନ୍ଦର ଅଧ୍ୟକ୍ଷ ପି.ଏଲ.ହରନାଦ, ଜଗତସିଂହପୁର ଜିଲ୍ଲାପାଳ ଜେ.ସୋନାଲ, ପାରାଦୀପ ପୌରାଧ୍ୟକ୍ଷ ବସନ୍ତ ବିଶ୍ୱାଳ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ମହାବିଦ୍ୟାଳୟ ଓ ଆଲୁମୁନି ଆସୋସିଏସନ ମିଳିତ ଆନୁକୂଲ୍ୟରେ ଅନୁଷ୍ଠିତ ସୁବର୍ଣ୍ଣ ଜୟନ୍ତୀ ପାଳନ ର ସଫଳତା ପାଇଁ ସମସ୍ତ ଆୟୋଜକ ମାନଙ୍କୁ ପ୍ରଶଂସା କରିଥିଲେ । ତେବେ ମହାବିଦ୍ୟାଳୟ ର ଉନ୍ନତି ଓ ଉତ୍କର୍ଷତା ଉପରେ ମନ୍ତ୍ରୀ ସମ୍ପଦ ସ୍ୱାଇଁ ଓ ସମସ୍ତ ଅତିଥି ଗୁରୁତ୍ୱାରୋପ କରିଥିଲେ । ଏହି ଅବସରରେ ସମସ୍ତ ଅତିଥି ମାନଙ୍କ ଉପସ୍ଥିତିରେ କଲେଜ ର ମଲ୍ଟି ପର୍ପସ ଗୃହର ଶିଳାନ୍ୟାସ କରାଯାଇଥିଲା । ଶେଷରେ ଆଲୁମିନି ଆସୋସିଏସନ ର ସଭାପତି ବସନ୍ତ ବିଶ୍ୱାଳ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। ସମସ୍ତ କାର୍ଯ୍ୟକ୍ରମ କୁ ପାରାଦୀପ ଅତିରିକ୍ତ ଜିଲ୍ଲାପାଳ ତଥା ମହାବିଦ୍ୟାଳୟ ପରିଚାଳନା କମିଟି ର ସଭାପତି ନିରଞ୍ଜନ ବେହେରା, ଅଧ୍ୟକ୍ଷା ଡ଼ଃ.ସସ୍ମିତା ଶତପଥୀ, ଆଲୁମିନି ଆସୋସିଏସନ ର ସଭାପତି ବସନ୍ତ ବିଶ୍ୱାଳ, ସାଧାରଣ ସମ୍ପାଦକ ଗୌତମ ନାୟକ, ପ୍ରାଧ୍ୟାପକ ଅକ୍ଷୟ ଚନ୍ଦ୍ର ମିଶ୍ର,ଗଣେଶ୍ୱର ପାତ୍ର ପ୍ରମୁଖ ସଫଳତାର ସହ ପରିଚାଳନା କରିଥିବା ବେଳେ ଆଲୁମୁନି ଆସୋସିଏସନ ର ସମସ୍ତ ସଦସ୍ୟ ଓ ସଦସ୍ୟା, ମହାବିଦ୍ୟାଳୟ ର ସମସ୍ତ କର୍ମଚାରୀ ମାନେ ସକ୍ରିୟ ସହଯୋଗ କରିଥିଲେ । ଏହି ଅବସରରେ କଲେଜ ର ଛାତ୍ରଛାତ୍ରୀ ମାନଙ୍କ ଦ୍ୱାରା ଦିନତମାମ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିବା ବେଳେ ସନ୍ଧ୍ୟାରେ ପ୍ରତିକ୍ଷୀତ ଇଣ୍ଡିଆନ ଅଇଡ଼ଲ ର ଚର୍ଚ୍ଚିତ କଣ୍ଠଶିଳ୍ପୀ ପବନଦୀପ ଏବଂ ଅରୁଣିତା ସଙ୍ଗୀତ କାର୍ଯ୍ୟକ୍ରମ ଉପସ୍ଥିତ ଛାତ୍ରଛାତ୍ରୀ ବେଶ ଆକୃଷ୍ଟ କରିଥିବାର ଦେଖିବାକୁ ମିଳିଥିଲା । ସେହିପରି ଅବଶିଷ୍ଟ ଦୁଇଦିନ ସନ୍ଧ୍ୟାରେ ଓଡ଼ିଶାର ପ୍ରସିଦ୍ଧ କଣ୍ଠଶିଳ୍ପୀ ମାନେ ସଙ୍ଗୀତ ପରିବେଷଣ କରିବାର କାର୍ଯ୍ୟକ୍ରମ ରହିଛି ।

# ପାରାଦୀପ ବେଳାଭୂମି ରେ କଇଁଚ ମଡ଼କ ! ପରିବେଷବିତ ଙ୍କ ଉଦବେଗ



ପାରାଦୀପ - ସରକାର ଅଲିଭ ରିଡଲେ କଇଁଚ ର ସୁରକ୍ଷା ନିମନ୍ତେ ବ୍ୟାପକ ପଦକ୍ଷେପ ଓ ନିୟମ ପ୍ରବର୍ତ୍ତନ କରିଥିବା ବେଳେ ଏବେ ପାରାଦୀପ ବେଳାଭୂମି ରେ ବ୍ୟାପକ କଇଁଚ ଙ୍କ ମୃତ ଦେହ ଦେଖିବାକୁ ମିଳିଛି । ପରିବେଶ ପ୍ରଦୂଷଣ ପ୍ରତିହତ କରିବାକୁ ଏମାନଙ୍କୁ ପୋତି ଦିଆଯାଉଥିବାର କୁହାଯାଉଛି । ତେବେ ଏତେ ମାତ୍ରାରେ କଇଁଚ ମାନଙ୍କର ମୃତ୍ୟୁ ପରିବେଶ ପ୍ରଦୂଷଣ ନା ଜାହାଜ ଓ ମାଛଧରା ଟ୍ରଲର ର ଜାଲ କିମ୍ବା ଫ୍ୟାନ ରେ ମାଡ଼ ହୋଇ ଏମାନଙ୍କର ମୃତ୍ୟୁ ଘଟୁଛି ତାହା ସ୍ପଷ୍ଟ ହୋଇନାହିଁ । ସେହିପରି ପୁରୀ ଜିଲ୍ଲାର ଦେବୀ ନଦୀ ମୁହାଁଣରେ ମଧ ଅଣ୍ଡା ଦେବାକୁ ଆସୁଥିବା କଇଁଚ ମାନଙ୍କର ମୃତ ଦେହ ପଡିଥିବାର ଦେଖାଯାଇଛି। ପରିବେଶ ସନ୍ତୁଳନ ପାଇଁ କଇଁଚ ମାନେ ବେଶ ଉପଯୋଗୀ ହୋଇଥିବା ବେଳେ ଏତେ ସଂଖ୍ୟାରେ ସେମାନଙ୍କ ମୃତ୍ୟୁ କୁ ନେଇ ପରିବେଷବିତ ମାନଙ୍କ ମଧ୍ୟରେ ଉଦବେଗ ପ୍ରକାଶ ପାଇଛି।

# ସୋନିଆ ଗାନ୍ଧୀ ଓ ରାହୁଲ ଗାନ୍ଧୀଙ୍କ ଅପମାନ ଜନକ ମନ୍ତବ୍ୟକୁ ବିରୋଧ



କାଶୀନଗର , ୭/୨: ମହାମହିମ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ପ୍ରତି କଂଗ୍ରେସ ନେତା ସୋନିଆ ଗାନ୍ଧୀ ଓ ରାହୁଲ ଗାନ୍ଧୀ ଙ୍କ ଅପମାନ ଜନକ ମନ୍ତବ୍ୟକୁ ବିରୋଧ କରି କାଶୀନଗର ବସ ଷ୍ଟାଣ୍ଡ ଠାରେ କାଶୀନଗର ବିଜେପି ଦଳର ଟାଉନ ସଭାପତି ଭି.ଚଲାପତି ରାଓ ଙ୍କ ପ୍ରତିନିଧିତ୍ୱରେ ଟାଣୁଆ ନେତା ମାନଙ୍କ ଉପସ୍ଥିତିରେ କଂଗ୍ରେସ ବିରୁଦ୍ଧରେ ବିଭିନ୍ନ ନାରା ଦେଇ ସୋନିଆ ଗାନ୍ଧୀଙ୍କ କୁଶ ପିତ୍ତଳିକା ଦାହ କରିଥିଲେ. ଏହି କାର୍ଯ୍ୟକ୍ରମରେ ସ୍ଥାନୀୟ ବିଜେପି ନେତା ଜିଲ୍ଲା ସାଧାରଣ ସମ୍ପାଦକ ଜଗନ୍ନାଥ ମହାପାତ୍ର,ଇ ପ୍ରଶାନ୍ତ,କିସାନ ମୋର୍ଚ୍ଚା ଜିଲ୍ଲା ସଭାପତି ପ୍ରଶାନ୍ତ କୁମାର ପାଳ,ନଳିନୀ କାନ୍ତ ପାତ୍ର,ଆର ନାରାୟଣ ରାଓ ଓ ପ୍ରଶାନ୍ତ ସାହୁ ଉପସ୍ଥିତ ଥିଲେ।

# ଧାନ ବିକ୍ରି ହୋଇ ନ ପାରିବାରୁ ଚାଷୀ ରାସ୍ତା ରୋକ କରି ବିକ୍ଷୋଭ ପ୍ରଦର୍ଶନ



କାଶୀନଗର , ତା ୭/୨/୨୫: କାଶୀନଗର ଏନ ଏ ସି ଓ ବ୍ଲକ ମଧ୍ୟରେ ଥିବା ଧାନ ଚାଷୀ ମାନେ ଧାନ ବିକ୍ରି ନ କରିପାରି ରାସ୍ତା ଉପରକୁ ଆସି ରାସ୍ତା ରୋକ କରି କୌଣସି ଯାନବାହାନ କୁ ଆଜି ନ ଛାଡି ବ୍ୟାଙ୍କ ଛକ, ନୂଆ କାଶୀନଗର ଛକ, ହରିପୁର ଛକ, ଖୁରୀଗାଁ ଛକ ଓ ବାଇପାସ ଛକ ଠାରେ ରାସ୍ତା ରୋକ କରି ଆନ୍ଦୋଳନକୁ ଓହ୍ଲେଇ ଥିଲେ. ଚାଷୀ ମାନେ ବହୁ ବାଧା ବିଘ୍ନ ରେ ଧାନ ଫସଲ ଉତ୍ପାଦନ କରି ଯେତେବେଳେ ବିକ୍ରି କରିବା ସମୟ ଆସିଲା ସେତେବେଳେ ପ୍ରଥମେ ମଣ୍ଡି ସମସ୍ୟା, ମଣ୍ଡି ରୁ ଯିବା ପରେ କିଛି ଧାନ ମିଲୁ ମାଲିକ ମାନେ ବିଭିନ୍ନ ଆଳ ଦେଖେଇ ଚାଷୀ ମାନଙ୍କୁ ଅପେକ୍ଷା କରାଇବା, ଧାନ ର ମାନ ଠିକ ଭାବେ ନିରୂପଣ ନ କରିବା, ସରୁ ଧାନ ବୋଲି ଧାନର ମାନ ଠିକ ନ ଥିବା ଦର୍ଶାଇ ଏବଂ ଧାନ ମିଲର ଟାର୍ଗେଟ ହୋଇଯାଇଛି ତେଣୁ ଆଉ ଅଧିକ ଧାନ ଆମେ କ୍ରୟ କରି ପାରିବୁ ନାହିଁ ଦର୍ଶାଇ ଚାଷୀ ମାନଙ୍କୁ ହଇରାଣ କରୁଥିବା କିଛି ଚାଷୀ ଅଭିଯୋଗ କରିଛନ୍ତି. କିଛି ମିଲ ମାଲିକ କହିଛନ୍ତି ଯେ ସରକାର ଙ୍କ ତରଫରୁ ଆମ ମିଲ ମାଲିକ ମାନଙ୍କ ପାଇଁ ଯେଉଁ ସବୁ ନିର୍ଦ୍ଦେଶ ଅଛି ସେ ସବୁ ଆମେ ପାଳନ କରି ଆମ ପାଇଁ ନିର୍ଧାରିତ ହୋଇଥିବା ଟାର୍ଗେଟ ଧାନ କ୍ରୟ କରୁଛୁ ବୋଲି କହିଥିଲେ। ଆଜିର ଏହି ରାସ୍ତା ରୋକ ହେତୁ ପ୍ରାୟ ଚାରି ପାଞ୍ଚ ଘଣ୍ଟା ବହୁ ବସ ଗାଡି ଅଟକି ରହି ଥିବାରୁ ବହୁ ଯାତ୍ରୀ ହନ୍ତସନ୍ତ ହୋଇଥିବା ଦୃଷ୍ଟି ଗୋଚର ହୋଇଥିଲା. ସ୍ଥାନୀୟ ତହସିଲଦାର ସୁଧୀର କୁମାର ନନ୍ଦ ଚାଷୀ ମାନଙ୍କ ନିକଟରେ ପହଂଚି ଖୁବ ଶୀଘ୍ର ମିଲ ମାଲିକ ମାନଙ୍କୁ ଧାନ କିଣିବା ପାଇଁ ଅଧିକ ଟାର୍ଗେଟ ଦିଆଯିବ ଏବଂ ଚାଷୀ ମାନଙ୍କ ନିକଟରେ ଥିବା ଧାନ ମିଲ ମାଲିକ ମାନେ କିଣିବେ ବୋଲି କହିଥିଲେ.ରାସ୍ତା ରୋକ ସମୟ ରେ ଶାନ୍ତି ଶୃଙ୍ଖଳା ରକ୍ଷା କରିବା ପାଇଁ ସ୍ଥାନୀୟ ଥାନା ଅଧିକାରୀ ସୁନୀଲ କୁମାର ବେହେରା ଓ ତାଙ୍କ ସହକର୍ମୀ ମାନେ ଉପସ୍ଥିତ ଥିଲେ।

# ମୌଳିକ ସମସ୍ୟା ଘେରରେ ଜାଙ୍ଗଯୋଡି ଗ୍ରାମ





କଲ୍ୟାଣସିଂହପୁର,୭/୨ (ନି.ପ୍ର): ରାୟଗଡା ଜିଲ୍ଲା କଲ୍ୟାଣସିଂହପୁର ଓ ବିଷମକଟକ ବ୍ଲକ ସୀମାନ୍ତ ରେ ଥିବା ଜାଙ୍ଗଯୋଡି ଗ୍ରାମ ମୌଳିକ ସମସ୍ୟା ଘେରରେ ରହିଥିବା ଦେଖିବାକୁ ମିଳିଛି ।ଉକ୍ତ ଗ୍ରାମକୁ କଲ୍ୟାଣସିଂହପୁର ବ୍ଲକ ସୁନାଖଣ୍ଡି ପଞ୍ଚାୟତ ରାଇଲିମା ଠାରୁ ଯିବାକୁ ହେଲେ ଦୁର୍ଗମ ଅଙ୍କା ବଙ୍କା ପଥୁରିଆ ଘାଟି ରାସ୍ତା ରହିଛି । ବିଷମକଟକ ବ୍ଲକ କୁର୍ଲି ପଞ୍ଚାୟତଠାରୁ ପ୍ରାୟ ୧୦ କିମି ଦୂର ଦୁର୍ଗମ ଘାଟି ରାସ୍ତା ରହିଛି ଜାଙ୍ଗଯୋଡି ଗ୍ରାମ । ଗ୍ରାମବାସୀ ରାସ୍ତା ପାଇଁ ବାରମ୍ବାର ବ୍ଲକ ଓ ଜିଲା ପ୍ରଶାସନ କୁ ଗୁହାରି କରିବା ପରେ ପ୍ରାୟ୩ବର୍ଷ ପୂର୍ବରୁ ଟେଣ୍ଡର ମାଧ୍ୟମରେ ଚାଟିକଣା ଟ୍ରେନ ଲାଇନ ଠାରୁ ଜାଙ୍ଗଯୋଡି ୧୦କିମି ପର୍ଯ୍ୟନ୍ତ ପ୍ରାୟ ୬କୋଟି ଟଙ୍କା ରାସ୍ତା କାର୍ଯ୍ୟ କରିବାକୁ ଠିକାଦାର ନେଇଥିଲେ । ଉକ୍ତ କାର୍ଯ୍ୟକୁ ଠିକାଦାର କିଛି ଦୂରତା ପର୍ଯ୍ୟନ୍ତ କାମ କରି କୌଣସି କାରଣରୁ କାମ ବନ୍ଦକରି ଦେଇଛନ୍ତି ।ଏହା କୁ ନେଇ ଗ୍ରାମବାସୀ ମଧ୍ୟ ତୁରନ୍ତ କାର୍ଯ୍ୟ କରିବାପାଇଁ ଦାବି କରିଛନ୍ତି ।ଉକ୍ତ ଗ୍ରାମରେ ରାସ୍ତା ନଥିବାରୁ ଶିକ୍ଷକ ମାନେ ଯାଉନଥିବା ଗ୍ରାମବାସୀ କହିଛନ୍ତି । ଗ୍ରାମରେ ବହୁତ ପିଲା ମାନେ ପାଠ ନ ପଢି ରହିଛନ୍ତି ।ସେମାନଙ୍କ ଭବିଷ୍ୟତ ନିମନ୍ତେ ଗାଁରେ ବିଦ୍ୟାଳୟ ନ ଥିବାରୁ ଗ୍ରାମବାସୀ ମିଳିତରେ ଗ୍ରାମର ଉଚ୍ଚ ସ୍ଥାନରେ ଏକ ଘର ତିଆରି କରି ବିଦ୍ୟାଳୟ ଖୋଲିବା ପାଇଁ ଦେଇଥିଲେ । ୨୦୧୦ ମସିହାରେ ପ୍ରାଥମିକ ବିଦ୍ୟାଳୟର ସ୍ଥାପିତ ହୋଇଛି ।ଉକ୍ତ ବିଦ୍ୟାଳୟ ରେ ଦୁଇ ଜଣ ଶିକ୍ଷକ ନିଯୁକ୍ତି ପାଇଛନ୍ତି ।ମାତ୍ର ସେହିମାନେ ମାସକୁ ଥରେ ଲେଖାଏଁ ଯାଉଥିବା ଗ୍ରାମବାସୀ କହିଛନ୍ତି ।କାରଣ ରାସ୍ତା ଖରାପ ରହିଥିବାରୁ ଶିକ୍ଷକ ମାନେ ନିୟମିତ ବିଦ୍ୟାଳୟ କୁ ଯାଉନଥିବା ମଧ୍ୟ କହିଛନ୍ତି ।ଏହି ଗ୍ରାମରେ ମୋଟ ୪୦ଘର ରହିଛି ।୩୦ଘର ଆଦିବାସୀ ଓ ୧୦ଘର ହରିଜନ (ଡମ୍ବ) ସମ୍ପ୍ରଦାୟର ଲୋକମାନେ ମୋଟ ୪୦୦ଜନ ସଂଖ୍ୟା ରହିଛନ୍ତି । ଶିକ୍ଷକ ନ ଆସିବାରୁ ପିଲା ମାନେ ପାଠ ନ ପଢି ଘର କାମରେ ,ଗାଈଗୋରୁ ଚୋରାଇବା କାମ ଲିପ୍ତ ରହୁଛନ୍ତି । ଗାଁରେ ଅଙ୍ଗନବାଡ଼ି କେନ୍ଦ୍ର ରହିଛି ।କିନ୍ତୁ ମାସକୁ କି ଦୁଇ ମାସକୁ ଥରେ ପିଲାଙ୍କୁ ଛତୁଆ ,ଅଣ୍ଡା ଓ ପୁଷ୍ଟିକର ଖାଦ୍ୟ ଦିଆଯାଉଛି । ଏହି ଗ୍ରାମରେ ପ୍ରାୟ ୩୦ ଘରକୁ ଏକ ବର୍ଷ ହେବ ଆବାସ ଗୃହ ନିମନ୍ତେ କାର୍ଯ୍ୟାଦେଶ ମିଳିଛି । ଉଭୟ ପାର୍ଶ୍ୱର ରାସ୍ତା ଖରାପ ଘାଟି ହୋଇଥିବାରୁ ସିମେଣ୍ଟ, ବାଲି ,ଇଟା ଆସି ପାରୁ ନଥିବା ଯୋଗୁଁ ଘର ତିଆରି କରିବାରେ ବିଳମ୍ବ ହେଉଥିବା ଗ୍ରାମବାସୀ କହିଛନ୍ତି । ଏହି ଗ୍ରାମର ଲୋକମାନେ ଜଙ୍ଗଲ ଜାତ ଦ୍ରବ୍ୟ ଯଥା ହଳଦୀ, ମହୁ ,ଝୁଣା, ଝାଡୁ, ଅଦା ,କନ୍ଦା ,କଞ୍ଚା କଦଳୀ ,ସପୁରୀ ,ଛତୁ,ଶିଆଳି ଦୌଡ଼ି ,ଶିଆଳି ପତ୍ର ସଂଗ୍ରହ କରି ଚାଟିକଣା କୁ ନେଇ ବିକ୍ରି କରି ସେହି ପଇସାରେ ପରିବାର ଭରଣ ପୋଷଣ କରୁଥିବା କହିଛନ୍ତି । ଗ୍ରାମକୁ ରାସ୍ତା ହୋଇଗଲେ ସମସ୍ତ ପ୍ରକାର ସୁବିଧା ହୋଇପାରିବ ବୋଲି ଗଦା ହୁଇକା, ଜେମା ହୁଇକା, ସମ୍ବାରୁ ହୁଇକା, ବୁଦୁରୁ ହୁଇକା, ଝିମି ହୁଇକା, ମାଣ୍ଡି ହୁଇକା ପ୍ରମୁଖ ଅଭିଯୋଗ କରିଛନ୍ତି ।ଏସମ୍ପର୍କରେ ଗୋଷ୍ଠୀ ଶିକ୍ଷା ଅଧିକାରୀ ନବୀନ ଖରା ଙ୍କୁ ପଚାରିବାରୁ ସେ କହିଲେ ରାସ୍ତା ଖରାପ ଯୋଗୁଁଯାଉନଥିବେ ।ଜାନୁୟାରୀ ଠାରୁ ନିୟମିତ ବିଦ୍ୟାଳୟ କୁ ଯିବା ପାଇଁ ତାଗିଦ କରିଛି ।ଆଞ୍ଚଳିକ ସାଧନ ସଂଯୋଜକ ଙ୍କୁ ପରିଦର୍ଶନ କରିବାକୁ କୁହାଯାଇଛି ।ଯଦି ଶିକ୍ଷକ ମାନେ ଯା ନାହାନ୍ତି ତେବେ ତାହାର ତଦନ୍ତ କରିବି ବୋଲି କହିଛନ୍ତି ।ଗ୍ରାମ୍ୟ ଉନ୍ନୟନ ବିଭାଗର ନିର୍ବାହୀ ଯନ୍ତ୍ରୀ ମହେନ୍ଦ୍ର କାଲେଟଙ୍କୁ ପଚାରିବାରୁ ସେ କହିଲେ ପୁରଣା କାର୍ଯ୍ୟ ବିଳମ୍ବ ହେବାରୁ ତାହାକୁ ବନ୍ଦ କରି ନୂତନ ଭାବେ ଟେଣ୍ଡର କରିବା ପାଇଁ ସରକାରଙ୍କୁ ଅବଗତ କରାଯାଇଛି ।ଏହାର ନିର୍ଦ୍ଦେଶ ଆସିଲେ କାର୍ଯ୍ୟର ଟେଣ୍ଡର କରାଯିବ ବୋଲି ସୂଚନା ଦେଇଛନ୍ତି ।

# ସାଲନ୍ଦୀ ମହୋତ୍ସବ ଉଦ୍‌ଯାପିତ

ହାଟଡିହି, ୭/୨ (ନି.ପ୍ର):କେନ୍ଦୁଝର ଜିଲ୍ଲା ହାଟଡିହି ବ୍ଲକ ସୋସୋ ପଞ୍ଚାୟତ କାନପୁର ଗ୍ରାମରେ ସାଲନ୍ଦୀ ମହୋତ୍ସବ ଅନୁଷ୍ଠିତ ହୋଇ ଯାଇଅଛି । ମହୋତ୍ସବରେ ଶିକ୍ଷାବିତ୍ ବିଜୟ କୁମାର ଜେନାଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥି ଭାବେ ପୂର୍ବତନ ମନ୍ତ୍ରୀ, ପ୍ରଦେଶ କଂଗ୍ରେସ ସଭାପତି ଜୟଦେବ ଜେନା,ସୋମନାଥ ଦାଶ , ଉପାଧ୍ୟକ୍ଷକେନ୍ଦୁଝର ଜିଲ୍ଲା ପରିଷଦ ଗଙ୍ଗା ଧର ରାଉତ, ବିଶିଷ୍ଟ ସମାଜସେବୀ ତ୍ରୈଲୋଚନ ନାୟକ,ଗୋପବନ୍ଧୁ ପାଣିଗ୍ରାହୀ, ହରମୋନ ପଣ୍ଡା, ଚୈତନ୍ୟ ମହାପାତ୍ର ପ୍ରମୁଖ ଯୋଗଦାନ କରିଥିଲେ । ମହୋତ୍ସବ କମିଟିର ସାଧାରଣ ସମ୍ପାଦକ ବିଶ୍ୱରଞ୍ଜନ ପାଣିଗ୍ରାହୀ ଅତିଥି ପରିଚୟ ବାର୍ଷିକ ବିବରଣୀ ପାଠ କରିଥିଲେ । ବହୁ ଶିଶୁ ପ୍ରତିଭା ତାଙ୍କର ନୃତ୍ୟ ଓ ଗିତ ପରିବେଷଣ କରିଥିଲେ ।ମହୋତ୍ସବର ମୁଖ୍ୟ ଆକର୍ଷଣ କିଏ ହବ ସଲନ୍ଦୀ କନ୍ୟା ପ୍ରତିଯୋଗିତାରେ




ଲକ୍ଷ୍ମୀପ୍ରିୟା କରଶର୍ମାଙ୍କୁ ସାଲନ୍ଦୀ କନ୍ୟା ମୁକୁଟ ପିନ୍ଧା ଯାଇଥିଲା । ଏହି ଉତ୍ସବରେ ରତୁରାଣୀ ନାୟକ, ସ୍ନେହଶ୍ରୀ ଚକ୍ର, ସସ୍ମିତା ପ୍ରଧାନ ଓ ଅନ୍ୟ ନୃତ୍ୟ ପ୍ରତିଭା ମନଙ୍କୁ ଟ୍ରଫି ଓ ସାର୍ଟିଫିକେଟ ମୁଖ୍ୟ ଅତିଥି ଙ୍କ ଦ୍ୱାରା ପ୍ରଦାନ କରାଯାଇ ଥିଲା । ଏଥିସହ ଯୁବ ସାମ୍ବାଦିକ ବାବୁରାମ ବେହେରାଙ୍କୁ ସାଲନ୍ଦୀ ତୀରେ ପ୍ରତିଭାରେ ସମ୍ମାନୀତ କରାଯାଇଥିଲା । ମହୋତ୍ସବ କମିଟିର କୋଷାଧ୍ୟକ୍ଷ ଗୌରାଙ୍ଗ ଚରଣ ରାଉତ,ଉପସଭାପତି ଚୈତନ୍ୟ ମହାପାତ୍ର,ଉତ୍ତମକୁମାର ବେହେରା, ଗଣେଶ ଚନ୍ଦ୍ର ଜେନା, ଶତ୍ରୁଘନ ରାଉତ, ସୋମନାଥ ରାଉତ,ସର୍ବେଶ୍ୱର ବେହେରା, ବିଜୟ ବେହେରା,ବସନ୍ତ ଧଳ,ପୁରୁଷୋତ୍ତମ ଧଳ ପ୍ରମୁଖଙ୍କ ସହ ମହୋତ୍ସବ କମିଟିର ସମସ୍ତ ସଦସ୍ୟ କାର୍ଯ୍ୟକ୍ରମକୁ ପରିଚାଳନାରେ ସହଯୋଗ କରିଥିଲେ ।

# ରାଧାକୃଷ୍ଣ ମେମୋରିଆଲ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପନି ଉତ୍ସବ

ବସ୍ତା, ୭/୨ (ନି.ପ୍ର): ବସ୍ତା ବ୍ଲକ ଭେଲୋରା ପଞ୍ଚାୟତ ଅନ୍ତର୍ଗତ ଡିଗି ପଡ଼ିଆରେ ୭ ଦିନ ଧରି ଚାଲୁଥିବା ରାଧାକୃଷ୍ଣ ମେମୋରିଆଲ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଶନିବାର ଉଜ୍ଜାପିତ ହୋଇଯାଇଛି। ବିକେ ଇଲେଭେନ ଓ ଅମର୍ଦ୍ଦା ଏକ୍ସଆଇ ମଧ୍ୟରେ ଫାଇନାଲ ମ୍ୟାଚ ଅନୁଷ୍ଠିତ ହୋଇଥିଲା। ମଝିପଡା ପ୍ରଥମେ ଟସ୍ ଜିଣି ବୋଲିଂ କରିବା ପାଇଁ ନିଷ୍ପତି ନେଇଥିଲା ଫଳରେ ଅମର୍ଦ୍ଦା ଏକ୍ସଆଇ ପ୍ରଥମେ,ବ୍ୟାଟିଂ କରି ନିର୍ଦ୍ଧାରିତ ୨୦ଓଭର ମ୍ୟାଚରେ ୧୯.୫ ଓଭରରେ ସମସ୍ତ ୱିକେଟ ହରାଇ ୧୪୫ ରନ୍ କରିଥିଲା ଜବାବରେ ବିକେ ଇଲେଭେନ ୧୩ ଓଭର ରେ ସମସ୍ତ ୱିକେଟ ହରାଇ ମାତ୍ର ୭୩ ରନ୍ କରିବାରେ ସକ୍ଷମ ହୋଇଥିଲା। ଏହି ଅବସରରେ ହେଲପିଂ ହାର୍ଟର ସଭାପତି ତାପସ କୁମାର ମହାନ୍ତିଙ୍କ ପୌରହିତ୍ୟରେ ଏକ ସଭାକାର୍ଯ୍ୟ ଅନୁଷ୍ଠିତ ହୋଇଥିଲା। ଉକ୍ତ ସଭାରେ ମୁଖ୍ୟ ଅତିଥି ଭାବରେ ରାଧାକୃଷ୍ଣ ମେମୋରିଆଲର ସଭାପତି ଜ୍ଞାନରଞ୍ଜନ ଦାସ ସମ୍ମାନନୀୟ ଅତିଥି ତ୍ରିଲୋଚନ ସାହୁ ଯୋଗ ଦେଇଥିଲେ। ବିଜେତା ଅମର୍ଦ୍ଦା ଇଲେଭେନ କୁ ୭୦୦୦ ସହ ଟ୍ରଫି ଓ ଉପ ବିଜେତାକୁ ୫୫୦୦ ଟଙ୍କା ସହ ଟ୍ରଫି ଅତିଥି ମାନଙ୍କ ଦ୍ୱାରା ପ୍ରଦାନ କରାଯାଇଥିଲା। ଉକ୍ତ ମ୍ୟାଚକୁ ଗୌରିଶଙ୍କର ଜେନା ଓ ଅଙ୍କିତ ଗିରି ପରିଚାଳନା କରିଥିଲେ। ରଞ୍ଜନ ସାହୁ, ଚନ୍ଦନ ଦାସ, ସତ୍ୟଜିତ ଧଳ, ନିରାମୟ ଜେନା, ସୁଜିତ୍ ଧଳ, ବିଶାଳ ପାତ୍ର, ଜଗନ୍ନାଥ କର ଓ ହେଲ୍ପିଙ୍ଗ ହାର୍ଟ ର ସମସ୍ତ କର୍ମକର୍ତ୍ତା ସହଯୋଗ ସହଯୋଗ କରିଥିଲେ।

# ଧନୁଯାତ୍ରା ମହୋତ୍ସବରେ ଯୋଗଦେଲେ ପୂର୍ବତନ ବିଧାୟକ

ବଙ୍ଗୋମୁଣ୍ଡା,୭/୨ (ନି.ପ୍ର):ବଲାଙ୍ଗୀର ଜ଼ିଲ୍ଲା ବଙ୍ଗୋମୁଣ୍ଡା ବ୍ଲକ ଅନ୍ତର୍ଗତ ସିନ୍ଧେକେଲା ମାଁ ଦ୍ୱାରସେହ୍ନି ମନ୍ଦିର ସମ୍ମୁଖ ଖେଳ ପଡ଼ିଆ ଠାରେ ଜିଲ୍ଲାର ପ୍ରସିଦ୍ଧ ସିନ୍ଧେକେଲା ଏକାଦଶତମ ବିରାଟ ଧନୁଯାତ୍ରା ଷଷ୍ଠ ରଜନୀ ସନ୍ଧ୍ୟାରେ ରାଜ ଦରବାରରେ ମୁଖ୍ୟ ଅତିଥି ରୂପେ ପୂର୍ବତନ କଣ୍ଟାବାଞ୍ଜି ବିଧାୟକ ସନ୍ତୋଷ ସିଂ ସାଲୁଜା ଯୋଗଦେଇଥିବା ବେଳେ ବିଏଲସି ସତ୍ୟ ବେହେରା,ମାରୱାଡି ଯୁବମଞ୍ଚ ସଭାପତି ଅମିତ ଜୈନ ସମ୍ପାଦକ ବୁଲୁ ଜୈନ,ଧନୁଯାତ୍ରା କମିଟି ସଭାପତି ବୀରେନ୍ଦ୍ର ନାରାୟଣ ସିଂ ଦେଓ,ସହ ସମ୍ପାଦକ ପରମା ସାହୁ, କୋଷାଧକ୍ଷ ଓମ ପ୍ରକାଶ ସାହୁ ପ୍ରମୁଖ ମଞ୍ଚରେ ଉପସ୍ଥିତ ରହି ଅଞ୍ଚଳର କଳା ସାହିତ୍ୟ,ସଂସ୍କୃତି,ଅଞ୍ଚଳର ବିକାଶ ଉପରେ ମତବ୍ୟକ୍ତ ପ୍ରକାଶ କରିଥିଲେ । କୋଟପାହାଡ଼, ଡେମସା କୋରାପୁଟିଆ ନୃତ୍ୟ ଦର୍ଶକ ଙ୍କ ମନକୁ ଛୁଁଇ ନେଇଥିଲା । ବରିଷ୍ଠ କଳାକାର ମାନଙ୍କ ଦ୍ୱାରା ନିକ୍ଷୁଣ ଅଭିନୟ ହଜାର ହଜାର ଦର୍ଶକଙ୍କୁ ବିଳମ୍ବିତ ରାତି ପର୍ଯ୍ୟନ୍ତ ବାନ୍ଧି ରଖିଥିଲା । ତେବେ ମଥୁରା ନଗରୀରେ ବିଭିନ୍ନ କଳାକାର ମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଓ ନୃତ୍ୟ ପରିବେଷଣ ହୋଇଥିଲା । ମଥୁରା ରେ ଗୋପୀ ମାନଙ୍କ ଦଧି ବିକା,ବସ୍ତ୍ର ହରଣ,ଷୋଳ କୁଞ୍ଜ ଦର୍ଶନ ଅକ୍ରୁର ଗୋପରେ ପ୍ରବେଶ ମଥୁରା ନରେଶ ସ୍ୱପ୍ନ ଦୃଶ୍ୟ ହେବା ଦ୍ୱାରା କଂସ ଚିନ୍ତିତ ହେବା



ସହ ମର୍ମାହତ ହୋଇ ପଡିଛନ୍ତି । ସୁଧାକର ସାହୁ ମଞ୍ଚ ପରିଚାଳନା କରିଥିବା ବେଳେ ସାଧାରଣ ସମ୍ପାଦକ ଅନିଲ ନାଏକ, ଉପସଭାପତି ଉମା ଶଙ୍କର ତ୍ରିପାଠୀ,ସଞ୍ଜୟ ସିଂ ଦେଓ,ଦିନେଶ ବଛା,ସନ୍ତୋଷ ରଣା ଙ୍କ ସହ ଧନୁଯାତ୍ରା କମିଟିର ନୂତନ ଓ ପୁରାତନ ପଦାଧିକାରୀ ଏବଂ ସଦସ୍ୟ ମାନେ ବିଶେଷ ମାତ୍ରାରେ ସହଯୋଗ କରିଥିବା ଦେଖିବାକୁ ମିଳିଥିଲା ।

# ଚିକିଟୀ ମହାବିଦ୍ୟାଳୟର ବାର୍ଷିକ ଉତ୍ସବ ପାଳିତ

ଚିକିଟି, ୭/୨ (ନି.ପ୍ର): ଚିକିଟୀ ମହାବିଦ୍ୟାଳୟର ୪୩ ତମ ବାର୍ଷିକ ଉତ୍ସବ ମହାବିଦ୍ୟାଳୟ ପରିସରରେ ପାଳିତ ହୋଇଯାଇଛି । ଏହି ଅବସରରେ ପ୍ରଥମେ ଅଧକ୍ଷ ଡ. ଭବାନୀ ପ୍ରସାଦ ପଣ୍ଡାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିବା ସଭାରେ ସ୍ଥାନୀୟ ବିଧାୟକ ଶ୍ରୀ ମନୋରଞ୍ଜନ ଦ୍ୟାନ ସାମନ୍ତରା ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ମହାବିଦ୍ୟାଳୟର ପୂର୍ବତନ ଅଧକ୍ଷ ଡ.ନୀଳମାଧବ ପାଢ଼ୀ ସମ୍ମାନୀତ ଅତିଥି ଭାବେ ଯୋଗ ଦେଇଥିଲେ । ସାଂସ୍କୃତିକ ପରିଷଦର ଉପଦେଷ୍ଟା ଡ.ସଞ୍ଜୟ କୁମାର ପଣ୍ଡା ଅତିଥି ପରିଚୟ ପ୍ରଦାନ କରିବା ସହ ମଞ୍ଚ ପରିଚାଳନା କରିଥିଲେ ଏବଂ ଅଧ୍ୟାପକ ଆଶୁତୋଷ ସାହୁ ବାର୍ଷିକ ବିବରଣୀ ପାଠ କରିଥିଲେ । ଆବାହକ ଡ. ସନ୍ତୋଷ କୁମାର ବକ୍ସି ଓ ସନାତନ ଗୌଡ଼ ନିଜ ନିଜ ବକ୍ତବ୍ୟରେ ଛାତ୍ରଛାତ୍ରୀ ମାନଙ୍କ ଉତ୍ସାହ ବୃଦ୍ଧି କରିବା ସହ ଭବିଷ୍ୟତରେ ଶିକ୍ଷା କ୍ଷେତ୍ରରେ ଭଲ ପ୍ରଦର୍ଶନ କରିବା ପାଇଁ ପ୍ରେରିତ କରିଥିଲେ । ଅଧକ୍ଷ ନିଜ ବକ୍ତବ୍ୟରେ ମହାବିଦ୍ୟାଳୟର ପ୍ରତିଷ୍ଠା,




ଅଭିବୃଦ୍ଧି ଓ ଭିତ୍ତିଭୂମି ଉପରେ ଆଲୋକପାତ କରିଥିବା ବେଳେ ସମ୍ମାନୀତ ଅତିଥି ମହାବିଦ୍ୟାଳୟର ଗୌରବମୟ ଇତିହାସ ଓ କ୍ରମବିକାଶ ସମ୍ବନ୍ଧରେ କହିଥିଲେ । ମୁଖ୍ୟଅତିଥି ଶ୍ରୀ ମନୋରଞ୍ଜନ ଦ୍ୟାନ ସାମନ୍ତରା ସମସ୍ତ କ୍ଷେତ୍ରରେ ଛାତ୍ରଛାତ୍ରୀ ମାନଙ୍କ ଅଭୂତପୂର୍ବ ପ୍ରଦର୍ଶନ ହେତୁ ପ୍ରଶଂସା କରିବା ସହ ଉଦ୍ୟମ ଓ ପରିଶ୍ରମ ଦ୍ୱାରା ସବୁ କିଛି ପ୍ରାପ୍ତ କରିହେବ ବୋଲି ମତବ୍ୟକ୍ତ କରିଥିଲେ । ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଶ୍ରାବଣୀ ବେହେରା ଓ ଦେବୀଶ୍ରୀ ସାହୁ ଏବଂ ମହାବିଦ୍ୟାଳୟର ଗାୟତ୍ରୀ ବେହେରା ସାହିତ୍ୟିକ ଓ ସାଂସ୍କୃତିକ ଚମ୍ପିୟନ ଘୋଷିତ ହୋଇଥିଲେ । ଯୁକ୍ତ ତିନି ଶେଷ ବର୍ଷ ଛାତ୍ରୀ ଆରତୀ ସାହୁ ଓ ରାଜେଶ୍ୱରୀ ଚୌଧୁରୀଙ୍କୁ ଚଳିତ ବର୍ଷର ଷ୍ଟୁଡେଣ୍ଟ ଅଫ୍ ଦ ଇଅର ଭାବେ ପୁରସ୍କୃତ କରାଯାଇଥିଲା । ସଭାକାର୍ଯ୍ୟ ସମାପ୍ତ ହେବା ପରେ ନାଟ୍ୟ ସଂସଦ ଉପସଭାପତି ସୁନୀଲ କୁମାର ପାଢ଼ୀ ଓ ଡ. ରାମ ଶଙ୍କର ପଟ୍ଟନାୟକଙ୍କ ତତ୍ତ୍ୱାବଧାନରେ ଛାତ୍ରଛାତ୍ରୀ ମାନେ ନୃତ୍ୟ, ଗୀତ ସହ 'ଅନ୍ଧ ଗଳିର ପଥିକ' ଶୀର୍ଷକ ଏକ ସାମାଜିକ ନାଟକ ପରିବେଷଣ କରିଥିଲେ ।

# ଅବସର ନେଲେ ଧାମନଗର ଏକଜିକ୍ୟୁଟିଭ ମାଜିଷ୍ଟ୍ରେଟ ଦୀପକ ଦାସ

ଧାମନଗର, ୭/୨ (ନି.ପ୍ର): ଧାମନଗର ତହସିଲଦାର ଦୀପକ କୁମାର ଦାସଙ୍କ ଚାକିରୀର ଶେଷ ଦିନରେ କାର୍ଯ୍ୟାଳୟର ସମସ୍ତ ଅଧିକାରୀ ଓ କର୍ମଚାରୀଙ୍କ ପକ୍ଷରୁ ଅବସରକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି। ଗତକାଲି ଜାନୁଆରୀ ୩୧ ଶୁକ୍ରବାରରେ ଶ୍ରୀ ଦାସ ନିଜ ପ୍ରାଶାସନିକ ଅଧିକାରୀ ପଦରୁ ଅବସର ନେଇଛନ୍ତି।ଏହି ପରିପ୍ରେକ୍ଷୀରେ କାର୍ଯ୍ୟାଳୟ ପରିସରରେ ଅତିରିକ୍ତ ତହସିଲଦାର ସାଇ ସିଲୋନାଙ୍କ ତତ୍ତ୍ୱାବଧାନରେ ତହସିଲ ଅଧିନସ୍ଥ ସମସ୍ତ ସୁପର ଭାଇଜର,ଆର ଆଇ, ଏଆରଆଇ,ସରକାରୀ ଅଧିକାରୀ ଓ କର୍ମଚାରୀ ଉପସ୍ଥିତ ରହି ଶ୍ରୀ ଦାସଙ୍କ କାର୍ଯ୍ୟ ଶୈଳୀ ଓ ଦକ୍ଷତାକୁ ପ୍ରଶଂସା କରିବା ସହ ସେ ଜଣେ ନିଦା ମଣିଷ ଥିଲେ ବୋଲି ବାକରୁଦ୍ଧ କଣ୍ଠରେ ବଖାଣି ଥିଲେ। ଏଥି ସହିତ ସମସ୍ତଙ୍କ ସହ




ଯଥୋଚିତ ଆଚରଣ ଓ ଉଚ୍ଚାରଣ ପାଇଁ ସେ ସବୁଦିନ ପାଇଁ ମନେ ରହିବେ ବୋଲି ବକ୍ତବ୍ୟରେ କହିଥିଲେ। ଶ୍ରୀ ଦାସ ନିଜର କାର୍ଯ୍ୟଦକ୍ଷତା ବଳରେ ଭଦ୍ରକ ଜିଲ୍ଲାର ଧାମନଗର ତହସିଲକୁ ପ୍ରତିଟି କ୍ଷେତ୍ରରେ ଏକ ନମ୍ବର କରିପାରି ଥିଲେ। ତାଙ୍କୁ ରାଜସ୍ୱ ବିଭାଗର ଆଇନ ଭଲଭାବରେ ଜଣାଥିବାରୁ ଦକ୍ଷତାର ସହ ସବୁ କାର୍ଯ୍ୟ ସୁଚାରୁରୂପେ ସମ୍ପାଦନ କରି ବେଶ ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ପାଲଟିଥିଲେ। ଏଥିସହ ନିଜର ଅମାୟିକ ବ୍ୟବହାର ପାଇଁ ବିଭିନ୍ନ ବର୍ଗର ଲୋକଙ୍କ ଶ୍ରଦ୍ଧା ଓ ସଦିଚ୍ଛାର ଆସ୍ଥା ଭାଜନ ହୋଇପାରି ଥିଲେ। ଧାମନଗର ତହସିଲ ପରିସରରେ ତାଙ୍କ ଅବସର ଜନିତ ବିଦାୟ କାଳୀନ ସମ୍ବର୍ଦ୍ଧନା ସମୟରେ ବିଭିନ୍ନ ରାଜନୈତିକ ଦଳର ନେତା,ସାମ୍ବାଦିକ, ବୁଦ୍ଧିଜୀବୀ,ସମାଜସେବୀ ଓ କର୍ମଚାରୀ ପ୍ରମୁଖ ଉପସ୍ଥିତ ଥାଇ ଶ୍ରୀ ଦାସଙ୍କୁ ଉତ୍ତରୀୟ,ପୁଷ୍ପଗୁଚ୍ଛ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରିବା ସହ ବିଭିନ୍ନ ଉପହାର ପ୍ରଦାନ କରିଥିଲେ। ତେବେ ଧାମନଗର ବିଡିଓ, ଆଇଆଇସି, ବିଇଓ ପଦବୀରେ ସ୍ଥାୟୀ ଅଧିକାରୀ ନଥିବା ବେଳେ କିଛିଦିନ ତଳେ ତହସିଲ ଓ ଏହା ଅଧିନସ୍ଥ ବିଭିନ୍ନ ସେକ୍ସନରେ ପାଖାପାଖି ୨୦ ରୁ ଉର୍ଦ୍ଧ୍ୱ ଅଧିକାରୀଙ୍କ ବଦଳି ହେତୁ ନୂତନଙ୍କ ଯୋଗଦାନର ମାତ୍ର ଏକ ମାସ ମଧ୍ୟରେ ଜଣେ ପୁରୁଣା,ଦକ୍ଷ ଓ ସର୍ବଜନାଦୃତ ଅଧିକାରୀଙ୍କ ଅବସର ବାସ୍ତବରେ ଏହି ଅଞ୍ଚଳ ବାସିନ୍ଦାଙ୍କୁ ନିଶ୍ଚୟ ଅସୁବିଧାର ସମ୍ମୁଖୀନ କରିବ ଏଥିରେ ସନ୍ଦେହ ନାହିଁ।

# ଛାତ୍ରୀଙ୍କୁ ଆତ୍ମସୁରକ୍ଷା ତାଲିମ ଶିବିର ଉଦ୍‌ଘାଟିତ

ମୁରିବାହାଲ, ବଲାଙ୍ଗିର ଜିଲ୍ଲା ମୁରିବାହାଲ ବ୍ଲକ ଲେବଡା ପାଟଣେଶ୍ୱରୀ ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧକ୍ଷ ଦୁତିବାହାନ ମୁନାଙ୍କ ସଭାପତିତ୍ୱରେ ଏକାଦଶ ତଥା ଦ୍ୱାଦଶ ଶ୍ରେଣୀର ଛାତ୍ରୀମାନଙ୍କୁ ନେଇ ଆତ୍ମସୁରକ୍ଷା ତାଲିମ ଶିବିର ଉଦଘାଟିତ ହୋଇଯାଇଛି ।ଏଥିରେ ବିଦ୍ୟାଳୟର ସହକାରୀ ଶିକ୍ଷକ ସାଧୁଚନ୍ଦ୍ର ଛତର,ଏସଏମସି କମିଟି ସଭାପତି ଡମ୍ବରୁଧର ମାଝି, ତଥା ପିଜିଟି ଶିକ୍ଷକ ରିତେଶ ତ୍ରିପାଠୀ, ଅଭିଷେକ ପୁଟେଲ, ଓମ୍ ପ୍ରକାଶ ପୁଟେଲ, ଜଗନ୍ନାଥ କୁମ୍ଭାର, ଯୁବରାଜ ନାୟକ ତଥା ଝଙ୍କାର ମହାନନ୍ଦ ଉପସ୍ଥିତ ଥିଲେ। ଏଥି ସହିତ



ଆତ୍ମସୁରକ୍ଷା କୌଶଳ ପ୍ରଶିକ୍ଷଣ କାର୍ଯ୍ୟକ୍ରମର ମାଷ୍ଟର ଟ୍ରେନର ରଶ୍ମିତା ନାଗ ଉପସ୍ଥିତ ରହି ୫୦ରୁ ଉର୍ଦ୍ଧ୍ୱ ଛାତ୍ରୀଙ୍କୁ ଆତ୍ମସୁରକ୍ଷା ତାଲିମ ପ୍ରଦାନ କରୁଛନ୍ତି। ଶେଷରେ ଅଧ୍ୟାପକ ରିତେଶ ତ୍ରିପାଠୀ ଧନ୍ୟବାଦ ଦେଇଥିଲେ।

# ଉପାନ୍ତ ଗ୍ରାମରେ ବୌଦ୍ଧ ଜିଲ୍ଲା ପ୍ରଶାସନ: କଣ୍ଡରା, କାଚପାଜୁକୁ ଖୁବଶୀଘ୍ର ଫିଟିବ ରାସ୍ତା

ବୌଦ୍ଧ,୭/୨ (ନି.ପ୍ର): ବୌଦ୍ଧ ଜିଲ୍ଲା ହରଭଙ୍ଗା ବ୍ଲକ ଉପାନ୍ତ, ବଣ ପାହାଡ଼ ଘେରା ରେ ଜିଲ୍ଲା ପ୍ରଶାସନ ପହଂଚି ମୌଳିକ ସମସ୍ୟା ଶିକ୍ଷା, ସ୍ୱାସ୍ଥ୍ୟ, ଗମନା ଗମନ, ପାନୀୟ ଜଳ,ସାମୁହିକ ବିକାଶ ର ଉନ୍ନତି ନେଇ ଶନିବାର ବ୍ଲକର କାଣ୍ଡରା, କାଜୁପାଜୁ, ବାଙ୍କପାଜୁ,ସୁଲୁକେଟି, ସାରୁ ପଦର ଆଦି ପାଞ୍ଚ ଖଣ୍ଡ ଗାଁ ରେ ପହଂଚି ଥିଲା ଜିଲ୍ଲା ପ୍ରଶାସନ । ପ୍ରଥମେ କାଜୁପାଜୁ ସ୍କୁଲ ଓ ଅଙ୍ଗାୱାଡି ପରିଦର୍ଶନ କରି ଛାତ୍ର ଛାତ୍ରୀଙ୍କୁ ଖାତା ପେନ, ବିସ୍କୁଟ ଦେବା ସହିତ ଶିକ୍ଷକ ମାନଙ୍କୁ ଉପଯୁକ୍ତ ଶିକ୍ଷା ପ୍ରଦାନ ପାଇଁ ଜିଲ୍ଲାପାଳ ପରାମର୍ଶ ଦେଇଥିଲେ । ଏହି ଗାଁ ରେ ପ୍ରଶାସନ ଅଭିଯାନ ରେ ଏକ ସ୍ୱାସ୍ଥ୍ୟ ଶିବିର ସହିତ ରୋଗୀ ପରୀକ୍ଷା ଓ ଔଷଧ ବଣ୍ଟନ କରାଯାଇଥିଲା । ପରେ ପାଞ୍ଚ ଖଣ୍ଡ ଗ୍ରାମବାସୀ ଙ୍କ ସହିତ, ନୂତନ ସରକାରଙ୍କ ଲୋକାଭିମୁଖୀ ବିକଶିତ ଗାଁ ବିକଶିତ ଓଡିଶାର ବିଭିନ୍ନ ଯୋଜନା ଉପରେ ଗ୍ରାମବାସୀ ଙ୍କୁ ସଚେତନତା



ସହିତ ଭତ୍ତା, ଆବାସ, ସୁଭଦ୍ରା, ଶିକ୍ଷା, ପାନୀୟ ଜଳ, ଦେବା ଦେବି ପୀଠ ର ଉନ୍ନତିକାରଣ,ସହିତ ସ୍ୱାଧୀନତାର ୭୬ବର୍ଷ ପରେ ଉକ୍ତ ପାଞ୍ଚଖଣ୍ଡ ଗ୍ରାମର ସାମୁହିକ ସମସ୍ୟା ସ୍ଥାୟୀ ରାସ୍ତା ନିର୍ମାଣ ର ସମାଧାନ ହୋଇଥିଲା । ଅନ୍ୟ ସାମୁହିକ ଆଲୋଚନା, ବୃଦ୍ଧ ଅସହାୟ ଙ୍କୁ ଶୀତ ବସ୍ତ୍ର କମ୍ବଳ ବଣ୍ଟନ,କରିଥିଲେ । ଗାଁ ରେ ପ୍ରଶାସନ ଉପାନ୍ତ ଗାଁ ଗୁଡିକ ରେ ବୌଦ୍ଧ ଜିଲ୍ଲା ପାଳ ସୁବ୍ରତ କୁମାର ପଣ୍ଡା, ବନଖଣ୍ଡ ଅଧିକାରୀ ଦେବ ପ୍ରିୟ କମ୍ପୋ,ଏ ଡି ଏମ -ଅନିରୁଦ୍ଧ ପ୍ରଧାନ, ଉପ ଜିଲ୍ଲା ପାଳ ପ୍ରବୀଣ ବନୁଆ, ହରଭଙ୍ଗା ଗୋଷ୍ଠୀ ଉନ୍ନୟନ ଅଧିକାରୀ ଶରତ କୁମାର ସେଠି, ତହସିଲଦାର ବିଭୁ ପ୍ରସାଦ ସିଂ, ମାଧପୁର ରେଞ୍ଜ ଅଧିକାରୀ ଆସିକ କୁମାର ଦିଗାଲ,ଙ୍କ ସମେତ ବ୍ଲକ ସ୍ତରୀୟ, ଶିକ୍ଷା, ସ୍ୱାସ୍ଥ୍ୟ, ପଶୁ ସମ୍ପଦ, ମତ୍ସ୍ୟ ସମ୍ପଦ,ଓ ବ୍ଲକ ସ୍ତରୀୟ ବିଭାଗୀୟ ଅଧିକାରୀ ଉପସ୍ଥିତ ରହିଥିଲେ ।

# ସଂପାଦକୀୟ

## ବଢୁଛି ଅଡୁଆ

ଜନତା ଦଳ (ୟୁନାଇଟେଡ୍) ନେତା ନୀତିଶ୍ କୁମାର ୨୦୧୫ ମସିହାରେ ବିହାର ମୁଖ୍ୟମନ୍ତ୍ରୀ ହେବା ପରେ ରାଜ୍ୟରେ ସମ୍ପୂର୍ଣ୍ଣ ନିଶା ନିବାରଣ ବ୍ୟବସ୍ଥା କାର୍ଯ୍ୟକାରୀ କରିଥିଲେ। ଏଥିପାଇଁ ସେ ନିର୍ବାଚନ ଇସ୍ତାହାରରେ ଯେଉଁ ପ୍ରତିଶ୍ରୁତି ଦେଇଥିଲେ, ତାହାକୁ ଅକ୍ଷରେ ଅକ୍ଷରେ ପାଳନ କରି ୨୦୧୬ ଏପ୍ରିଲ୍ ମାସରେ ସମଗ୍ର ରାଜ୍ୟରେ ମଦ ବିକ୍ରିକୁ ବନ୍ଦ କରିଥିଲେ। ତେବେ ବିହାର ସରକାରଙ୍କ ଏହି ପଦକ୍ଷେପ ନୈତିକତା ଦୃଷ୍ଟିରୁ ସ୍ୱାଗତଯୋଗ୍ୟ ମନେ ହେଉଥିଲେ ହେଁ ବାସ୍ତବ କ୍ଷେତ୍ରରେ ନୀତିଶ କୁମାରଙ୍କୁ ଅଡୁଆରେ ପକାଇ ଥିବାର ଲକ୍ଷ୍ୟ କରାଯାଉଛି। କାରଣ ରାଜ୍ୟରେ ଖୋଲାଖୋଲି ମଦ ବିକ୍ରି ବା ମଦ୍ୟପାନକୁ ନିଷେଧ କରାଯାଇଥିବାରୁ ଏହାର ଚୋରାବାର ଅତ୍ୟଧିକ ମାତ୍ରାରେ ବୃଦ୍ଧି ପାଇଛି। ନିଶାଦ୍ରବ୍ୟ କାରବାର ସହ ଜଡ଼ିତ ବ୍ୟକ୍ତି ଅନ୍ୟ ରାଜ୍ୟରୁ ଏହାକୁ ଚୋରାରେ ଆଣି ବିହାରରେ ବିକ୍ରି କରୁଛନ୍ତି। ମଦ ବିକ୍ରି ଉପରେ ରୋକ୍ ଲଗାଯିବା ଫଳରେ ସରକାରଙ୍କ ଅବକାରୀ ଆୟ ବନ୍ଦ ହୋଇଥିବାବେଳେ ଲୋକଙ୍କ ନିଶା ସେବନର ଅଭ୍ୟାସକୁ ରୋକାଯିବା ସମ୍ଭବ ହୋଇନାହିଁ। ସବୁଠାରୁ ବିପଜ୍ଜନକ ବିଷୟ ହେଉଛି, ରାଜ୍ୟରେ ନିଶା ନିବାରଣ ବ୍ୟବସ୍ଥା କାର୍ଯ୍ୟକାରୀ ହେବା ପରେ ବିଷାକ୍ତ ମଦମୃତ୍ୟୁର ଅବାରିତ ଧାରା ଛୁଟିଥିବାର ଲକ୍ଷ୍ୟ କରାଯାଉଛି, ଯାହା ନୀତିଶ୍ ସରକାରଙ୍କ ପାଇଁ ମୁଣ୍ଡବ୍ୟଥାର କାରଣ ହୋଇଛି। ୨୦୧୬ ମସିହା ପରେ ପ୍ରାୟ ପ୍ରତିବର୍ଷ ବିଷାକ୍ତ ମଦ ପିଇ ବହୁ ଲୋକ ଅକାଳରେ ପ୍ରାଣ ହରାଉଥିବା ଖବର ଗଣମାଧ୍ୟମର ପୃଷ୍ଠା ମଣ୍ଡନ କରୁଛି। ଚଳିତ ସପ୍ତାହରେ ବିହାରର ସାରନ୍ ଜିଲ୍ଲା ଅନ୍ତର୍ଗତ ଛାପ୍ରାରେ ବିଷାକ୍ତ ମଦ୍ୟପାନ କରି ୩୦ଜଣଙ୍କ ମୃତ୍ୟୁ ଘଟିଥିବାର ଖବର ମିଳିଛି। ଅନେକ ଆହତ ଲୋକଙ୍କ ସ୍ୱାସ୍ଥ୍ୟର ଅବସ୍ଥା ସଙ୍କଟାପନ୍ନ ଥିବାରୁ ମୃତ୍ୟୁ ସଂଖ୍ୟା ବୃଦ୍ଧି ପାଇବାର ସମ୍ଭାବନା ରହିଛି। ମିଳିଥିବା ସୂଚନା ଅନୁଯାୟୀ ସରକାରୀ କଟକଣା ସତ୍ତ୍ୱେ ସେହି ଅଞ୍ଚଳରେ ବିପୁଳ ପରିମାଣର ଦେଶୀ ମଦ ଚୋରାରେ ଆସି ପହଞ୍ଚିଥିଲା ଏବଂ ୫୦ରୁ ଅଧିକ ଲୋକ ପାଉଚ ପିଛା ୨୦ ଟଙ୍କା ଲେଖାଏଁ ଦେଇ ତାହାକୁ ପିଇଥିଲେ। ବିଷାକ୍ତ ମଦ ପିଇବା ମାତ୍ରେ ସେମାନେ ଶରୀରରେ ଭୀଷଣ ଯନ୍ତ୍ରଣା ଅନୁଭବ କରିଥିଲେ ଓ ୫ଜଣଙ୍କର ସଙ୍ଗେ ସଙ୍ଗେ ମୃତ୍ୟୁ ଘଟିଥିଲା। ଅନ୍ୟମାନଙ୍କୁ ଡାକ୍ତରଖାନାକୁ ନିଆଯିବା ପରେ ଜଣଙ୍କ ପରେ ଜଣେ ପ୍ରାଣ ହରାଇଥିଲେ। ଚଳିତବର୍ଷ ମଦମୃତ୍ୟୁର ଏହା ପ୍ରଥମ ଘଟଣା ନୁହେଁ। ଗତ ଅଗଷ୍ଟ ମାସରେ ବିଷାକ୍ତ ମଦ ପିଇ ୧୧ଜଣ ପ୍ରାଣ ହରାଇଥିଲେ। ଯେଉଁ ବର୍ଷ ଆଇନ୍‌କୁ କଡ଼ାକଡ଼ି ଭାବରେ କାର୍ଯ୍ୟକାରୀ କରାଗଲା ସେହିବର୍ଷ ୧୬ଜଣ ଲୋକ ବିଷାକ୍ତ ମଦ ପିଇ ଆଖି ବୁଜିଥିଲେ। ଯେପରି ମନେ ହେଉଛି ନୀତିଶ୍ ସରକାରଙ୍କ ମହତ୍ ଆଭିମୁଖ୍ୟକୁ ବିଷାକ୍ତ ମଦମୃତ୍ୟୁର ଗୋଟିଏ ପରେ ବିଭୀଷିକା ଉପହାସିତ କରୁଛି। ସରକାରୀ ପରିସଂଖ୍ୟାନ ଅନୁଯାୟୀ ଗତବର୍ଷ ଅର୍ଥାତ୍ ୨୦୨୧ ମସିହା ନଭେମ୍ବର ମାସରେ ବିହାରର ମୁଜାଫରପୁର ଅଞ୍ଚଳରେ ବିଷାକ୍ତ ମଦ୍ୟପାନ କରି ୩୦ଜଣଙ୍କର ମୃତ୍ୟୁ ଘଟିଥିଲା। ମାର୍ଚ୍ଚରେ ବାଙ୍କା ଓ ମାଧେପୁରାରେ ୩୨ଜଣ ଲୋକ ମଦ ପିଇ ପ୍ରାଣ ହରାଇଥିଲେ। କେବଳ ୨୦୨୧ରେ ସମୁଦାୟ ୬୬ଟି ମଦମୃତ୍ୟୁ ଘଟଣା ନୀତିଶ ସରକାରଙ୍କ ନିଶାନିବାରଣ ଆଇନ ଉପରେ ପ୍ରଶ୍ନଚିହ୍ନ ସୃଷ୍ଟି କରୁଛି। ରାଜ୍ୟ ସରକାର ଚୋରା ମଦ ବିକ୍ରୀକୁ ସମ୍ପୂର୍ଣ୍ଣ ବନ୍ଦ କରିବା ପାଇଁ ନିଜର ପୁଲିସ ଓ ପ୍ରଶାସନକୁ ଅଧିକ କ୍ରିୟାଶୀଳ କରିବାର ଜରୁରି ଆବଶ୍ୟକତା ରହିଛି। ନଚେତ୍ ଏଭଳି ଅଧାପନ୍ତରିଆ ନୀତିଶ କୁମାରଙ୍କ ପାଇଁ ଯେ ବୁମେରାଂ ହେବ, ଏଥିରେ ସନ୍ଦେହ ନାହିଁ।

## ପାଦର ସ୍ଥାନ

ଅଜୟ କୁମାର ବେହେରା

ବ୍ୟାଦ ପଦ୍ମ ଉପରେ ଅଛି ବୋଲି ପଦ୍ମପାଦ। ବାସ୍ନା ଘ୍ରାଣରେ ଜଣାପଡ଼ିଲେ ବାସ୍ନା କିନ୍ତୁ ଭିନ୍ନ ପ୍ରକାରରେ ଆସେ ଯାହା ଘ୍ରାଣରେ ନୁହଁ କର୍ଣ୍ଣ ଚକ୍ଷୁରେ ଜଣାପଡ଼େ ଓ ମୁଖରେ ପରିସ୍ଫୁଟ ବି ହୁଏ। ଜୟ ଜୟକାର୍ରୁ ଏକ ଶୁଦ୍ଧ ବାସ୍ନା ଦୁର୍ନାମ ରଟନା ଏକ ଦୁର୍ଗନ୍ଧ ବାସ୍ନା। ଏହା ଘ୍ରାଣରେ ଆସେ ନାହିଁ। କାହାରି ସଭା ସମିତିରେ ପ୍ରଶଂସା ଏହା ଚକ୍ଷୁର ଗ୍ରାହ୍ୟ। ଭଗବାନଙ୍କର ଗୁଣଗାନ, ଭଜନ ଅର୍ଜନ କୀର୍ତ୍ତି ଜଣାଣ ଏହା ଭଗବାନର ବାସ୍ନା ମୁଖରେ ପ୍ରକଟ କରାଯାଉଛି। ଜଣାଣରେ ପ୍ରଭୁଙ୍କର କିଛି ଦୁର୍ଗୁଣ କୁହାଗଲେ ବି ଏହା ଅଭିମାନର ଭାଷା ପରୋକ୍ଷରେ ଅନ୍ୟକୁ ସେ ସାହାଯ୍ୟ କରିଥିଲା ବି ଜଣାଣ କର୍ତ୍ତାକୁ ସହାୟକ ହେଉନାହାଁନ୍ତି।

ଗୋଡ଼ତଳେ ପଡ଼ିବା ଆମ ଧର୍ମର ଏକ ବିଶେଷ ସମ୍ମାନ ଦେବା କାର୍ଯ୍ୟ ତେବେ ଗୁରୁଜନଙ୍କୁ ବୟସ୍କଙ୍କୁ ଗୋଡ଼ତଳେ ପଡ଼ିବାକୁ ହୁଏ ଅନେକ ରାଗକ୍ରୋଧ ନିରୁପାୟରେ ଅଳ୍ପ ବୟସ୍କଙ୍କୁ ଗୋଡ଼ତଳେ ପଡୁଛି କହିଦିଅନ୍ତି ପଡ଼ିବି ଯାଆନ୍ତି ଏ ଦୁଇରେ ଭାବ ଅଲଗା ଅଲଗା। ଗୁରୁଜନ ଗୁରୁ ଯେ ସେମାନେ ତାଙ୍କର ପାଦ ସେପରି ଗୁରୁ ସ୍ଥାନ ଦେବସ୍ଥାନ, ବହୁ ବିଦ୍ୟାୟତନରେ କରିଥାନ୍ତି। ତାଙ୍କର ଗୁରୁପାଦ ସେବା ସେମାନେ କରିଥାନ୍ତି। ଯେ କେହି ବଡ଼ଲୋକ ହୋଇଥାନ୍ତୁ ପଛେ ରାଜମନ୍ତ୍ରୀ ହୋଇଥାନ୍ତୁ ତାଙ୍କୁ ଖାଲିପାଦରେ ସମସ୍ତଙ୍କ ପରି ଖାଲିପାଦରେ ଯିବାକୁ ହୁଏ। ପାହାଚ ଉଠାରୁ ସର୍ବୋଚ୍ଚ ଦିଅଁଙ୍କର ବଇଠି ସିଂହାସନ ଯାଏ ଖାଲି ପାଦରେ ଯିବା ଦ୍ୱାରା ପାଦର ସଙ୍ଗ ପ୍ରଭାବ ନଷ୍ଟ ହୁଏ। ମାଟିର ସଙ୍ଗ ପ୍ରଭାବ ଅଛି। ମାଟି ସଙ୍ଗପ୍ରଭାବ କାଟିବା ପାଇଁ ପାଦ ଶୁଦ୍ଧି, ପାଦ ଧୌତ, ଗୋମୟ ଜଳରେ କରାଯାଏ। ଦେବ ମନ୍ଦିରରୁ ଫେରନ୍ତାଙ୍କୁ ତାଙ୍କର ଗ୍ରାମ ଭୂମିର ଲୋକ ପୂର୍ବେ ପ୍ରଣାମ, ଦଣ୍ଡବତ କରୁଥିଲା। ସେ ବୟସରେ ବଡ଼ ହୁଅନ୍ତୁ ବା ସାନ ହୁଅନ୍ତୁ। ଶ୍ରୀକ୍ଷେତ୍ରକୁ ଲୋକ ଚାଲି ଚାଲି ଆଗେ ଆସୁଥିଲେ। ସେ ଗ୍ରାମକୁ ଫେରିଲେ ଦେବ ଦର୍ଶନ ପାଇଁ କଷ୍ଟ ସହ୍ୟ କରିଥିବା ଲୋକକୁ ଏକ ସମ୍ମାନ ଏପରି କରାଯାଉଥିଲା। ଏପରିକି ଦଣ୍ଡ ଭାଙ୍ଗି ଅନେକ ଦେବ ସ୍ଥାନକୁ ଯାଉଥିଲେ ସେମାନଙ୍କର ଆଣ୍ଠୁ କହୁଣୀ ଛିଡ଼ି ରକ୍ତ ବହିଲେ ବି ସେ ଦେବ ଦର୍ଶନ ପାଇଁ କଷ୍ଟକୁ ଖାତିରି କରୁନଥିଲେ। ସେ ଦେବ ସ୍ଥାନରେ ପହଞ୍ଚିବା ପୂର୍ବରୁ ଦେବ ସ୍ଥାନ ଲୋକ ଏପରିକି ସ୍ଥାନୀୟ ରାଜା ସେ ଭକ୍ତକୁ ଦୁଃଖରୁ ରକ୍ଷା ପାଇଁ ଉପାୟ ଚିନ୍ତା କରୁଥିଲେ। ଏକାଗ୍ରତା ପାଇଁ ବୁଦ୍ଧ ଦେବା ବହୁ ତପସ୍ୟା ଅନଚୀନ ଅନିଦ୍ରା ରହି ଶେଷରେ ସିଦ୍ଧି ଲାଭ କରି ପରମ ସତ୍ୟ ସନ୍ଧାନୀ ହୋଇଥିଲେ। ଗୌତମ ରାଜପୁତ୍ର ହୋଇ ଜନ୍ମ, ସୁନ୍ଦରୀ ରମଣୀର ସ୍ୱାମୀ, ସନ୍ତାନ ପ୍ରାପ୍ତ ତଥାପି ସତ୍ୟ ସନ୍ଧାନୀ ପାଇଁ ସେ କେତେସାଧନା କରିଥିଲେ। ଦେବ ସ୍ଥାନରେ ଅନେକ ଲୋକ କିଛି ସିଦ୍ଧିପ୍ରାପ୍ତି ପାଇଁ ଅଧା ପଡ଼ିଥାନ୍ତି। ଶାରଳାଦେବୀ ମନ୍ଦିରରେ ଯେଉଁମାନେ ଗାୟକ ହେବାକୁ ଆଶା କରନ୍ତି ସେମାନେ ଏପରି କରିବା ଶୁଣାଯାଏ ଓ ଏବେ ବି ଦେଖାଯାଉଛି। ଜଣେ ଗାୟକ ସଭାରେ ଶାସ୍ତ୍ରକୁ ନେଇ ବିଷୟବସ୍ତୁ ଅଳଙ୍କାର ଭରି ନିରବଚ୍ଛିନ୍ନ ଲୋକଙ୍କୁ ସବୁରସରେ ମୁଗ୍ଧ କରି ଗାୟନ କରିବା ବଡ଼ ସାଧନା। ସେ ସାରସ୍ୱତ ସାଧକ। ପ୍ରକୃତିରେ ଏମାନଙ୍କର ପାଦ ଦେବ ସ୍ଥାନ ସିଦ୍ଧିସ୍ଥାନରେ ପଡ଼ି ତନ ମନ ଜ୍ଞାନ ଶୁଦ୍ଧ ହୋଇଯାଉଥିଲା। ଗୁରୁଙ୍କର ପାଦ ସେବାରେ ଅପୂର୍ବ ଫଳ ଅଛି। ଶ୍ରୀଜଗନ୍ନାଥଙ୍କର ପାଦ ନାହିଁ, ସେ ସମସ୍ତ ଗୁରୁଙ୍କୁ ପାଦ ପୂଜା ଅଧିକାର ଦେବା ଯେମିତି ଜଣା ପଡୁଛି ଭଗବାନ କୃଷ୍ଣ ଏକ ଗଧର ପାଦ ଧରିବା କୁହାଯାଏ। ଏ ହେଉଛି ଏକ ସତୀକୁ ହାସଲ ପାଇଁ ଏକ ଉଦାହରଣ। ଏବେ ବି ଲାଞ୍ଚ ଘୁଷ ପାଟିବା ଏଇ ଗଧ ପାଦ ଧରିବା କାମ। ଗଧ କେବଳ ପରିଶ୍ରମ କରେ ଗଣ୍ଡେ ଖାଏ। ହେଲେ ଅତ୍ୟଧିକ ମାଲିକ ପ୍ରେମୀ ପ୍ରେମୀ ଗଧ ଅନ୍ୟର କଥା ଶୁଣେ ନାହିଁ। ଗାଜର ଲାଉ ଗଧର ଥାଏ। ଏହି ଅର୍ଥ ମୋହ ଗଧକୁ ଗାଜର ପ୍ରୟୋଗ ପ୍ରକ୍ରିୟା ମାତ୍ର। ଫାଇଲ କାମ ସରକାରୀ ନିୟମ, କମ୍ପାନୀ ନିୟମ, ବ୍ୟାଙ୍କର ନିୟମ, ଜରିଆରେ ରୋକ ଲଗାଇବା ପୁଣି ଲାଞ୍ଚ ଘୋଷ ରିସ୍ତପତରେ ବହୁ ନମସ୍କାର ଗୋଡ଼ ଧରିବା ଦ୍ୱାରା ନିୟମ ଗୁଡ଼ିକରୁ ପୁଣି ଉପଧାରା ବାହାରିବ ହୋଇଯାଉଛି। ଲୋକ କି ମୂଲ୍ୟବାନ ପାଠ ପଢ଼ନ୍ତି, ଦେଶର ଜଣେ ଟିକସଦାତା ପ୍ରଜା ଏଇ ଟିକସରୁ କର୍ମଚାରୀ ଦରମା ପାଇଁ ଚଳୁଛି କିନ୍ତୁ ଗାଜର ପାଇଁ ଲୋଭରେ କାମ ପାଇଁ ତେଢ଼ା ନିୟମ ଲଗାଇ ଦେଉଛନ୍ତି। ଏହି ଗଧ ଥିଲା ଜରାସନ୍ଧର କର୍ମଚାରୀ। ଜରା ଅର୍ଥ ମୃତ୍ୟୁର ପୂର୍ବାବସ୍ଥା। ସନ୍ଧକୁ ସନ୍ଧିରେ ନେଲେ ଏପରି ଅବସ୍ଥାରେ ପାଞ୍ଚ ବର୍ଷ କାନୁନର କର୍ତ୍ତା ଏ ପାଞ୍ଚ ବର୍ଷ ଚାଲିଗଲେ ପୁଣି ନୂଆ କାନୁନ। ନୂଆ ଜରାସନ୍ଧ ବି ଆସି ପାରନ୍ତି। ହେଲେ ଗଧର ପଦବୀ ଗର୍ବ ରହିଛି। ପଦବୀ ସେ ପ୍ରୟୋଗ ପାଇଁ ସଂସାର ସମ୍ମାନୀୟକୁ ତାର ପାଦ ଧରିବାକୁ ବାଧ୍ୟ କରିଥିଲା, ଏବେ ଏହାର ରୂପୀ ସବୁ ଦପ୍ତରରେ ଦେଖାଯାଉଛି। ଶ୍ରୀକୃଷ୍ଣ ପରିବାର ପାଇଁ ଜନ୍ମ ଦରକାର ଥିଲା। ଜରାସନ୍ଧ ନାଶ ଅର୍ଥାତ୍ କାନୁନର ଦିଗ ପରିବର୍ତ୍ତନ। ଏପାଇଁ ତା'ର ବିଶ୍ୱସ୍ତ କର୍ମଚାରୀକୁ ଯେନତେନ ଶୁକଦେବ, ବୟସରେ ସ୍ଥାନ କିଛି ବିଦ୍ୟାସିଦ୍ଧି ବଶୀ କରିବା ତାକୁ ରାଜା ପରୀକ୍ଷି ପ୍ରଣାମ କରି ଭାଗବତ ଶାସ୍ତ୍ର ସାତ ଦିନ ଶୁଣିଛନ୍ତି। ବିଦ୍ୟାସିଦ୍ଧଙ୍କୁ ପ୍ରଣାମ କରାଯାଏ। ରାଜାଙ୍କୁ ନିତ୍ୟ ଭାଟ ବନ୍ଦନା କରନ୍ତି। ଏବେ ଭୋଟ ବୃତ୍ତି ହେଉଛି ଦଳୀୟ ଲୋକେ। ରାଜାଙ୍କର ଜୟ ଜୟକାର କରୁଛନ୍ତି। ରାଜା ବୟସରେ ସାନ ହେଲେ ବି ବନ୍ଦନୀୟ। ରାଜଦ୍ୱାରା ପାଦ ରଖିଲେ ଦଫା ଅଛି। ଯୁଦ୍ଧ ବିଜୟୀ ବା ଯୁଦ୍ଧରେ ବୀରଗତି ପ୍ରାପ୍ତ ସୈନିକ ଦେଶରେ ସମସ୍ତଙ୍କର ସମ୍ମାନର ପାତ୍ର ତା' ପାଇଁ ତୋପ ସଲାମୀ ଦିଆଯାଏ। ପୂର୍ବେ ଗନ ସାଲୁଟ ଦେଶୀୟ ରାଜାମାନେ ଅନ୍ୟ ରାଜ୍ୟରେ ପାଉଥିଲେ। ଯୁଦ୍ଧରେ ଜୟୀ ହୋଇଥିବା ସେନାପତି ଅନ୍ୟ ଦେଶରେ ତୋପ ସଲାମୀ ପାଆନ୍ତି। କାରିଗିଲ ଯୁଦ୍ଧରେ ପାକିସ୍ଥାନ ହାରିଥିଲା। ତାଙ୍କର ସେନାପତି ମୁସାରଫଙ୍କୁ ଭାରତରେ ତୋପ ସଲାମୀ ପରିଭ୍ରମଣ କାଳରେ କରାଯାଇନଥିଲା। ଏ ପାଇଁ ତାଙ୍କ କ୍ଷୋଭ ଆସିଥିଲା। ପାକିସ୍ଥାନର ପଦାଧିକାରୀ ଭାରତରେ ସେ ସମ୍ମାନ କେମିତି ପାଇବେ।

# ସର୍ଜନଶୀଳ ମଣିଷମାନେ ଜଗତର ଜାଗ୍ରତ ପ୍ରହରୀ

ଉମାଶଙ୍କର ପ୍ରସାଦ

ହିନ୍ଦୁଶାସ୍ତ୍ର ଅନୁସାରେ- ନିରାକାର ପୁରୁଷ ଯୋଗନିଦ୍ରାରେ ଅଭିଭୂତ ଥିବା ସମୟରେ ହଠାତ୍ ତାଙ୍କର ସୃଜନ ଚେତନା ଜାଗ୍ରତ ହେଲା ଓ ତାଙ୍କ ନାଭି କମଳରୁ ପଦ୍ମଟିଏ ଜାତ ହେଲା ଯେଉଁଥିରେ ବ୍ରହ୍ମାଙ୍କର ଆବିର୍ଭାବ ହେଲା। ସେହି ନିରାଧାର ପୁରୁଷଙ୍କ ଇଙ୍ଗିତରେ ବିଶ୍ୱବ୍ରହ୍ମାଣ୍ଡ ସୃଷ୍ଟି ହେଲା ଏବଂ ବ୍ରହ୍ମା ଜୀବଜଗତ ସର୍ଜିଲେ। ଏହି ଜୀବ ଜଗତ ଓ ମନୁଷ୍ୟାଦିକୁ ପାଳନ ପାଇଁ ବିଷ୍ଣୁ ଏବଂ ଜଗତର ଅନାଚାର ତଥା ଦୁଷ୍ଟ ଶକ୍ତିର ସଂହାର ପାଇଁ ଶିବଙ୍କର ଆବିର୍ଭାବ ଘଟିଲା। ଏହି ତିନି ଦେବତାଙ୍କ ପରିକଳ୍ପନାରେ ସର୍ଜନ ସଙ୍କେତକୁ ଖୋଜା ଯାଇପାରେ। ଆମ ଭାରତୀୟ ପରମ୍ପରାରେ ଲେଖକ ଓ କବି ହେଉଛନ୍ତି କ୍ରାନ୍ତଦ୍ରଷ୍ଟା ପୁରୁଷ। ଋଗ୍‌ବେଦ କହେ କବିଟିଏ ହେଉଛି ଭୂୟୋଦ୍ରଷ୍ଟା ଋଷି। ସେ ସୃଜନସତ୍ତାରେ ଆଲୋକିତ ପୁରୁଷ। ସେ ଭୂମି ଓ ଭୂମାରେ ମୁଗ୍ଧ ସମର୍ପିତ ଆତ୍ମା। 'କବୃ' ଧାତୁରୁ ତ ପ୍ରତ୍ୟୟ ରୁ କବି ଶବ୍ଦ ନିଷ୍ପନ୍ନ। ଯେ ସୃଜନ ମନ୍ତ୍ରରେ ବିଭୋର ତଥା ବର୍ଣ୍ଣନା କାରୀ ସେ ତ କବି। ' ଅଗ୍ନିପୁରାଣ' କହେ "ଅପାର କାବ୍ୟସଂସାରେ କବିରେବ ପ୍ରଜାପତି"। ତେଣୁ କବି ଓ ଲେଖକମାନଙ୍କୁ କାଳେ କାଳେ ସ୍ରଷ୍ଟାର ଆସନରେ ଆସୀନ କରାଯାଇଛି। ଏଣୁ ପ୍ରତ୍ୟେକ ଲେଖକ ସୃଜନଶୀଳତାର ମନ୍ତ୍ରରେ ମନ୍ତ୍ରିତ ବ୍ୟକ୍ତିସତ୍ତା ଏହି ସୃଜନଶୀଳତାରେ ଲେଖକର ମା' ରୂପଟି ପ୍ରତିବିମ୍ବିତ ହେବା ସହ ସେ ଜଗତର ଜାଗ୍ରତ ପ୍ରହରୀ ଭାବେ ଉଦ୍‌ଭାସିତ ହୋଇଥାଏ। ପ୍ରତି ମଣିଷଠାରେ ସୃଜନଶୀଳତାର ନିତ୍ୟନିୟତ ଲୀଳା ଫୁଟିଉଠେ। ତେଣୁ ମଣିଷ ମାତ୍ରେ ସୃଜନଶୀଳ। ଯିଏ ସୃଜନଶୀଳ ତା'ର ଦାୟିତ୍ୱବୋଧ ରହିବା ସହ ସେ ସମାଜର ଜାଗ୍ରତ ପ୍ରହରୀ ଭାବେ ନିଜର କାର୍ଯ୍ୟଧାରାକୁ ସୁଚାରୁ ଭାବରେ କରି ଚାଲିଥାଏ।

ସୃଷ୍ଟି, ସ୍ଥିତି ଏବଂ ବିନାଶ ହିଁ ସର୍ଜନଶୀଳତାର ନିୟତି। ଲେଖକ ବା କବିଟିର ମନୋରାଜ୍ୟରେ ସତତ ସର୍ଜନ, ପରିପାଳନ ଏବଂ ବିଲୟୀଭାବର ଚକ୍ର ଲାଗି ରହିଥାଏ। ମନୋବିଜ୍ଞାନୀ ସିଗମଣ୍ଡ ଫ୍ରଏଡ ବି ମନୁଷ୍ୟର ମନୋରାଜ୍ୟରେ ତିନୋଟି ସ୍ତରର ପରିକଳ୍ପନା କରିଛନ୍ତି। ସେଗୁଡିକ ହେଲା ସଚେତନ (ମକ୍କଭଶ୍ୱମସକ୍କଙ୍କଶ୍ୱ), ପ୍ରାକ୍‌ଚେତନ (କ୍ସ୍ୱରମକ୍କଭଶ୍ୱମସକ୍କଙ୍କଶ୍ୱ) ଏବଂ ଅବଚେତନ (ଙ୍କଭମକ୍କଭଶ୍ୱମସକ୍କଙ୍କଶ୍ୱ) ସ୍ତର। ମଣିଷ ଚେତନାର ତଳାତଳ ଇଲାକାରେ ବିଭିନ୍ନ ଅନୁଭୂତି ସ୍ମୃତି ରୂପେ ସଞ୍ଚିତ ହୋଇ ରହିଥାଏ। ତାହା ସଞ୍ଚୟନ, ସଂରକ୍ଷଣ, ବିସ୍ମରଣ ଓ ପୁନଃ ଆବାହନ ପର୍ଯ୍ୟାୟରେ ବିଘଟିତ ହୋଇ ସୃଜନର ରୂପ ନେଇଥାଏ। ସେହି ସୃଜନଶୀଳତା କଳି ରୂପ ଧରି କବିକଳ୍ପ ବାମନ ମାନଙ୍କୁ ସ୍ୱର୍ଗ, ମର୍ତ୍ତ୍ୟ, ପାତାଳ ତୁଲ୍ୟ ତିନିପାଦ ଭୂମି ଯାଚିଦିଏ। ଫଳରେ ସୃଜନ ପାତ୍ର ଭରିଯାଏ। ସୃଜନଶୀଳତା ପ୍ରଜ୍ଞା, ପ୍ରତିଭା ଓ ପ୍ରଣୋଦନାର ଅପେକ୍ଷା ରଖେ। ପ୍ରଜ୍ଞାଦୀପ୍ତ ମନୋଭୂମିରେ ସୃଜନସ୍ୱପ୍ନ ନୂଆ ନୂଆ ରୂପେ ବିକଶିତ ହୋଇ ପ୍ରତିଭା କୋଟିକୁ ଉନ୍ନିତ ହୁଏ। ସମୀକ୍ଷା ଶାସ୍ତ୍ରରେ ତ ନବ ନବ ଉନ୍ମେଷ ଶାଳିନୀ ପ୍ରଜ୍ଞାକୁ ହିଁ ପ୍ରତିଭା କୁହାଯାଏ। ଏହି ପ୍ରତିଭା ଯେତେବେଳେ ପ୍ରେରଣା ଭୂମିରେ ପାଦ ଥାପେ, ସେତେବେଳେ ହିଁ କବିତା ବା ସୃଜନଧର୍ମୀ ଲେଖାଟିଏ ଉଷା ପରି ଆସି ମନକୁ ରଙ୍ଗେଇ ଦିଏ। ବ୍ୟକ୍ତି ମଣିଷଟି କବି ବା ସର୍ଜନଶୀଳ ଲେଖକୀୟ ସତ୍ତା ବନିଯାଏ।

ଖିଆଲି ମଣିଷ ହିଁ ଅଧିକ ସୃଜନଶୀଳ। ଚିରା ଚରିତ ଶଗଡ ଗୁଳାରେ ପାଦ ଦେଲେ ସୃଜନର ଦିଗନ୍ତ ଦିଶେନା। ପ୍ରଜ୍ଞା ତ ବିବେକବୋଧ ସଂଜାତ ଅବବୋଧ; ପ୍ରତିଭାତ ନୂଆ ନୂଆ ରୂପ ନେଇ ଉଦେ ହୁଏ। ପ୍ରଣୋଦନା ସୃଜନଶୀଳ ମନ ବା ଭାବଭୋଳା ଦୃଷ୍ଟିକୁ ଉଦ୍ରେକ କରୁଥିବା ସେହି ସାଧନ ମାତ୍ର। ଏହି କାରକ ତିନୋଟି ସର୍ଜନଶୀଳତାର ନିୟାମକ। ଏହି କାରକ ତ୍ରୟର ସମନ୍ୱୟରେ ବ୍ୟକ୍ତି ମଣିଷଟି କବି ମଣିଷରେ ରୂପାନ୍ତରିତ ହୋଇଯାଏ। ଆମେ ଆମ ପୁରାଣ କଳ୍ପ ବା ମିଥ୍‌ର ସର୍ଜନ, ପାଳନ ଓ ବିଲୟନ ଧାରାରେ ବ୍ରହ୍ମା, ବିଷ୍ଣୁ ଓ ଧ୍ୱଂସକାରୀ ରୁଦ୍ରର କାର୍ଯ୍ୟକାରିତାକୁ ଲକ୍ଷ କରିପାରିବା। ଲେଖାଟି ପ୍ରଥମେ ମଣିଷ ଚେତନାର ଅବଚେତନ ସ୍ତରରେ ରହିଥାଏ। ପରେ ଅର୍ଦ୍ଧଚେତନ ସ୍ତରକୁ ଆସି କୋଷା ବାନ୍ଧେ ଏବଂ ଚେତନ ସ୍ତରକୁ ଆସିଲେ ହିଁ ପ୍ରଜାପତି ପରି ଲେଖାଟି ଚହଟେ; ତାହା କବି ବା ଲେଖକର ଆଦରର ଧନ ପାଲଟିଯାଏ। ବିଦଗ୍ଧ ପାଠକେ ଲେଖାଟିକୁ ଅପଣେଇ ନିଅନ୍ତି। ସୃଜନଶୀଳତା ପାଇଁ ମା ମନଲୋଡା। ମା' ମନ ନଥିଲେ କେହି କସ୍ମିନ କାଳେ କବି ବା ଲେଖକ ହୋଇପାରେନା। ମା' ଗର୍ଭରେ ଯେପରି ଭ୍ରୂଣ ସଞ୍ଚାର ଘଟି ବିଭିନ୍ନ ପର୍ଯ୍ୟାୟ ଦେଇ ତାହା ସନ୍ତାନ ରୂପ ନେଇ ଜନ୍ମେ; ଲେଖାଟିବି ନାନା ପ୍ରତିଘାତ ନେଇ ଅକ୍ଷର ରୂପ ନିଏ। ଲେଖାଟି ଯେତେବେଳେ ଗର୍ଜନ ମୁଖର ହୁଏ ସେତେବେଳେ କିଛି ହଟ ଚମଟ ସୃଷ୍ଟି କରିଥାଏ ମାତ୍ର ପରେ ତାହା ତୃପ୍ତି ନଦେଇ ଅତୃପ୍ତିର କାରଣ ହୋଇଥାଏ। ମଣିଷ ମାତ୍ରକେ ସାମାଜିକ ଜୀବ। ସେ କର୍ମ କଷଣ ସହି ଦେଶ, ଜାତି, ସମାଜ ଏବଂ ସର୍ବୋପରି ଜଗତର କଲ୍ୟାଣରେ ନିଜକୁ ନିୟୋଜିତ କରେ। ଏହା ପାରିବାରିକ ସ୍ତରରୁ ସାମାଜିକ ସ୍ତର ଯାଏ ପରିବ୍ୟାପ୍ତ ହୋଇଥାଏ। କବି, ଲେଖକ ସମେତ ସର୍ଜନଶୀଳ ମଣିଷମାନେ ଜଗତର ଜାଗ୍ରତ ପ୍ରହରୀ। ଇଂରେଜ କବି ଶେଲି (ଚ.ଈ ୱଷରକ୍ଷଷଚ୍ଚ) କହନ୍ତି- କବିମାନେ ଅମରତ୍ୱର ଶୁଶ୍ରୁଷାକାରୀ (ଘଙ୍କଶ୍ୱଶ୍ୱସଭଶ କ୍ଲ ସଙ୍କଙ୍କକ୍କଶ୍ୱ-ଶ୍ୱବକ୍ଷସଶ୍ୱଚ୍ଚ) ଏବଂ ଜଗତର ଅଣସ୍ୱୀକୃତ ବ୍ୟବସ୍ଥାପକ(ଶ୍ୱଷର ଙ୍କଭବମଳଭକ୍କଙ୍କକ୍ଷ-ରୟଶରୟ କ୍ଷରଶସଶ୍ୱକ୍ଷବଶ୍ୱକ୍କଶ୍ୱ କ୍ଲ ଶ୍ୱଷର ଙ୍କକ୍କଶ୍ୱକ୍ଷୟ)। ସେହିମାନେ ହିଁ ପୃଥିବୀର ମଣିଷ ସହ ମଣିଷର ଆଳାପ ଆଲୋଚନାର ସେତୁ ପ୍ରସ୍ତୁତ କରନ୍ତି। ଉକ୍ତ କଥାକୁ ଡକ୍କଶ୍ୱୟଶ୍ୱଙ୍କକ୍କଶ୍ୱଶ୍ୱଷ ସ୍ୱୀକୃତି ଦେଇ କହନ୍ତି— ଞଷର କ୍ସ୍କରଶ୍ୱ ସଶ୍ୱ ବ ଙ୍କବଭ ଶ୍ୱକ୍ସ୍ୱରବଳ-ସଭଶ ଶ୍ୱକ୍କ କ୍କଶ୍ୱଷରଶ୍ୱ ଙ୍କରଭ, ଷରଭମର କ୍ସ୍କରଶ୍ୱଶ୍ୱଚ୍ଚ ସଶ୍ୱ ବ ଙ୍କକ୍କୟର କ୍ଲ ଷଙ୍କଙ୍କବଭ ମକ୍କଙ୍କଙ୍କଙ୍କଭସମବଶ୍ୱସକ୍କଭ. ମଣିଷ ହେଉଛି ମଣିଷର ପାରସ୍ପରିକ ଯୋଗା ଯୋଗର ଏକ ମାର୍ଗ ବିଶେଷ। ଯଦି ଲେଖକ ଓ କବି ସମାଜ ପ୍ରତି ସମର୍ପିତ ନହୁଏ ସେତେବେଳ ପର୍ଯ୍ୟନ୍ତ ଲେଖାର ମହକ ରହେନି ଓ ସେ ସମାଜର ଜାଗ୍ରତ ପ୍ରହରୀ ଭାବେ ପରିଗଣିତ ହୋଇନଥାଏ। ପ୍ରତ୍ୟେକ ସର୍ଜନ କାରି ଲେଖକ ହେଉ କି କବି ହେଉ ଅଲକ୍ଷିତ ଭାବରେ ଏକାନ୍ତ ଆଦର୍ଶକାମୀ ହେବାସହ ବଞ୍ଚି ବଞ୍ଚାଇବାର ରାହାଧରି ଚାଲିବା ଦରକାର।

# ଛାଡ଼ କରାଯାଇଥିବା ୧୦ ଲକ୍ଷ କୋଟି କାହାର ?

ଗୋପାଳ ମହାପାତ୍ର

ବ୍ୟାଙ୍କିଙ୍ଗ୍ କ୍ଷେତ୍ର ଆଧୁନିକ ପୁଞ୍ଜିବାଦୀ ବ୍ୟବସ୍ଥାର ଜୀବନ ଅଟେ । ଏହି କ୍ଷେତ୍ରରେ ମଧ୍ୟ ଅନେକ ପରିବର୍ତ୍ତନ ହୋଇଥାଏ । କିନ୍ତୁ ବିଗତ କିଛି ବର୍ଷ ହେବ ଆମ ଦେଶର ବ୍ୟାଙ୍କିଙ୍ଗ୍ ବ୍ୟବସ୍ଥାରେ ଅଣ-ବିତ୍ତୀୟ (ଆର୍ଥିକ) କାରଣରୁ ଏଭଳି ପରିବର୍ତ୍ତନ ହୋଇଛି ଯାହା ଅର୍ଥବ୍ୟବସ୍ଥାକୁ ଅଧିକ ବ୍ୟବସ୍ଥିତ କରିବା ପରିବର୍ତ୍ତେ ନିମ୍ନଗାମୀ କରିଛି । ସୂଚନା ଅଧିକାର ଆଇନ୍ ଅନୁସାରେ ମିଳିଥିବା ତଥ୍ୟ ଅନୁସାରେ ବିଗତ ୫ ବର୍ଷ ମଧ୍ୟରେ ଏନ୍‌ପିଏ (ନନ୍ ପରଫରମିଙ୍ଗ୍ ଅସେଟ୍) ନାମରେ କେତେକ ବ୍ୟାଙ୍କ ୧୦ ଲକ୍ଷ କୋଟି ଟଙ୍କା ଛାଡ କରିଦେଇଛନ୍ତି । ନନ୍ ପରଫରମିଙ୍ଗ୍ ଆସେଟ୍ ଏଭଳି ଋଣକୁ କୁହାଯାଏ। ଯେଉଁ ଋଣର ମୂଳଧନ ଏବଂ ସୁଧର ଅସୁଲି ଧାର୍ଯ୍ୟ ସମୟଠାରୁ ୩ ମାସ ଅବଧି ମଧ୍ୟରେ ହୋଇନଥାଏ । ଧାର୍ଯ୍ୟ ସମୟର ୩ ମାସ ମଧ୍ୟରେ ଅସୁଲ୍ ହୋଇ ନପାରିଲେ ବ୍ୟାଙ୍କ ସେହି ଋଣ (ମୂଳଧନ + ସୁଧ)କୁ ଏନ୍‌ପିଏ ଘୋଷିତ କରିଥାଏ । ଏପରିକି ଏହି ଘୋଷଣା ପେର ଏନ୍‌ପିଏ କେମିତି ଅସୁଲ ହେବ ସେ କଥା ଉପରେ ବ୍ୟାଙ୍କ ଗୁରୁତ୍ୱ ଦେଇନଥାଏ । କାରଣ ଏନପିଏ ଘୋଷିତ ଋଣ ପୁଞ୍ଜି ବ୍ୟାଙ୍କର ଆମଦାନୀ ହିସାବରୁ ବାହାରିଯାଏ ଏବଂ ବ୍ୟାଙ୍କକୁ ସେହି ପୁଞ୍ଜି ବା ଅର୍ଥ ଉପରୁ ଟିକସ ମୁକ୍ତ ହୋଇଯାଇଥାଏ । ଏହି ଏନପିଏ ବାବଦରେ ବ୍ୟାଙ୍କ୍ ଓ ସରକାର ବେଳ ବେଳ କହିଥାନ୍ତି ଯେ ଅସୁଲି ପାଇଁ ଉଦ୍ୟମ ଚାଲିଛି କିନ୍ତୁ ଏହା ଏକ ପ୍ରକାର ବ୍ୟାଙ୍କର ଉତ୍ତରଦାୟୀତ୍ୱରୁ ଊର୍ଦ୍ଧ୍ୱରେ ରହିଯାଏ। ତଥ୍ୟ ଅନୁସାରେ ବିଗତ ୮ ବର୍ଷ ମଧ୍ୟରେ ବ୍ୟାଙ୍କ ଗୁଡ଼ିକର ଏନିପିଏ ମଧ୍ୟରୁ ମାତ୍ର ୧୦ ପ୍ରତିଶତ ଅସୁଲ ହୋଇପାରିଥିବା ବେଳେ କେନ୍ଦ୍ର ସରକାର ଲକ୍ଷ ଲକ୍ଷ କୋଟି ଟଙ୍କାର ଏନ୍‌ପିଏ ଛାଡ କରିଛନ୍ତି । ଦେଶର ଇନ୍‌ସଲେଭନ୍ସି ଆଇନ୍ କାରଣରୁ ଋଣ ନେଇ ପୈଠ କରୁନଥିବା ଋଣଗ୍ରହୀତାମାନେ ସଙ୍କଟରେ ଥିଲେ କାରଣ ଥରେ ଋଣ ନେଇ ନ ଶୁଝିବା ବ୍ୟକ୍ତି ବା ସଂସ୍ଥାକୁ ଆଉ ବ୍ୟାଙ୍କରୁ ଋଣ ମିଳି ପାରିବ ନାହିଁ ବୋଲି ଏହି ଆଇନ୍‌ରେ ବ୍ୟବସ୍ଥା ଥିଲା। କିନ୍ତୁ କେନ୍ଦ୍ର ସରକାର ଏବେ ଏହି ଆଇନ୍‌ରେ କେତେକ ପରିବର୍ତ୍ତନ କରିବାକୁ ଯାଉଛନ୍ତି। ଏହି ଆଇନ୍ କାର୍ଯ୍ୟକାରୀ ହେଲେ ଋଣ ଖିଲାପି କରୁଥିବା ଲୋକ ପୁନର୍ବାର ଋଣ ପାଇପାରିବେ । ଏତେ ଟଙ୍କା ଛାଡ ପରେ ମଧ୍ୟ ବ୍ୟାଙ୍କମାନେ ତାଙ୍କର ଲାଭ ହେଉଛି ବୋଲି ରିପୋର୍ଟରେ ଦର୍ଶାଇଛନ୍ତି ଓ ଶେୟାର ବଜାରରେ ସାର୍ବଜନିକ (ସରକାରୀ) ବ୍ୟାଙ୍କ ଗୁଡ଼ିକର ଶେୟାରର ମୂଲ୍ୟ ମଧ୍ୟ ବଢିଛି । କିନ୍ତୁ କେତେକ ଅର୍ଥ ଶାସ୍ତ୍ରୀମାନଙ୍କ ମତ ହେଉଛି ଏନିପିଏ ଛାଡ ଅର୍ଥ ବ୍ୟବସ୍ଥାକୁ ପ୍ରଭାବିତ କରିଛି । ଘେରାଇ ବ୍ୟାଙ୍କ ଗୁଡ଼ିକର ପେଡ୍-ଇକ୍ୱିଟି ଅନୁପାତ ୫ ରୁ ୬ରେ ପହଞ୍ଚିବା ବେଳେ ସରକାରୀ ବ୍ୟାଙ୍କ ଗୁଡ଼ିକରେ ଶେୟାର ୧ ରୁ କମରେ ପହଞ୍ଚିଛି। କଥା କେବଳ ବଜାରରେ ସରକାରୀ ବ୍ୟାଙ୍କ ମାନଙ୍କର କମ୍ ମୂଲ୍ୟାଙ୍କନକୁ ନେଇ ନୁହେଁ । ବିଗତ ଦିନରେ ସରକାର କେତେକ ବ୍ୟାଙ୍କର ମିଶ୍ରଣ ନିଷ୍ପତ୍ତି ନେଇଛନ୍ତି। ବ୍ୟାଙ୍କିଙ୍ଗ୍ କ୍ଷେତ୍ରର ମିଶ୍ରଣ ବ୍ୟାଙ୍କିଙ୍ଗ୍ ବ୍ୟବସାୟକୁ ପ୍ରଭାବିତ କରିଥାଏ ବୋଲି ଅନେକଙ୍କ ମତ। ଅନ୍ୟପକ୍ଷରେ ବ୍ୟାଙ୍କମାନଙ୍କ କାନ୍ଧରୁ ଋଣ ଆଦାୟର ବୋଝକୁ କମାଇ ଦିଆଯାଇଛି । ଏଣୁ ଆଗକୁ ଏନପିଏ ବୋଝ କେତେ ହେବ ସେକଥା ଅନୁମାନ କରିବା କଷ୍ଟକର । ସରକାର ତାଙ୍କ ବଜେଟ୍ ଉପସ୍ଥାପନ ବେଳେ କହିଥିଲେ ଯେ ଚଳିତ ବର୍ଷର ରାଜକୋଷିୟ କ୍ଷତି ୧୬.୬୧ ଲକ୍ଷ କୋଟି । ଅର୍ଥାତ୍ ଗୋଟିଏ ଝଟକାରେ ବ୍ୟାଙ୍କମାନେ ଏହାର ଦୁଇ ତୃତୀୟାଂଶ ପାଖାପାଖି ଋଣକୁ ଛାଡ କରିଦେବାପରେ ବ୍ୟାଙ୍କମାନଙ୍କର ସମୁଦାୟ ଏନ୍‌ପିଏ ସେମାନଙ୍କ ଜମାର ୧୧.୨ ପ୍ରତିଶତରୁ ୫.୯ ପ୍ରତିଶତରେ ପହଞ୍ଚିଛି । କଂଗ୍ରେସ ଶାସନ ବେଳେ ଯେତେବେଳେ ବ୍ୟାଙ୍କମାନଙ୍କର ଏନ୍‌ପିଏ ୪ ପ୍ରତିଶତ ବା ତା'ଠାରୁ କିଛି ଅଧିକ ଥିଲା ସେତେବେଳେ ବର୍ତ୍ତମାନର ଶାସକ ଦଳର ନେତାମାନେ ତୁମ୍ବିତୋଫାନ୍ କରୁଥିଲେ । କିନ୍ତୁ ଏବେ ସେମାନଙ୍କ ମୁହଁରେ ତୁଣ୍ଡି ବନ୍ଧା ହୋଇଛି । ଏନିପି ଛାଡ ପ୍ରସଙ୍ଗରେ ସବୁଠାରୁ ଅଧିକ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ସରକାର ଋଣ ନେଇଥିବା ଲୋକଙ୍କଠାରୁ କେମିତି ଅସୁଲ ହୋଇପାରିବ ସେ ବାବଦରେ ଶକ୍ତ ଆଇନ୍ ମଧ୍ୟ ପ୍ରଣୟନ କରୁନାହାଁନ୍ତି । ଋଣ ନେଇ ପରିଶୋଧ କରୁନଥିବା ବ୍ୟକ୍ତି ବା ସଂସ୍ଥାଙ୍କୁ ଋଣ ନ ଦେବା ପାଇଁ ମଧ୍ୟ ଆଇନ୍ ନାହିଁ । ଏଣୁ ଅଧିକ ଲୋକ ଋଣ ନେଇ ପରିଶୋଧ କରିବାକୁ ଇଚ୍ଛା ପ୍ରକାଶ କରୁନାହାଁନ୍ତି । ଏଭଳି ଲୋକଙ୍କ ସଂଖ୍ୟା ୧୦ ବର୍ଷରେ ୧୦ ଗୁଣା ବଢିଛି। ବ୍ୟାଙ୍କରେ ଲୋକ ନିଜର କଷ୍ଟ ଉପାର୍ଜିତ ଅର୍ଥକୁ ଜମା ରଖିଥାନ୍ତି। ବ୍ୟାଙ୍କମାନେ ଏହି ଅର୍ଥକୁ ଋଣ ଦେଇଥାନ୍ତି ଓ ଋଣ ଆଦାୟ ନ ହେଲେ ଏହା ଏନପିଏ ଖାତାକୁ ଚାଲିଯାଏ । ପରେ ସରକାର ଏହାକୁ ଛାଡ କରିଦିଅନ୍ତି। ଏହାଦ୍ୱାରା ମାତ୍ର କିଛି ବ୍ୟକ୍ତିବିଶେଷ ଲାଭବାନ ହେଉଥିବା ବେଳେ ବ୍ୟାଙ୍କ ଓ ଦେଶର ଆର୍ଥିକ ବ୍ୟବସ୍ଥା ପ୍ରଭାବିତ ହୋଇଥାଏ । ଘେରାଇ ବ୍ୟାଙ୍କ ଗୁଡ଼ିକରେ ଏନ୍‌ପିଏ କମ୍ ଥିବା ବେଳେ ସରକାରୀ ବ୍ୟାଙ୍କରେ ଏହାର ମାତ୍ରା ଅଧିକ। ସରକାର ଯେଉଁ ଏନ୍‌ପିଏ ଛାଡ କରିଛନ୍ତି ସେ ସବୁ ଅର୍ଥ କାହାର ? ଲୋକଙ୍କ ଜମା ପୁଞ୍ଜି ନୁହେଁ କି ? ଭାରତର ଅଗ୍ରଣୀ ବ୍ୟାଙ୍କ କୁହାଯାଉଥିବା ଷ୍ଟେଟ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ ବିଗତ ୫ ବର୍ଷ ମଧ୍ୟରେ ୨୦୪୪୮ କୋଟି ଟଙ୍କାର ଏନ୍‌ପିଏ ଛାଡ କରିଛି । ସେହିପରି ପଞ୍ଜାବ ନ୍ୟାସନାଲ୍ ବ୍ୟାଙ୍କ ୬୭୨୧୪ କୋଟି ବ୍ୟାଙ୍କ ଅଫ୍ ବରୋଦା ୬୬୭୧୧ କୋଟି ଟଙ୍କା ଏନ୍‌ପିଏ ଛାଡ କରିଛି । ଘେରାଇ ବ୍ୟାଙ୍କ ଆଇସିଆଇସିଆଇ ବ୍ୟାଙ୍କ ମଧ୍ୟ ୫୦୫୧୪ କୋଟି ଟଙ୍କାର ଏନ୍‌ପିଏ ଛାଡ କରିଛି । ମୋଟାମୋଟି ୧୦୦୯୫୧୦ କୋଟି ଟଙ୍କାର ଏନ୍‌ପିଏ ଛାଡ ହୋଇଛି । ନେତା ବା ଜନତା କେହି କେବେ ପ୍ରଶ୍ନ କରିନାହାଁନ୍ତି ଯେ ଛାଡ କରାଯାଇଥିବା ଏହି ଅର୍ଥ କାହାର ଥିଲା । ପ୍ରଶ୍ନ ତ ଦୂରର କଥା ବ୍ୟାଙ୍କମାନଙ୍କୁ ଏହାର ଉତ୍ତରଦାୟୀରୁ ମଧ୍ୟ ମୁକ୍ତ କରାଯାଉଛି ।

# 'ଧାରୟତି ଇତି ଧର୍ମ'

କାଳି ଦାସ

ଧର୍ମକୁ ନେଇ ଆମ ଦେଶରେ ଅନେକ ସମୟ ରେ ଅନେକ ପ୍ରକାର ବାଦ ବିବାଦ ଦେଖିବାକୁ ମିଳୁଛି ଧର୍ମ ଏବଂ ଧର୍ମନିରପେକ୍ଷତା ପରସ୍ପରର ବିପରୀତ ବୋଧକ ଶବ୍ଦ ନୁହନ୍ତି ବରଂ ପରସ୍ପର ପରସ୍ପର ର ପରିପୂରକ । ଧର୍ମ ର ବିପରୀତ ବୋଧକ ଶବ୍ଦ ହେଉଛି 'ଅଧର୍ମ'।

ଭାରତରେ ଧର୍ମ ଏବଂ ଧର୍ମ ବିଶ୍ୱାସ ଅନେକ ଦିନରୁ ଚାଲିଛି। ଏଠି ବସବାସ କରୁଥିବା ଲୋକମାନେ ନିଜ କୁ ହିନ୍ଦୁ ବା ସନାତନ କହିଥାନ୍ତି । ଆମର ଧର୍ମ ଗ୍ରନ୍ଥରେ ହିନ୍ଦୁ ଶବ୍ଦ ଦେଖିବାକୁ ମିଳେନାହି । ଆମର କୌଣସି ଏକ ଧର୍ମ ଗୁରୁ ନାହାନ୍ତି। ଋଷିମାନେ ତପସ୍ୟା କରି ଯେଉଁ ଦିବ୍ୟ ଜ୍ଞାନ ପାଇଥିଲେ ତାକୁ ଏହି ଦେଶରେ ବିତରଣ କରିଥିଲେ। ପରବର୍ତ୍ତୀ କାଳରେ ମହାପ୍ରଭୁ ଜୈନ ଏବଂ ବୁଦ୍ଧ ଆମେ ଧ୍ୟାନରତ ଅବସ୍ଥାରେ ଦେଖିବାକୁ ପାଉ । ବୁଦ୍ଧ ଦେବ ଦିବ୍ୟଜ୍ଞାନ ପାଇଥିଲେ ବୋଲି ମଧ୍ୟ ଉଲ୍ଲେଖ ରହିଛି । ଆମର ଧର୍ମଗ୍ରନ୍ଥ ମଧ୍ୟ ଅନେକ ।

ଭାରତରେ ଆଠଟି ଦର୍ଶନ ମଧ୍ୟ ରହିଛି । ଏଠି ଈଶ୍ୱରଙ୍କ ଉପରେ ବିଶ୍ୱାସ ବା ଆସ୍ତିକ କୁ ଯେତିକି ସମ୍ମାନ ଦିଆଯାଇଛି ଈଶ୍ୱରଙ୍କ ଉପରେ ବିଶ୍ୱାସ ନ କରୁଥିବା ନାସ୍ତିକଙ୍କୁ ସେତିକି ସମ୍ମାନ କରାଯାଇଛି । ସ୍ୱାମୀ ବିବେକାନନ୍ଦ କହିଛନ୍ତି ଯେ ଅନ୍ଧବିଶ୍ୱାସି ଠାରୁ ନାସ୍ତିକ ଭଲ କାରଣ ଜଣେ ନାସ୍ତିକ ର କ୍ରମ ବିକାଶ ହେବା ସମ୍ଭାବନା ରହିଛି ଯାହା ଜଣେ ଅନ୍ଧବିଶ୍ୱାସ ର ନାହି ଏବଂ ନିରଶ୍ୱରବାଦ ରହିଛି। ଏଠାରେ ଅଦ୍ୱୈତବାଦ ଏବଂ ଦଇତ୍ୱବାଦ ଉଭୟ ଦେଖିବାକୁ ମିଳିଛି। ଏଠି ପ୍ରକୃତି ର ଉପାସନା ହୋଇଛି।

ମଣିଷର ମଣିଷ ପଣିଆ କୁ ଗୁରୁତ୍ୱ ଦିଆଯାଇଛି। ଧର୍ମ ର ଅର୍ଥ ଏଇଠି ହେଲା 'ଧାରୟତି ଇତି ଧର୍ମ' ଏହାର ଅର୍ଥ ହେଲା ସେହି ପଦାର୍ଥ ଯାହା ଧାରଣ କରିଥାଏ ତାହା ହେଲା ସେହି ପଦାର୍ଥ ର ଧର୍ମ । ଯେମିତି ସୂର୍ଯ୍ୟଙ୍କ ଧର୍ମ ହେଲା ଆଲୋକ ଏବଂ ଉତ୍ତାପ। ବିନା ଆଲୋକ ଓ ବିନା ଉତ୍ତାପ ରେ ଆମେ ସୂର୍ଯ୍ୟଙ୍କୁ କଳ୍ପନା କରିପାରିବାନାହି । ସେହିପରି ଅଗ୍ନିର ଧର୍ମ ହେଲା ଦହନ। ଯେଉଁଠି ଦହନ ନାହି ସେଇଠି ଅଗ୍ନି ନାହି।

ସେହିପରି ମଣିଷର ଗୋଟିଏ ଧର୍ମ। ମଣିଷ ମରୀଭୂମିରେ ଥାଉ କିମ୍ବା ବରଫ୍ ଦେଶରେ ଥାଉ ସିଏ ସେହି ଧର୍ମ କୁ ପାଳନ କରିବା କଥା ଯାହାକୁ ଦେଖି ଆମେ କହିପାରିବା ଯେ ସିଏ ମଣିଷପରି ମଣିଷଟିଏ। ମଣିଷର ଧର୍ମ ଯିଏ ପାଳନ କରିପାରିଲାନାହି ସିଏ ମଣିଷ ହେଲେ ମଧ୍ୟ ଅମଣିଷ। ଯେଉଁଠି ଧର୍ମ ନାରେ ରକ୍ତପାତ ହେଉଛି ବା ହତ୍ୟା ହେଉଛି ସେଇଠି ଧର୍ମ ନଥାଏ ଥାଏ ଅଧର୍ମ । ଭାରତରେ ବସବାସ କରୁଥିବା ଲୋକମାନେ ଧର୍ମନିରପେକ୍ଷତାକୁ ନିଜ ଆଚରଣରେ ମିଶାଇ ଦେଇଛନ୍ତି। ଯେତେ ବେଳେ ବୁଦ୍ଧ ଧର୍ମର ପ୍ରଚାର ଓ ପ୍ରସାର ହେଲା ସେତେବେଳେ ଏଠାରେ ବସବାସ କରୁଥିବା ଲୋକମାନେ ବୁଦ୍ଧଙ୍କୁ ଭଗବାନଙ୍କ ଏକ ଅବତାର ରୂପେ ସ୍ୱୀକାର କଲେ ଏବଂ ବୁଦ୍ଧଙ୍କ ଉପାସନା କଲେ। ବୁଦ୍ଧ ଧର୍ମର ଯେତେବେଳେ ପ୍ରଚାର ହେଲା ସେତେବେଳେ କୌଣଶି ପ୍ରକାର ଅପ୍ରୀତିକର ଘଟଣା ସମାଜରେ ଘଟି ନଥିଲା । ରାଜ ଠାରୁ ରଙ୍କ ଯାଏ ସମ୍ରାଟ ଠାରୁ ଦାସ ଯାଏ ସମସ୍ତେ ବୁଦ୍ଧଙ୍କ ପଥ ରେ ଚାଲିବାକୁ ଆଗେଇ ଆସିଥିଲେ।

ଧର୍ମନିରପେକ୍ଷତା ବୋଲି ଗୋଟିଏ ଶବ୍ଦ ଆମକୁ ପାଶ୍ଚାତ୍ୟ ଦେଶ ରୁ ମିଳିଛି। ପୂର୍ବ ରୁ ଚର୍ଚ୍ଚ ପାଶ୍ଚାତ୍ୟ ଦେଶ ଗୁଡିକର ରାଜନୀତି, ଅର୍ଥନୀତି, ଶିକ୍ଷା, ସଂସ୍କୃତି ସବୁଥିରେ ହସ୍ତକ୍ଷେପ କରୁଥିଲା। ପରବର୍ତ୍ତିକାଳରେ ଚର୍ଚ୍ଚ ର ହସ୍ତକ୍ଷେପକୁ ରୋକିବାପାଇଁ ସେକୁଲେରିଜମ ବା ଧର୍ମନିରପେକ୍ଷତାକୁ ସ୍ଥାନ ଦିଆଗଲା । ଏହାଦ୍ୱାରା ଅନ୍ୟ ଅନୁଷ୍ଠାନ ଗୁଡିକ ଚର୍ଚ୍ଚର ନିୟମରୁ ମୁକ୍ତ ହେଲେ। ଆମ ଦେଶର ସମ୍ବିଧାନରେ ଧାରା ୨୫ଠାରୁ ୨୮ଭାରତୀୟ ନାଗରିକଙ୍କୁ ଧାର୍ମିକ ସ୍ୱତନ୍ତ୍ରତା ଦେଇଛି। ଭାରତୀୟ ସମ୍ବିଧାନର ଧାରା ୨୫, ଭାରତୀୟ ନାଗରିକଙ୍କୁ ନିଜର ବିଶ୍ୱାସକୁ ନେଇ ଉପାସନା କରିବାପାଇଁ ସ୍ୱାଧୀନତା ଦେଇଛି ଏବଂ ନିଜ ଶ୍ରଦ୍ଧାକୁ ନେଇ ଧର୍ମ ପାଳନ କରିବାର ସ୍ୱାଧୀନତା ଦେଇଛି। ଯଦି ନିଜ ଧର୍ମ ପାଳନ ସମୟରେ କିଏ ଯଦି ଅନ୍ୟର ସ୍ୱାଧୀନତାକୁ କିମ୍ବା ବିଶ୍ୱାସରେ ବାଧା ସୃଷ୍ଟି କରେ ତାହେଲେ ରାଜ୍ୟ ସରକାର ତା ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବେ । ଧାରା ୨୬, ରେ ଏହା କୁହାଯାଇଛି ଯେ କୌଣସି ସଂପ୍ରଦାୟ ର ଲୋକ କିମ୍ବା ସଂଘଠନ ର ଲୋକ ସଂଘଠିତ ହୋଇ ନିଜ ଧର୍ମ ପାଳନ କରିପାରିବେ ଏଥିପାଇଁ ସେମାନଙ୍କ ସ୍ୱାଧୀନତା ରହିଛି । ସମ୍ବିଧାନର ଧାରା ୨୭ କୌଣସି ଧାର୍ମିକ ଅନୁଷ୍ଠାନ କରିବା ପାଇଁ ଧର୍ମ ସମ୍ବନ୍ଧିତ କୌଣସି କାର୍ଯ୍ୟ କରିବାପାଇଁ, ଯଦି ଦାନ ଏବଂ ଧନ ସଞ୍ଚୟ କରାଯାଏ ତାହେଲେ ସେହି ଧନ ଉପରେ ସରକାରଙ୍କୁ କର ଦେବାକୁ ପଡିବ ନାହି। ଭାରତୀୟ ସମ୍ବିଧାନ ର ଧାରା ୨୮ ରେ ଏହା ଉଲ୍ଲେଖ ଅଛି ଯେ ରାଜ୍ୟ ଦ୍ୱାରା ପ୍ରତିଷ୍ଠା ହୋଇଥିବା ଶିକ୍ଷା ଅନୁଷ୍ଠାନରେ କୌଣସି ଧର୍ମର ଶିକ୍ଷା ଦିଆଯିବନାହି। ଆମର ସମ୍ବିଧାନର ଏହି ଧାରା ଗୁଡିକ ଭାରତୀୟ ସଂସ୍କୃତି ର ଧର୍ମନିରପେକ୍ଷ ବିଚାର ଧାରା କୁ ପ୍ରକାଶ କରାଇ ଥାଏ ।

ଆମ ସମ୍ବିଧାନ ରେ "ଧର୍ମନିରପେକ୍ଷ" ବୋଲି ଗୋଟିଏ ଶବ୍ଦ କେବେହେଲେ ନଥିଲା । ସମ୍ବିଧାନର ୪୨ ତମ ସଂଶୋଧନରେ ଧର୍ମନିରପେକ୍ଷ ଶବ୍ଦକୁ ଆମ ର ପ୍ରିୟମ୍ବଲରେ ସ୍ଥାନ ଦିଆଗଲା । ସେହି ସମୟର ବୁଦ୍ଧିଜୀବୀମାନେ ଏହି ସଂଶୋଧନକୁ ବିରୋଧ କରିଥିଲେ। ଭାରତୀୟ ସଙ୍କୃତି ରେ ପୂଜା ଓ ଉପାସନା ଜଣଙ୍କର ବ୍ୟକ୍ତିଗତ ବିଚାର ଏଇଠି କବିସୂର୍ଯ୍ୟ ବଳଦେବ ରଥ ଜଗନ୍ନାଥଙ୍କୁ "ସର୍ପ କହି" ଗାଳି ଦେଇ ପାରନ୍ତି। ସର୍ପ ଜଣାଣ ଲୋକପ୍ରିୟ ହୋଇଛି। ଶ୍ରୀବତ୍ସ ବ୍ରାହ୍ମଣ ବିଷ୍ଣୁଙ୍କ ଛାତି ଉପରେ ପାଦ ରଖେ ଏବଂ ବିଷ୍ଣୁ ଆଦାରରେ ସେହି ପାଦ ଚିହ୍ନ କୁ ନିଜ ବକ୍ଷ ରେ ସ୍ଥାନ ଦିଅନ୍ତି। ଏମିତି ଅନେକ ଘଟଣା ବା ଦୃଷ୍ଟାନ୍ତ ଦେଖିବା କୁ ମିଳିଛି । ଭାରତୀୟ ସଂସ୍କୃତି ରେ ଭକ୍ତ ଓ ଭଗବାନଙ୍କ ସମ୍ବନ୍ଧ ସବୁଠାରୁ ନିଆରା। ଏଇଠି ଦେବତ୍ୱ ଭକ୍ତ ର ଭାବ ରେ ବନ୍ଧା। ଭଗବତ ଗୀତା ରେ ଭଗବାନ କହିଛନ୍ତି ଯୋ ମେ ଭକ୍ତ ସମେପ୍ରିୟ।

## ନିଶା ଖାଇ ଉଡ଼ାଇ ଦେଇଥିଲେ ଟଙ୍କା

# ଏବେ ମନ୍ଦିର ଆଗରେ ଭିକ୍ଷାବୃତ୍ତି



ନିଶା ମଣିଷକୁ ଚୋର, ଖଣ୍ଟରେ ପରିଣତ କରିବା ସହିତ ଧନୀରୁ ଗରିବ କରି ଦେଇଥାଏ। ମଣିଷ ନିଶାଗ୍ରସ୍ତ ହୋଇଗଲେ କୋଟିପତି ବି ଦିନେ ଦାଣ୍ଡର ଭିକାରୀ ପାଲଟିଯାଏ। ଏମିତି ଏକ ଘଟଣା ମଧ୍ୟପ୍ରଦେଶ ଇନ୍ଦୋରରେ ଦେଖିବାକୁ ମିଳିଛି। ଗତ ୨ ବର୍ଷ ହେବ କାଲାକାମାତା ମନ୍ଦିର ସମ୍ମୁଖରେ ଭିକ ମାଗୁଥିବା ରମେଶ ଯାଦବଙ୍କୁ ଦେଖି ସ୍ୱେଚ୍ଛାସେବୀ ସଂସ୍ଥା ସାହାଯ୍ୟ ପାଇଁ ଆଗେଇ ଆସିଥିଲେ। ଏନ୍‌ଜିଓ ପରିଚାଳକ ରୂପାଲି ଜୈନଙ୍କ କହିବାନୁସାରେ, ରମେଶ ଯାଦବଙ୍କ ସହ ତାଙ୍କ ଜୀବନ ବିଷୟରେ ଆଲୋଚନା କରିବା ପରେ ଆଶ୍ଚର୍ଯ୍ୟ ଜନକ ତଥ୍ୟ ସାମ୍ନାକୁ ଆସିଥିଲା। ରମେଶ ଯିଏକି ଦୁଇବର୍ଷ ହେବ ଭିକ ମାଗି ନିଜ ଗୁଜୁରାଣ ମେଣ୍ଟାଇଛନ୍ତି। ସିଏ ଜଣେ କୋଟିପତି। ରମେଶଙ୍କ କଥା ଶୁଣି ଆମେ ତାଙ୍କ ଘରକୁ ଯାଇଥିଲୁ। ତାଙ୍କ ଘର ଭିତର ସୌନ୍ଦର୍ଯ୍ୟ ଦେଖି ଆଶ୍ଚର୍ଯ୍ୟ ହୋଇଯାଇଥିଲୁ। ଇନ୍ଦୋର ସହରରେ ତାଙ୍କ କେବଳ ବଙ୍ଗଳା ନାହିଁ ବିଭିନ୍ନ ଆପାର୍ଟମେଣ୍ଟ୍‌ରେ ଫ୍ଲାଟ୍ ବି ରହିଛି। ହେଲେ ଏଥିରୁ ହେଉଥିବା ଆୟ ନିଶାପାଣି କରି ରମେଶ ଉଡାଇ ଦେଉଥିଲେ। ଏଣୁ ପରିବାର ଲୋକେ ରମେଶଙ୍କୁ ଟଙ୍କା ଦେବା ବନ୍ଦ କରି ଦେଇଥିଲେ। ଭାବିଥିଲେ ଟଙ୍କା ନ ପାଇଲେ ରମେଶ ନିଶା ଖାଇବା ଛାଡି ଦେବ। କିନ୍ତୁ କିଛି ଲାଭ ମିଳି ନଥିଲା। ରମେଶ ନିଶା ଖାଇବା ପାଇଁ ନିଜ ଘର ଛାଡି ଚାଲି ଯାଇଥିଲେ। ଶେଷରେ କାଲକାମନ୍ଦିର ପାଖରେ ବସି ଭିକି ମାଗିବା ଆରମ୍ଭ କରିଥିଲେ। ଏଠାରେ ଭକ୍ତମାନେ ଯାହା ଦିଅନ୍ତି ସେଥିରେ ସେ ଚଳି ଥାଆନ୍ତି। ଗତ ଦୁଇବର୍ଷ ହେବ ସେ ଭିକ୍ଷାବୃତ୍ତି କରୁଛନ୍ତି। ସ୍ୱେଚ୍ଛାସେବୀ ସଂସ୍ଥା ରମେଶଙ୍କୁ ଉଦ୍ଧାର କରି କେନ୍ଦ୍ର ସରକାରଙ୍କ ଦୀନବନ୍ଧୁ ପୁନର୍ବାସ ଯୋଜନାରେ ସାମିଲ କରି ନିଶାଭ୍ୟାସ ଛଡାଇବାକୁ ଉଦ୍ୟମ ଆରମ୍ଭ କରିଥିବା ଜଣାପଡିଛି।



# ଦକ୍ଷତା ଦେଖାଇବାର ସୁଯୋଗ ମିଳିନି

ନିଜର ଦମ୍‌ଦାର ଷ୍ଟାଇଲ୍ ପ୍ରଦର୍ଶନ ଜରିଆରେ ବଲିଉଡ୍‌ରେ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛନ୍ତି ଇଲିଆନା ଡି କ୍ରୁଜ୍। ଯେଉଁ ଫିଲ୍ମରେ ସେ କାମ କରୁଛନ୍ତି, ସବୁଥିରେ ତାଙ୍କ ଅଭିନୟ ଦକ୍ଷତା ପ୍ରସ୍ଫୁଟିତ ହୋଇଛି। ତଥାପି ଏହାଠୁ ଆହୁରି ଅଧିକ କରିବାର ଦକ୍ଷତା ତାଙ୍କର ରହିଛି ବୋଲି ନିଜେ ଇଲିଆନା କହିଛନ୍ତି।

ଏକ ଗଣମାଧ୍ୟମ ସହ ବାର୍ତ୍ତାଳପରେ ସେ କହିଛନ୍ତି, ଯେଉଁଭଳି ଭାବେ ତାଙ୍କ ଅଭିନୟ କ୍ୟାରିୟର ଆଗକୁ ଯାଉଛି, ତାକୁ ନେଇ ସେ ସନ୍ତୁଷ୍ଟ ନୁହନ୍ତି। ଅନେକ ଫିଲ୍ମ ସେ ନିଜ ଇଚ୍ଛା ଅନୁସାରେ କରିନାହାନ୍ତି। ତେବେ ଯାହା ହେଉ ନା କାହିଁକି ଏଣିକି ସେ ଆଗକୁ ବଢ଼ିବେ ଏବଂ ଭଲ ପ୍ରଦର୍ଶନ କରିବେ ବୋଲି କହିଛନ୍ତି। କିନ୍ତୁ ଅଭିନୟ ପ୍ରତି ତାଙ୍କ ଭିତରେ ଥିବା ଅସ୍ଥିରତା ଓ କ୍ଷୁଧାକୁ ନେଇ ସେ ବ୍ୟବସାୟ କରିବେ ନାହିଁ ବୋଲି ସ୍ପଷ୍ଟ କରିଛନ୍ତି। ସାରା ଦେଶରେ ଓ ସୋସିଆଲ ମିଡିଆରେ ଇଲିଆନାଙ୍କର ଅସଂଖ୍ୟ ପ୍ରଶଂସକ ରହିଛନ୍ତି। ସୋସିଆଲ ମିଡିଆ ଜରିଆରେ ସେ ସବୁବେଳେ ଫ୍ୟାନ୍‌ଙ୍କ ସହ ଯୋଡି ହୋଇ ରହିଛନ୍ତି। ବରଫି, ମେଁ ତେରା ହିରୋ, ବାଦ୍‌ଶାହୋ, ରେଡ୍, ପାଗଲପନ୍ତି ଭଳି ଅନେକ ହିଟ୍ ଫିଲ୍ମରେସେ କାମ କରିଛନ୍ତି। ଆହୁରି ଅନେକ ବଡ଼ ପ୍ରୋଜେକ୍ଟ ତାଙ୍କ ହାତରେ ଅଛି। ଅଭିଷେକ ବଚ୍ଚନ ଷ୍ଟାରର ବିଗ୍ ବୁଲ୍‌ରେ ସେ ନଜର ଆସିବେ। ଏଥିସହ ଅନ୍‌ଫେୟାର ଆଣ୍ଡ ଲଭ୍‌ଲି ସିନେପ୍ରେମୀ ତାଙ୍କୁ ରଣଦୀପ ହୁଡ୍‌ଡାଙ୍କ ଅପୋଜିଟ୍‌ରେ ଦେଖିବେ।

# ପାରା ଉଡ଼ିଲା ୧୩ ହଜାର କି.ମି.

ପାରା ପରିବ୍ରାଜକ ପକ୍ଷୀ ନୁହେଁ କି ଏହା ପରିବ୍ରାଜନରେ ଏ ଦେଶରୁ ସେ ଦେଶକୁ ଉଡିଯାଏନାହିଁ। ଏହା ନିଜ ବାସସ୍ଥାନ ଅଞ୍ଚଳ ବାହାରକୁ ଯାଏନାହିଁ। ତେବେ ଏକ ଆମେରିକାନ୍ ପାରା କ୍ଷେତ୍ରରେ ବ୍ୟତିକ୍ରମ ଅନେକଙ୍କୁ ବିସ୍ମିତ କରିଛନ୍ତି। ପାରାଟି ଆମେରିକାରୁ ଉଡି ପହଞ୍ଚିଛି ଅଷ୍ଟ୍ରେଲିଆରେ। ଆମେରିକାରୁ ଅଷ୍ଟ୍ରେଲିଆର ଦୂରତ୍ୱ ପ୍ରାୟ ତେର ହଜାର କିଲୋମିଟର ବା ଆଠ ହଜାର ମାଇଲ୍। ମେଲବୋର୍ଣ୍ଣର ବାସିନ୍ଦା କେଭିନ୍ ସେଲି ବାର୍ଡ ପକ୍ଷୀଟିକୁ ନିଜ ଉଦ୍ୟାନରେ ଠାବ କରିଥିଲେ। ପାରାଟି



ମଣିଷ ସହ ଚଳିବାରେ ଅଭ୍ୟସ୍ତ ଥିବାରୁ ଆପେ ଧରାଦେଇଥିଲା। ତାହା ପାଦରେ ବନ୍ଧା ହୋଇଥିବା ଟାଗ୍‌ରୁ କେଭିନ୍ ଜାଣିଲେ ଯେ, ଯୁକ୍ତ ରାଷ୍ଟ୍ର ଆମେରିକା ଅନ୍ତର୍ଗତ ଆଲାବାମାର ଜଣେ ବ୍ୟକ୍ତି ତାହାର ମାଲିକ। ଅଷ୍ଟ୍ରେଲିଆର ଆଇନ ଅନୁଯାୟୀ ଅନ୍ୟ ଦେଶର ପଶୁପକ୍ଷୀ ବିନା ଅନୁମତିରେ ଅଷ୍ଟ୍ରେଲିଆ ଆଣିବା ମନା। ତେଣୁ, ବିଦେଶୀ ପାରାର ଉପସ୍ଥିତି ବାବଦରେ କେଭିନ୍ ସମ୍ପୃକ୍ତ କର୍ତ୍ତୃପକ୍ଷଙ୍କୁ ଅବଗତ କରାଇଥିଲେ। ତାହା ପରଠାରୁ ପକ୍ଷୀଟିକୁ ପଞ୍ଜୁରିରେ ବନ୍ଦୀ କରାଯାଇଛି। ପକ୍ଷୀଟି ଆଜୀବନ ବନ୍ଦୀ ରହିବ କି ଆମେରିକାରେ ଥିବା ତାହାର ମାଲିକଙ୍କ ପାଖକୁ ପଠାଯିବ।

# ଘରୋଇ ଉପଚାରରେ ତ୍ୱଚାରୁ ହଟାନ୍ତୁ କଳାଦାଗ

ସାଧାରଣତଃ ଆଖିତଳ ତ୍ୱଚା କୋମଳ ହୋଇଥିବାରୁ କିଛି ଲୋକଙ୍କର ଏଥିରେ କଳାଦାଗ ବା ଡାର୍କ ସର୍କଲ ସମସ୍ୟା ଦେଖାଦେଇଥାଏ। ତେଣୁ ଡାର୍କ ସର୍କଲରୁ ରକ୍ଷା ପାଇଁ ପାଇବା ପାଇଁ ଆପଣ ବଜାରରେ ଉପଲବ୍ଧ ହେଉଥିବା ବିଭିନ୍ନ କ୍ରୀମ୍, ଘରୋଇ ଉପଚାର ଓ ଅଣ୍ଡର ଆଇ କ୍ରିମ୍ ବ୍ୟବହାର କରିଥାନ୍ତି। ଏଥିପାଇଁ ବିଭିନ୍ନ ପ୍ରକାର ମେଡିସିନ୍ ନ ଖାଇ ପ୍ରଥମେ ସ୍ୱାସ୍ଥ୍ୟ ବିଶେଷଜ୍ଞଙ୍କ ସହିତ ପରାମର୍ଶ କରି ଡାର୍କ ସର୍କଲ ହେବାର ମୂଳ କାରଣ ଜାଣିବା ନିହାତି ଆବଶ୍ୟକ। ତା ହେଲେ ଆସନ୍ତୁ ଜାଣିବା ଏହି ଡାର୍କ ସର୍କଲ କାହିଁକି ହୋଇଥାଏ ଏବଂ ଏଥିରୁ ରକ୍ଷା ପାଇଁ ପାଇଁ କେଉଁସବୁ ଉପାୟ ଆପଣାଇବା ଉଚିତ୍। ବୟସ ବଢ଼ିବା ସହିତ ଆଖିତଳର ଚର୍ମ କଳା ପଡିବାକୁ ଲାଗିଥାଏ। ଏଥିପାଇଁ ନିୟମିତ ଭାବରେ ଭଲ ସନ୍‌ସ୍କ୍ରିନ୍ ଲୋଶନ ବ୍ୟବହାର କରନ୍ତୁ। ପୋଷଣ ଅଭାବରୁ ମଧ୍ୟ ଡାର୍କ ସର୍କଲ ହୋଇଥାଏ। ଶରୀରରେ ଆଇରନ୍‌ର ଅଭାବ ଥିଲେ ଏହାର ଯାଂଚ କରନ୍ତୁ ଏବଂ ଆଇରନଯୁକ୍ତ ଖାଦ୍ୟ ଖାଆନ୍ତୁ। ଡିହାଇଡ୍ରେସନ୍ କାରଣରୁ ମଧ୍ୟ ଡାର୍କ ସର୍କଲ ସମସ୍ୟା ଦେଖାଦେଇଥାଏ। ଥାଇରଏଡ୍ ସମସ୍ୟା ଥିଲେ ଆଖିତଳେ କଳାଦାଗ ଦେଖାଦେଇଥାଏ। ଏଥିପାଇଁ ଉଚିତ୍ ସମୟରେ ଏହାର ଚିକିତ୍ସା କରାଇନିଅନ୍ତୁ। ଥାଇରଏଡ୍ ସମସ୍ୟା ଥିଲେ ଆଖିତଳେ କଳାଦାଗ ଦେଖାଦେଇଥାଏ। ଏଥିପାଇଁ ଉଚିତ୍ ସମୟରେ ଏହାର ଚିକିତ୍ସା କରାଇ ନିଅନ୍ତୁ। ଆଲର୍ଜି ବା ଔଷଧ ଯୋଗୁ ମଧ୍ୟ ଡାର୍କ ସର୍କଲ ହୋଇଥାଏ। ଉଚ୍ଚ ରକ୍ତଚାପ, ମଧୁମେହ ଓ ହାର୍ଟ ରୋଗୀ ଅଧିକ ମାତ୍ରାରେ ମେଡିସିନ୍ ଖାଇଥାନ୍ତି। ଡାର୍କ ସର୍କଲ ଏହାର ସାଇଡ୍ ଇଫେକ୍ଟ ଭାବରେ ଦେଖାଦେଇଥାଏ। ଡାର୍କ ସର୍କଲକୁ ଭଲ କରିବା ପାଇଁ ଓଜନ କମାଇବା ପାଇଁ ଚେଷ୍ଟା କରନ୍ତୁ ନାହିଁ। ଏଥିପାଇଁ ପୌଷ୍ଟିକ ଖାଦ୍ୟ ଖାଆନ୍ତୁ ଏବଂ ସ୍ୱାସ୍ଥ୍ୟ ସହିତ ତ୍ୱଚାର ଯତ୍ନ ନିଅନ୍ତୁ। ନିଦ ନ ହେବା ଯୋଗୁ ଆଖିତଳେ ଡାର୍କ ସର୍କଲ ଦେଖାଦେଇଥାଏ। ତେଣୁ ଆବଶ୍ୟକ ପରିମାଣରେ ଶୋଇବା ପାଇ ଚେଷ୍ଟା କରନ୍ତୁ। ମେକ୍‌ଅପ୍ ଅଧିକ ମାତ୍ରାରେ ହାଇଲାଇଟ୍‌ର ବ୍ୟବହାର କରିବା ଯୋଗୁ ମଧ୍ୟ କଳାଦାଗ ସମସ୍ୟା ସୃଷ୍ଟି ହୋଇଥାଏ। ତେଣୁ ଆବଶ୍ୟକସ୍ଥଳେ ହାଲ୍‌କା ମେକଅପ୍ ଓ କେମିକାଲ୍ କମ୍ ବ୍ୟବହାର କରନ୍ତୁ।



# ନାକରେ ଫସିଲା ଗୁଳି

ଜଣେ ଶିଶୁର ନାକରେ ଖେଳଣା ବନ୍ଧୁକର ଗୁଳି ୮ ବର୍ଷ ଧରି ଫସି ରହିଥିଲା। ତେଣୁ ସେ କୌଣସି ଜିନିଷର ଗନ୍ଧକୁ ବାରି ପାରୁନଥିଲା। ନାକରୁ ଦୁର୍ଗନ୍ଧଯୁକ୍ତ ତରଳ ପଦାର୍ଥ ବାହାରିବା ପରେ ପରିବାର ଲୋକେ ଚିକିତ୍ସା ପାଇଁ ଶିଶୁକୁ ଡାକ୍ତରଙ୍କ ପାଖକୁ ନେଇଥିଲେ। ଡାକ୍ତର ଶିଶୁର ପରୀକ୍ଷା କରିବା ପରେ ଆଶ୍ଚର୍ଯ୍ୟ ହୋଇଯାଇଥିଲେ। ଡାକ୍ତର ଶିଶୁ ନାକର ଏଣ୍ଡୋସ୍କୋପି ଓ ଟ୍ୟୁବ କ୍ୟାମେରା ଲଗାଇ ଦେଖିବା ପରେ ଅସୁବିଧା ଥିବା ଜାଣିବାକୁ ପାଇଥିଲେ। ଯାଞ୍ଚ ପରେ ଡାକ୍ତର ଶିଶୁକୁ ଗୋଟିଏ ସ୍ପ୍ରେ ଓ ଆଂଟିହିଷ୍ଟାମିନ ଔଷଧ ଦେଇଥିଲେ। ଏହାପରେ ଶିଶୁକୁ ୪ରୁ ୬ ସପ୍ତାହ ମଧ୍ୟରେ ପୁଣିଥରେ ଆସିବାକୁ କହିଥିଲେ। କିନ୍ତୁ ଶିଶୁଟି ଏକ ବର୍ଷ ପର୍ଯ୍ୟନ୍ତ ଚିକିତ୍ସା ପାଇଁ ଆସି ନଥିଲା। ୧୬ ବର୍ଷ ବୟସରେ ସେଭଳି ଯନ୍ତ୍ରଣା ସହିତ ଶିଶୁଟି ବଞ୍ଚୁଥିଲା। ନାକରୁ ବାହାରୁଥିବା ଦୁର୍ଗନ୍ଧଯୁକ୍ତ ପଦାର୍ଥ ପାଇଁ ତାକୁ ଅନେକ ସମୟରେ ଲାଜ ଲାଗିଥାଏ। ଏଥିପାଇଁ ସେ ସବୁବେଳେ ଏକା ରହିବାକୁ ଚାହିଁଥାଏ। ୮ ବର୍ଷ ପରେ ଡାକ୍ତର ସିଟି ସ୍କାନ କରିବା ପରେ ଶିଶୁ ନାକରେ ୯ ଏମ୍‌ଏମ୍‌ର ଗୁଳି ଥିବା ଜାରିବାକୁ ପାଇଥିଲେ। ଏହାପରେ ଶିଶୁ ନାକର ସର୍ଜରୀ କରାଯାଇଥିଲା। ଏହି ସର୍ଜରୀ ପରେ ଶିଶୁର ନାକର ମେଟାଲ ବିବି ପ୍ୟାଲେଟ ବାହାରକୁ ଆସିଥିଲା। ଶିଶୁଟିର ଘର ଲୋକଙ୍କ କହିବାନୁସାରେ ୮-୯ ବର୍ଷର ହୋଇଥିବା ବେଳେ ଏକ ଖେଳଣା ବନ୍ଧୁକରୁ ଗୁଳି ବାହାରି ନାକରେ ପଶି ଯାଇଥିଲା। କିନ୍ତୁ ସେ ସମୟରେ ନାକ ଭିତରେ ଗୁଳି ପଶିଥିବାର କୌଣସି ଲକ୍ଷଣ ଦେଖିବାକୁ ମିଳିନଥିଲା। ସେଥିପାଇଁ ଡାକ୍ତରଙ୍କ କୌଣସି ପରାମର୍ଶ ନେଇ ନଥିବା ଲୋକ କହିଛନ୍ତି। ଦ ୟୁନିଭର୍ସିଟି ଅଫ୍ ଟେକ୍ସାସ୍‌ର ଡାକ୍ତରୀ ଛାତ୍ର ଡାଏଲନ ଜେଡଙ୍କ କହିବାନୁସାରେ ଏହି ଶିଶୁଟିର ଘଟଣାରେ ଗୁଳି ଚିହ୍ନଟ କରିବା ବହୁତ କଷ୍ଟ ଥିଲା। କାରଣ ସମୟ ସହିତ ଟିସୁ ସମ୍ପୂର୍ଣ୍ଣ ଭାବେ ପ୍ୟାଲେଟକୁ ଘେରି ଦେଇଥିଲା। ଡାକ୍ତର ଗୁଳିକୁ ବାହାର କରିବା ପ୍ରଥମେ ଟିସୁର ଅସ୍ତ୍ରୋପଚର କରିଥିଲେ। ତେବେ ଯାଇ ଗୁଳି ଥିବା ସମ୍ପର୍କରେ ସଠିକ୍ ସୂଚନା ମିଳିପାରିଥିଲା। ଅସ୍ତ୍ରୋପଚାର ପରେ ଶିଶୁଟିର ନାକର ଅବସ୍ଥା ସ୍ୱାଭାବିକ ହୋଇଯାଇଛି। ନାକରୁ ଦୁର୍ଗନ୍ଧ ବି ବାହାରିବା ବନ୍ଦ ହୋଇଛି।

# ବିନା ଲକ୍ଷଣରେ ୪୫%ଙ୍କ ହୃଦ୍‌ଘାତ

ଆଜିକାଲି ଅଧିକାଂଶ ଲୋକ ହୃଦ୍‌ଘାତର ଶିକାର ହେଉଛନ୍ତି। ଅସୁସ୍ଥକର ପରିବେଶ, ଅତ୍ୟଧିକ ଚିନ୍ତା ଏହାର ମୁଖ୍ୟ କାରଣ ପାଲଟିଛି। ନିକଟରେ ହୋଇଥିବା ଏକ ଗବେଷଣାରୁ ଜାଣିବାକୁ ମିଳିଛି ଯେ, ୪୫ ପ୍ରତିଶତ ହୃଦ୍‌ଘାତ ବିନା କୌଣସି ଲକ୍ଷଣରେ ହେଉଛି। ପ୍ରାୟ ୨୫ ପ୍ରତିଶତ ହୃଦ୍‌ଘାତ ୪୦ ବର୍ଷ ବୟସ ମଧ୍ୟରେ ଘଟୁଛି। ଏମିତି ନୁହେଁ ଯେ, ହୃଦ୍‌ଘାତ ହେବା ପୂର୍ବରୁ କୌଣସି ଲକ୍ଷଣ ଦିଶେ ନାହିଁ, ବରଂ ଆମେ ଅଧିକାଂଶ ସମୟରେ ଜାଣିପାରନ୍ତି ନାହିଁ। ହଠାତ୍ ଆପଣଙ୍କୁ ଯଦି ଅସହଜ ମନେ ହେଉଛି ତେବେ ଡାକ୍ତରଙ୍କ ସହ ପରାମର୍ଶ କରନ୍ତୁ। ଏହା ବି ସାଇଲେଣ୍ଟ ହାର୍ଟାଟାକ୍‌ର ଏକ ଲକ୍ଷଣ ହୋଇଥାଏ। ସେହିପରି ବିନା କାରଣରେ ମୁଣ୍ଡ ବୁଲାଇବା ବି ଏହାର ଏକ ଲକ୍ଷଣ। ଯଦି ଖାଇନାହାନ୍ତି କିମ୍ବା ଖରାରେ ଯାଉଛନ୍ତି ତେବେ ଏହା ଭିନ୍ନ କଥା କିନ୍ତୁ ଅଯଥାରେ ମୁଣ୍ଡ ବୁଲାଇବା ଅର୍ଥ ହୃଦ୍‌ଘାତ ହୋଇପାରେ। ନିଶ୍ୱାସ ନେବାରେ ବି ଅସୁବିଧା ଅନୁଭୂତ ହୋଇଥାଏ ହୃଦ୍‌ଘାତ ପୂର୍ବରୁ। ଛୋଟ ଛୋଟ ନିଶ୍ୱାସ ନେବା ଏହାର ଏକ ଲକ୍ଷଣ। ନିଦ୍ରାହୀନତା ଅନେକ ରୋଗର ଲକ୍ଷଣ ହୋଇଥିବାବେଳେ ହୃଦ୍‌ଘାତର ପ୍ରମୁଖ କାରଣ ହୋଇଥାଏ।

# ମୋବାଇଲ, କମ୍ପ୍ୟୁଟର ପ୍ରଭାବରେ ଲୋକଙ୍କ ହାଡ଼ ଦୁର୍ବଳ ସହ ଉଚ୍ଚତା କମୁଛି

ଲୋକଙ୍କ ଦ୍ୱାରା ମୋବାଇଲ୍ କିମ୍ବା କୌଣସି ଉପକରଣକୁ ଦେଖିବା ପାଇଁ ମୁଣ୍ଡ ନୁଆଇଁ ତଳକୁ ଦେଖିବାକୁ ପଡେ। କିନ୍ତୁ ଅଧିକାଂଶ ସମୟ ଏଭଳି କଲେ ଆପଣଙ୍କ ଉଚ୍ଚତା ଯେ ବିପଦରେ ଆସିଯାଏ ଏହା ଆପଣ ଜାଣିନଥିବେ। ଆଜିର ସମୟରେ ଫୋନ୍ ଏବଂ ଟାବ୍‌ଲେଟ୍‌ର ବ୍ୟବହାର ବଢ଼ିବା ସହ ଲାପଟପ୍ ଓ ଡେସ୍କଟପ୍ କମ୍ପ୍ୟୁଟରର ବ୍ୟବହାର ମଧ୍ୟ ଅଧିକ ବଢୁଛି। ତେବେ ଏହି ଉପକରଣକୁ ବ୍ୟବହାର କରିବାକୁ ହେଲେ ବେକକୁ ତଳକୁ କରି କାମ କରିବାକୁ ହୋଇଥାଏ। କିନ୍ତୁ ବର୍ତମାନ ଅକ୍ସଫୋର୍ଡ ବିଶ୍ୱବିଦ୍ୟାଳୟର ଗବେଷଣାରୁ ଜଣାପଡିଛି ଯେ, ଏହି ଇଲେକ୍ଟ୍ରୋନିକ୍ସ ଉପକରଣ ବ୍ୟବହାର କରିବା ଦ୍ୱାରା ବେକ ଉପରେ ଏହାର ପ୍ରେସର ପଡୁଛି। ଯେଉଁଥିପାଇଁ ତାଙ୍କ ଉଚ୍ଚତାରେ ଏହାର ସିଧାସଳଖ ପ୍ରଭାବ ପଡୁଛି। ଗବେଷଣାରୁ ଜଣାପଡିଛି ଯେ, ମହିଳା ଏବଂ ଛୋଟ ପିଲାମାନେ ଲମ୍ବା ଲୋକଙ୍କଠାରୁ ଅଧିକ ନିଜ ମୁଣ୍ଡକୁ ବିଭିନ୍ନ ଠାଣିରେ ବୁଲାଇଥାନ୍ତି। ତେଣୁ ସେମାନେ ଅଧିକ ସମୟ ବେକ ଯନ୍ତ୍ରଣାରେ କଷ୍ଟ ପାଇଥାନ୍ତି।



# ସୀତାବିଞ୍ଜି ଷ୍ଟେସନ ରାସ୍ତା ପାଇଁ ଘରୋଇ ଜମି ବାଧକ

ପାଟଣା , ୭/୨ (ନି.ପ୍ର): ୨୦ ନଂ ଜାତୀୟ ରାଜପଥର ଢେଙ୍କିକୋଟ ଠାରୁ ସୀତାବିଞ୍ଜି ରେଳବାଇ ଷ୍ଟେସନକୁ ଯିବା ରାସ୍ତାରେ ପଡେ ଘଟଗାଁ ବ୍ଲକ ଅନ୍ତର୍ଗତ ତଣ୍ଡିବେଡା ଗ୍ରାମ। ଏହି ଗ୍ରାମ ମଧ୍ୟ ଦେଇ ଷ୍ଟେସନକୁ ରାସ୍ତା ଯାଇଥିବା ବେଳେ ଏହି ରାସ୍ତା ଦେଇ ଦୈନିକ ଶହ ଶହ ହାଲୁକା ଯାନ, ବାଇକ, ମୁଖ୍ୟମନ୍ତ୍ରୀ ବସ ସେବା ଆଦି ଯିବା ଆସିବା କରନ୍ତି। ଏହି ରାସ୍ତା ଗ୍ରାମ୍ୟ ଉନ୍ନୟନ ବିଭାଗ ଦ୍ୱାରା ନିର୍ମାଣ କରାଯିବା ସହ ମରାମତି ମଧ୍ୟ କରାଯାଇଛି । କେବଳ ଷ୍ଟେସନ ନୁହେଁ ଏହି ରାସ୍ତାରେ ଲୋକେ ପଣ୍ଡାପଡା, ଦେଓବନ୍ଧ ମଧ୍ୟ ଯାଉଛନ୍ତି। ତେବେ ତଣ୍ଡିବେଡା ନିକଟରେ ଏହି ରାସ୍ତାର ପାଖାପାଖି ୧୫୦ ମିଟର ରାସ୍ତା ଘରେଇ ଜମି ହୋଇଥିବାରୁ ଏଠାରେ ରାସ୍ତାକୁ କଂକ୍ରିଟ ଅଥବା ପିଚୁ କରାଯାଇ ପାରୁନାହିଁ । ଯାହା ଫଳରେ ଖରା ହେଉ କି ବର୍ଷା ଦିନରେ ମଧ୍ୟ ଏହା ଖାଲ ଖମା ହୋଇ ଯାତ୍ରୀଙ୍କ ପାଇଁ ବିପଦ ସୃଷ୍ଟି କରୁଛି । ଏହି ସମସ୍ୟା ଦୀର୍ଘ ବର୍ଷର ହୋଇଥିବା ବେଳେ ଏନେଇ ବାରମ୍ବାର ଗଣ ମାଧ୍ୟମ ରେ ଖବର ପ୍ରକାଶ ସତ୍ତ୍ୱେ ଅଧିକାରି କିମ୍ବା ଲୋକ ପ୍ରତିନିଧି ମାନେ ସମସ୍ୟାର ସମାଧାନ ପାଇଁ ତିଳେ ମାତ୍ର ଉଦ୍ୟମ କରିନାହାନ୍ତି। ଏହି ଘରୋଇ ଜମିକୁ ଗ୍ରାମ୍ୟ ଉନ୍ନୟନ ବିଭାଗ ଅଧିଗ୍ରହଣ କରି ସମସ୍ୟାର ସମାଧାନ କରିବା କିମ୍ବା ଜମି ମାଲିକଙ୍କ ସହ ଆପୋଷ ଆଲୋଚନା କରି ଯଥାଶୀଘ୍ର ତଣ୍ଡିବେଡା ଗ୍ରାମ୍ୟ ରାସ୍ତା ପିଚୁ କରିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

# ମହିଳାଙ୍କୁ ଅସଦାଚରଣ ଓ ଆକ୍ରମଣ : ୬ ଜଣ ଗିରଫ

ପୋଲସରା, ୭/୨/୨୫ : ଗଞ୍ଜାମ ଜିଲ୍ଲାର ପୋଲସରା ଥାନା ଅନ୍ତର୍ଗତ ମଥୁରା ଗ୍ରାମରେ ଘରେ ପଶି ମହିଳାଙ୍କୁ ଅସଦାଚରଣ ଓ ଆକ୍ରମଣ ଅଭିଯୋଗରେ ସେହି ଗ୍ରାମର ମହିଳା ଓ ପୁରୁଷ ମିଶି ୬ ଜଣଙ୍କୁ ପୋଲସରା ପୋଲିସ ଗିରଫ କରି କୋର୍ଟ ଚାଲାଣ କରାଯାଇଥିବା ଆଇଆଇସି କୌଶିକ ମାଝୀ ପ୍ରକାଶ କରିଛନ୍ତି। ଘଟଣା ପ୍ରକାରେ ଗତ ୨୧/୧/୨୫ ତାରିଖ ଦିନ ମଥୁରା ଗ୍ରାମର ଶରତ ନାୟକଙ୍କ ଧର୍ମପତ୍ନୀ ଗୀତାଞ୍ଜଳୀ ନାୟକଙ୍କ ଘର ଭିତରକୁ ସେହି ଗ୍ରାମର ୧- ବିଦୁର ବିଷୋୟୀ ପି: ଲଡ୍ଡୁ, ୨- ସଞ୍ଜୟ ବିଷୋୟୀ ପି: ଲଡ୍ଡୁ, ୩- ଯମୁନା ବିଷୋୟୀ ସ୍ୱା: ସଞ୍ଜୟ, ୪- ସବିତା ବିଷୋୟୀ ସ୍ୱା: ବିଦୁର, ୫- ସନିଆ ବିଷୋୟୀ ପି: ବିଦୁର, ଓ ୬- ବିଜ୍ଞାନୀ ବିଷୋୟୀ ପି: ସଞ୍ଜୟ ପଶି ଗୀତାଞ୍ଜଳୀଙ୍କୁ ଟଣା ଓଟରା କରି ଉଲଗ୍ନ କରିବାକୁ ଚେଷ୍ଟା କରିବା ସହ ଠେଙ୍ଗାରେ ଆକ୍ରମଣ କରିଥିଲେ। ଗୀତାଞ୍ଜଳୀ ନାୟକଙ୍କ ଏତଲା ପ୍ରକାରେ ପୋଲସରା ଥାନା କେଶ ନଂ ୪୪/୨୦୨୫ ପ୍ରକାରେ ଏକ ମାମଲା ରୁଜୁ କରି ଅନୁସନ୍ଧାନ କରିଥିଲେ। ଅନୁସନ୍ଧାନ ପରେ ବିଦୁର ବିଷୋୟୀ, ସଞ୍ଜୟ ବିଷୋୟୀ, ଯମୁନା ବିଷୋୟୀ, ସବିତା ବିଷୋୟୀ, ସନିଆ ବିଷୋୟୀ ଓ ବିଜ୍ଞାନୀ ବିଷୋୟୀ ୬ ଜଣ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି।

# ବାଲିପଦରରେ କ୍ଲଷ୍ଟର ସ୍ତରୀୟ ନିପୁଣ ଓଡିଶା ମେଳା



ବୁଗୁଡ଼ା ୭/୨ (ନି.ପ୍ର): ରାଜ୍ୟ ସରକାର ଶିକ୍ଷାର ବିକାଶ ପାଇଁ ବିଭିନ୍ନ ଯୋଜନା କରି ଛାତ୍ରଛାତ୍ରୀମାନଙ୍କ ବୌଦ୍ଧିକ ଜ୍ଞାନର ବିକାଶ କ୍ଷେତ୍ରରେ ସହାୟକ ହେବାକୁ ଚେଷ୍ଟା କରୁଛନ୍ତି। ସରକାର ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ଭାଷା ଓ ସଂଖ୍ୟା ଜ୍ଞାନକୁ ଗୁରୁତ୍ୱ ଦେଇ ପ୍ରଥମ ଶ୍ରେଣୀ ଠାରୁ ତୃତୀୟ ଶ୍ରେଣୀରେ ପାଠ ପଢୁଥିବା ବିଦ୍ୟାର୍ଥୀଙ୍କୁ ନେଇ ନିପୁଣ ଓଡିଶା ମେଳା ବୁଗୁଡ଼ା ବ୍ଲକର ବାଲିପଦର ନୋଡାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ସି.ଆର.ସି.ସି. ବିଶ୍ୱଜିତ୍ ପରିଡ଼ାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଥିଲା। ବିଦ୍ୟାଳୟର ପ୍ରଧାନ ଶିକ୍ଷୟତ୍ରୀ ଶର୍ମିଳା ରାଣୀ ଦାସ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ମୁଖ୍ୟ ଅତିଥି ଭାବେ ବାଲିପଦର ଆଞ୍ଚଳିକ ବିଜ୍ଞାନ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ପ୍ରାକ୍ତନ ଅଧ୍ୟକ୍ଷ ଡକ୍ଟର ବି.ପ୍ରକାଶ ଚନ୍ଦ୍ର ପାତ୍ର ଯୋଗଦେଇ କ୍ଲଷ୍ଟର ସ୍ତରୀୟ ନିପୁଣ ଓଡିଶା ମେଳାକୁ ଉଦ୍ ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ଶିକ୍ଷାବିତ ପ୍ରକାଶ ଚନ୍ଦ୍ର ରଥ, ରାଜା ଗୋପାଳ ନାୟକ, ଅଧ୍ୟାପକ ମହେଶ ପଟ୍ଟନାୟକ ଓ ପ୍ରମିତା କୁମାରୀ ପଟ୍ଟନାୟକ ଯୋଗଦେଇଥିଲେ। ଏହି ମେଳାରେ ବାଲିପଦର କ୍ଲଷ୍ଟରର ୧୧ ଗୋଟି ବିଦ୍ୟାଳୟର ୧୧୦ ଜଣ ଛାତ୍ରଛାତ୍ରୀ ନିଜ ନିଜ ପ୍ରସ୍ତୁତି ପ୍ରକଳ୍ପ ଗୁଡିକୁ ପ୍ରଦର୍ଶନ କରିଥିଲେ। ୫୦ ଜଣ ଶିକ୍ଷକ-ଶିକ୍ଷୟତ୍ରୀ ଓ ୧୧୦ ଜଣ ଅଭିଭାବକ ଯୋଗଦେଇ ଛାତ୍ରଛାତ୍ରୀମାନଙ୍କ ସୃଜନଶୀଳତାକୁ ପ୍ରଶଂସା କରିଥିଲେ। ଏହି ଅବସରରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ବିଭିନ୍ନ ସଂଗୀତ ଓ ନୃତ୍ୟ ପରିବେଷଣ କରାଯାଇ ପୁରସ୍କୃତ କରାଯାଇଥିଲା। ଶେଷରେ ପିତାମ୍ବର ଗୌଡ ଧନ୍ୟବାଦ ଅର୍ପଣ କରିଥିଲେ।

# ଆନନ୍ଦପୁରକୁ ରେଳ ସଂଯୋଗ କରାଯିବାକୁ ଲୋକସଭାରେ ଦାବି କଲେ ସାଂସଦ ଅନନ୍ତ ନାୟକ

ପାଟଣା ୭/୨ (ନି.ପ୍ର): କେନ୍ଦୁଝରର ସାଂସଦ ଅନନ୍ତ ନାୟକ ଆଜି ଲୋକସଭାରେ ଆନନ୍ଦପୁର ସବଡିଭିଜନରେ ରେଳ ସଂଯୋଗୀକରଣ ନ ଥିବା ପ୍ରସଙ୍ଗ ଉଠାଇ ଆନନ୍ଦପୁରକୁ ରେଳ ଲାଇନ ସହ ଯୋଡିବାକୁ ଦାବି କରିଛନ୍ତି । ସେ ନିୟମ ୩୭୭ ଅନୁସାରେ ଏହି ପ୍ରସଙ୍ଗ ଉଠାଇ ଏହି ଦାବି କରିଛନ୍ତି । ଆନନ୍ଦପୁରକୁ ରେଳ ସଂଯୋଗୀକରଣ କରା ଗଲେ ଏହି ଅଂଚଳରେ ଶିଳ୍ପର ବିକାଶ ହେବା ସହ ପର୍ଯ୍ୟଟନର ମଧ୍ୟ ବିକାଶ ହେବ ବୋଲି ଶ୍ରୀ ନାୟକ କହିଛନ୍ତି । ଶ୍ରୀ ନାୟକ କହିଛନ୍ତି ଯେ,ଜନଜାତିବର୍ଗର ଜନସଂଖ୍ୟା ବହୁଳ ଓ ଖଣିଜ ସମ୍ପଦରେ ପରିପୂର୍ଣ୍ଣ କେନ୍ଦୁଝର ଜିଲ୍ଲାର ଆନନ୍ଦପୁର ସବଡିଭିଜନ ଅଞ୍ଚଳରେ ଆଜି ଯାଏ ରେଳ ସଂଯୋଗୀକରଣ ହୋଇ ପାରି ନାହିଁ । ଏହି ଅଂଚଳକୁ ରେଳ ସଂଯୋଗୀକରଣ କରିବାକୁ ସ୍ଥାନୀୟ ସ୍ତରରେ ଦୀର୍ଘ ଦିନରୁ ଦାବି ହୋଇ ଆସୁଛି । ରେଳ ସଂଯୋଗୀକରଣ ନ ଥିବା କାରଣରୁ ଆନନ୍ଦପୁର ଅଂଚଳରେ ଶିଳ୍ପ ସଂସ୍ଥା ସ୍ଥାପିତ ହୋଇ ପାରୁ ନାହିଁ । ଏହି କାରଣରୁ ସ୍ଥାନୀୟ ଅଞ୍ଚଳରେ ବେକାରୀ ସମସ୍ୟା ବୃଦ୍ଧି ହେବାରେ ଲାଗିଛି । କେନ୍ଦୁଝର ଜିଲ୍ଲାରେ ଲୌହ, ମାଙ୍ଗାନିଜ ଓ କ୍ରୋମାଇଟ ଖଣିଜ ସମ୍ପଦ ଥିବା ରାଜ୍ୟ ଓ ଦେଶର ଅର୍ଥନୀତିରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରୁଥିବା ସତ୍ତ୍ୱେ ଆନନ୍ଦପୁର ଅଞ୍ଚଳରେ ଶିଳ୍ପ ସ୍ଥାପିତ ହୋଇ ପାରୁ ନାହିଁ । ଶ୍ରୀ ନାୟକ ହରିଚନ୍ଦନପୁରରୁ ଧାମରା ଯାଏ ରେଳବାଇ ଟ୍ରାକ ର ନିର୍ମାଣ କରାଯିବାକୁ ପ୍ରସ୍ତାବ ଦେଇଛନ୍ତି । ଏହା ଦ୍ୱାରା ଖଣିଜ ପରିବହନ ସୁବିଧାରେ ହୋଇ ପାରିବ। ସେ କହିଛନ୍ତି ଯେ ଏପରି କରାଗଲେ ଏହି ଅଂଚଳରେ ଶିଳ୍ପ ଓ ପର୍ଯ୍ୟଟନର ବିକାଶ ହୋଇ ପାରିବ । ପ୍ରସ୍ତାବିତ ରେଳ ଲାଇନ କେବଳ ଯେ ଏହି ଅଂଚଳରେ ଶିଳ୍ପକୁ ପ୍ରୋତ୍ସାହିତ କରିବ ନାହିଁ ବରଂ ସ୍ଥାନୀୟ ଲୋକ ମାନଙ୍କୁ ରୋଜଗାରର ସୁଯୋଗ ମଧ୍ୟ ପ୍ରଦାନ କରିବ ବୋଲି ସେ କହିଛନ୍ତି । ଶ୍ରୀ ନାୟକ କହିଛନ୍ତି ଯେ ଏହି ଅଞ୍ଚଳରେ ପର୍ଯ୍ୟଟନର ପ୍ରବଳ ସମ୍ଭବନା ରହିଛି । ଘଟଗାଁ ମା ତାରିଣୀ ମନ୍ଦିର, ଗୁଣ୍ଡିଚାଘାଘି ଜଳ ପ୍ରପାତ, ଦରଗୁଡିଶିଳା ପିକନିକ ସ୍ଥଳ, ହଦଗଡ ଇକୋ ଟୁରିଜମ କେନ୍ଦ୍ର, ଚକ୍ରତୀର୍ଥ ଗୁମ୍ଫା ଓ ଗଡଚଣ୍ଡୀ ମନ୍ଦିର ଭଳି ପ୍ରମୁଖ ଆକର୍ଷଣର କେନ୍ଦ୍ର ରହିଛି । ହେଲେ ପର୍ଯ୍ୟାପ୍ତ ପରିବହନ ବ୍ୟବସ୍ଥା ଅଭାବରେ ପର୍ଯଟକ ମାନେ ଏହି ସ୍ଥାନ ଗୁଡିକୁ ପହଂଚି ପାରୁ ନାହାନ୍ତି । ତେଣୁ ରେଳବାଇ ସଂଯୋଗୀକରଣ ହେଲେ ପରିବହନ ସୁବିଧା ହେବା ସହ ଏହି ପର୍ଯଟନ ସ୍ଥଳ ଗୁଡିକର ବିକାଶ ହେବ ଓ ଅଧିକରୁ ଅଧିକ ପର୍ଯ୍ୟଟକ ମାନେ ଆସି ପାରିବେ ଓ ଏହି ଅଂଚଳର ଆର୍ଥିକ ବିକାଶ ହେବ ବୋଲି ସେ କହିଛନ୍ତି ।

# ପର୍ଯ୍ୟଟନ କ୍ଷେତ୍ର ଦାରିଙ୍ଗବାଡିର ପଟ୍ଟଚିତ୍ର ବଦଳିବ ଦୁଇ ଜଣିଆ ପ୍ରତିନିଧି ଦଳର ପରିଦର୍ଶନ



ବାଲିଗୁଡା ୭/୨ (ନି.ପ୍ର): ଓଡିଶାର କଶ୍ମୀର କୁହାଯାଉଥିବା ଦାରିଙ୍ଗବାଡିର ପର୍ଯ୍ୟଟନ କ୍ଷେତ୍ରର ପଟ୍ଟଚିତ୍ର ବଦଳିଯିବ। ପର୍ଯ୍ୟଟନ କ୍ଷେତ୍ରର ବିକାଶ ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ଜୋରଦାର ପ୍ରସ୍ତୁତି ଆରମ୍ଭ ହୋଇଯାଇଛି। ଓଡିଶା ପର୍ଯ୍ୟଟନ ଉନ୍ନୟନ ବିଭାଗର ୨ ଜଣିଆ ପ୍ରତିନିଧି ଦଳ ଗତ ଦୁଇ ଦିନ ହେଲା ଦାରିଙ୍ଗବାଡିର ବିଭିନ୍ନ ପର୍ଯ୍ୟଟନ କ୍ଷେତ୍ର ବୁଲି ପରିଦର୍ଶନ କରୁଛନ୍ତି। ପ୍ରକାଶ ଯେ, ବାଲିଗୁଡା ଆଇଟିଡିଏର ପ୍ରକଳ୍ପ ପ୍ରଶାସକ ଗଦାଧର ପାତ୍ର, ଦାରିଙ୍ଗବାଡି ବିଡ଼ିଓ ପ୍ରୀତିରଞ୍ଜନ ରଥ ଏବଂ ତହସିଲଦାର ଶରତ ଶବରଙ୍କ ସହ ଓଡିଶା ସରକାରଙ୍କ ପର୍ଯ୍ୟଟନ ବିଭାଗର ସହକାରୀ ନିର୍ବାହୀ ଯନ୍ତ୍ରୀ ସନାତନ ପ୍ରଧାନ ଏବଂ କନିଷ୍ଠ ଯନ୍ତ୍ରୀ ବିଶ୍ୱଜିତ ମହାରଣା ପ୍ରମୁଖ ମିଳିତ ଭାବେ ଦାରିଙ୍ଗବାଡିର ହିଲଭିୟୁ, ନେଚର ପାର୍କ ସମେତ ଡୁଲୁରୀ ପାଇନ ବଣ, ରେନବୋ,ପାଟ୍ଟାବାନ୍ଧା ଏବଂ ମିଡିୟୁବାନ୍ଦା ଜଳପ୍ରପାତ, ଯୋଗୀମଠ, ତୀର୍ଥକ୍ଷେତ୍ର ଋଷିମାଳ ପାହାଡ଼, କିରିକୁଟି ଲଭର୍ସ ପଏଣ୍ଟ, କଫି ବଗିଚା,ସମେତ ସମସ୍ତ ନୂଆ ଓ ପୁରୁଣା ପର୍ଯ୍ୟଟନ କ୍ଷେତ୍ରକୁ ମିଳିତ ପରିଦର୍ଶନ କରିଛନ୍ତି। ଓଡିଶା ପର୍ଯ୍ୟଟନ ବିଭାଗର ପରିଚାଳନା ନିର୍ଦ୍ଦେଶକ ତଥା ବରିଷ୍ଠ ଭାରତ ପ୍ରଶାସନିକ ଅଧିକାରୀ ସମର୍ଥ ବର୍ମା କନ୍ଧମାଳ ଜିଲାପାଳଙ୍କୁ ଦାରିଙ୍ଗବାଡି ପର୍ଯ୍ୟଟନ କ୍ଷେତ୍ର ଗୁଡିକର ବିକାଶ ପାଇଁ ଆବଶ୍ୟକ କ୍ଷେତ୍ର ପରିଦର୍ଶନ କରି ରାଜ୍ୟକୁ ରିପୋର୍ଟ ପଠାଇବାକୁ ନିର୍ଦ୍ଦେଶ ଦିଆଯାଇଛି। କନ୍ଧମାଳ ଜିଲାପାଳ ଅମ୍ରିତ ଋତୁରାଜଙ୍କ ନିର୍ଦ୍ଦେଶ କ୍ରମେ ସ୍ଥାନୀୟ ପ୍ରଶାସନିକ ଅଧିକାରୀମାନେ ଦୁଇ ଜଣିଆ ପ୍ରତିନିଧିଙ୍କ ସହ କ୍ଷେତ୍ର ପରିଦର୍ଶନ କରିଛନ୍ତି। ସମସ୍ତ ପର୍ଯ୍ୟଟନ କ୍ଷେତ୍ର ବିଶେଷ କରି ପର୍ଯ୍ୟଟକଙ୍କୁ ସମସ୍ତ ପ୍ରକାର ମୌଳିକ ସୁବିଧା ଯୋଗାଇଦେବା ସହ ସୌନ୍ଦର୍ଯ୍ୟକରଣ କରାଯିବାକୁ ରାଜ୍ୟ ସରକାର ଗୁରୁତ୍ୱ ଦେଇଛନ୍ତି।

# ଡାବୁଗାଁ ଠାରେ ପାରମ୍ପରିକ ଦୁଲାରଦେଇ ପୂଜା ପାଳିତହେଲା

ନବରଙ୍ଗପୁର ୭/୨ (ନି.ପ୍ର): ଡାବୁଗାଁ ରେ ଆଜି ଧୁମଧାମରେ ପାରମ୍ପରିକ ଦୁଲାରଦେଇ ପୂଜା ପାଳିନ କରାଗଲା । ଆଦିବାସୀ ପର୍ବ ମାଘ ମଣ୍ଡେଇ ପୂର୍ବ ହାଟ ଅର୍ଥାତ ମାଘ ମଣ୍ଡେଇ ରୋ ସାତଦିନ ପୂର୍ବେ ପାରମ୍ପରିକ ରୀତିନୀତିରେ ଦୁଲାର ଦେଇ ଗୁଡି ରେ ପୂଜାର୍ଚ୍ଚନା ପରେ ସିରା , ପଲଙ୍କି , ଲାଠି, କୁର୍ଚି ସବୁ ଏକତ୍ରିତ ହଇ ବାଜା ମହୁରୀ ରୋ ତାଳେ ତାଳେ ନାଚ କରି ଡାବୁଗାଁ ଗ୍ରାମରେ ଏବଂ ସାପ୍ତାହିକ ହାଟରେ ବୁଲିଥିଲେ । ଆଜି ଠାରୁ ଆଗାମୀ ମାଘ ମଣ୍ଡେଇ ପର୍ଯନ୍ତ ଡାବୁଗାଁ ଅଂଚଳ ଚଳଚଂଚଳ ରହିବ । ଆସନ୍ତା ବୁଧବାର ଦିନ ବଡ଼ଦେବତା ବା ଗ୍ରାମର ମୁଖ୍ୟ ଇଷ୍ଟଦେବ ବାବା ଭୈରବଦେବତାଙ୍କ ପୂଜା ହେବ ଏବଂ ୧୩ ତାରିଖ ଗୁରୁବାର ଦିନ ଡାବୁଗାଁରେ ମାଘ ମଣ୍ଡେଇ ପାଳିତ ହେବ ।

## ହ୍ୟୁମାନ ସାଗର ଙ୍କ ଗୀତରେ ଝୁମିଲେ ଦର୍ଶକ



ନୂଆପଡ଼ା ୭/୨ (ନି.ପ୍ର):ନୂଆପଡ଼ା ଜିଲ୍ଲା ଖଡିଆଳ ମହୋତ୍ସବ -୨୦୨୫ ତୃତୀୟ ସନ୍ଧ୍ୟା,ରେ ଆଇନଜୀବୀ ସୁଶାନ୍ତ ତାଣ୍ଡି ଅଧକ୍ଷତା କରିଥିବା ବେଳେ ମୁଖ୍ୟ ଅତିଥି ରୂପେ ପଦମପୁର ବିଧାୟକ ବର୍ଷା ସିଂ ବରିହା, କଣ୍ଟାବାଞ୍ଜି ବିଧାୟକ ଲକ୍ଷ୍ମଣ ବାଗ ଯୋଗଥିଲେ। ସ୍ୱତନ୍ତ୍ର ଅତିଥି ରୂପେ ନୂଆପଡ଼ା ଜିଲ୍ଲାପାଳ ମଧୁସୂଦନ ଦାଶ, ମୁଖ୍ୟ ବ୍ୟକ୍ତ ରୂପେ ସମ୍ବଲପୁର ବିଶ୍ୱବିଦ୍ୟାଳୟ ଅଧିକାରୀ ଡ଼ ନୃପରାଜ୍ ସାହୁ ଯୋଗ ଦେଇ ଖଡିଆଳ ମହୋତ୍ସବ ସମ୍ପର୍କ ସମୃଦ୍ଧ କାରିବାର ଏକ ସେତୁ ବୋଲି ମତବ୍ୟକ୍ତ କରିଥିଲେ। ଅନ୍ୟ ମାନଙ୍କ ମଧରେ ବ୍ଲକ ଅଧକ୍ଷା ପୁଷ୍ପାଞ୍ଜଳୀ ନନ୍ଦ ପ୍ରମୁଖ ଯୋଗ ଦେଇଥିଲେ। ପାଳନ କମିଟି ସଦସ୍ୟ ପୃଥିରାଜ ମହାଉତି ଅତିଥି ସ୍ୱାଗତ କରିଥିବା ବେଳେ ସନ୍ତୋଷ ପଟ୍ଟନାୟକ ଧନ୍ୟବାଦ ଦେଇଥିଲେ। ଆଜି ତୃତୀୟ ଦିବସରେ ସାହିତ୍ୟିକ ଡ଼.ମେଜର ରାମ ଚନ୍ଦ୍ର ମିଶ୍ର ଙ୍କୁ ସାହିତ୍ୟ ସାଧନା ଏବଂ ଉଲ୍ଲେଖନୀୟ ଅବଦାନ ପାଇଁ ସମ୍ବର୍ଦ୍ଧିତ କରାଯାଇଥିଲା। ହ୍ୟୁମାନ ସାଗର ଅର୍କେଷ୍ଟ୍ରା ଝୁମିଲେ ଦର୍ଶକ।ବ୍ୟାପକ ଭିଡ କୁ ଦୃଷ୍ଟିରେ ରଖି ପୋଲିସ ପ୍ରଶାସନ ପକ୍ଷରୁ ମଧ କଡା ସୁରକ୍ଷା ବ୍ୟବସ୍ଥା ହାତକୁ ନେଇଛନ୍ତି।

## ବେଲଗୁଣ୍ଠାରେ ଗ୍ରାମ କଣ୍ଟକ ପଟ୍ଟା ବାଣ୍ଟିଲେ ବିଧାୟକ

ବେଲଗୁଣ୍ଠା ୭/୨ (ନି.ପ୍ର):ଆଜି ବେଲଗୁଣ୍ଠା ତହସିଲ୍ ଅନ୍ତର୍ଗତ ସମସ୍ତ ଛଅଟି ରାଜସ୍ୱ ମଣ୍ଡଳର ହିତାଧିକାରୀଙ୍କୁ ଗ୍ରାମ କଣ୍ଟକ ପଟ୍ଟା ବଣ୍ଟନ କରିଛନ୍ତି ସୋରଡ଼ା ବିଧାୟକ ଓ ଆଜି ବେଲଗୁଣ୍ଠା ଟାଉନ୍ ହଲ୍ ଠାରେ ତହସିଲଦାର କଳାକୃଷ୍ଣ ପ୍ରଧାନଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ସୋରଡ଼ା ବିଧାୟକ ନୀଳମଣି ବିଷୋୟୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ହିତାଧିକାରୀଙ୍କୁ ପଟ୍ଟା ବଣ୍ଟନ କରିଥିଲେ। ସେ ବେଲଗୁଣ୍ଠା ତହସିଲ୍ ଅନ୍ତର୍ଗତ ଗୋବରା, ବେଲଗୁଣ୍ଠା, ବଙ୍କା, ଗାଙ୍ଗପୁର,ନେଟଙ୍ଗା ଏବଂ ପାଇଲି ପଡ଼ା ରାଜସ୍ୱ ମଣ୍ଡଳରୁ ଆସିଥିବା ୩୫୦ ଜଣ ହିତାଧିକାରୀଙ୍କୁ ଗ୍ରାମ କଣ୍ଟକ ପଟ୍ଟା ବଣ୍ଟନ କରିଥିଲେ। କାର୍ଯ୍ୟକ୍ରମରେ ସମସ୍ତ ରାଜସ୍ୱ ମଣ୍ଡଳରୁ ଆସିଥିବା ରାଜସ୍ୱ ନୀରିକ୍ଷକ, ଅମିନ୍ ଏବଂ ତହସିଲ୍ କର୍ମଚାରୀମାନେ ସହଯୋଗ କରିଥିଲେ । ହିତାଧିକାରୀ ମାନେ ଗ୍ରାମ କଣ୍ଟକ ପଟ୍ଟା ପାଇବା ପରେ ଉଭୟ ବିଧାୟକ ଶ୍ରୀ ବିଷୋୟୀ ଏବଂ ତହସିଲଦାର ଶ୍ରୀ ପ୍ରଧାନଙ୍କୁ କୃତଜ୍ଞତା ଜଣାଇଥିଲେ।

## ସମାଜସେବୀଙ୍କ ବିୟୋଗରେ ବିଭିନ୍ନ ମହଲରୁ ଶୋକ

ନିଶ୍ଚିନ୍ତକୋଇଲି ୭/୨ (ନି.ପ୍ର): ନିଶ୍ଚିନ୍ତକୋଇଲି ବ୍ଲକ ବଡକ୍ଷୀର ପଂଚାୟତ ଗୋପପୁର ଗ୍ରାମର ସମାଜସେବୀ ନିରଞ୍ଜନ ରାଉଳଙ୍କର ହୃଦ୍‌ଘାତରେ ପରଲୋକ ହୋଇଯାଇଛି । ତାଙ୍କ ବିୟୋଗରେ ବିଭିନ୍ନ ମହଲରୁ ଶୋକବ୍ୟକ୍ତ କରାଯାଇଅଛି । ସେ ଜଣେ ମିଷ୍ଟଭାଷୀ, ଦରଦୀବନ୍ଧୁ, ଗ୍ରାମାଂଚଳରେ ଥିବା ସମସ୍ତ ଅନୁଷ୍ଠାନରେ ନିଜକୁ ସାମିଲ କରି ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଥିଲେ। ତାଙ୍କ ବିୟୋଗ ଖବର ପାଇ ପୂର୍ବତନ ବିଧାୟକ ତଥା ପୂର୍ବତନ ମନ୍ତ୍ରୀ ପ୍ରତାପ ଜେନା, ସମାଜସେବୀ ରମେଶ ଚନ୍ଦ୍ର ସ୍ୱାଇଁ, ପୂର୍ବତନ ସରପଂଚ ଦେବେନ୍ଦ୍ର ସାହୁ, ଶିକ୍ଷାବିତ୍ ଜୟଦେବ ସାହୁ, ବ୍ରହ୍ମାନନ୍ଦ ଜେନା, ସରପଂଚ ହିଂମାଂଶୁ ନାରାୟଣ ମଲ୍ଲ, ସମିତିସଭ୍ୟ ପ୍ରଦୋଷ ସାହୁ, ଜ୍ୟୋତି ପ୍ରକାଶ ସ୍ୱାଇଁ, ସାମ୍ବାଦିକ ରମେଶ ଚନ୍ଦ୍ର ଜେନା, ପ୍ରକାଶ ଚନ୍ଦ୍ର ରାଉଳ, ପ୍ରଫୁଲ୍ଲ କୁମାର ମହାପାତ୍ର, ପ୍ରମୋଦ ପରିଡା, ଜିଲ୍ଲାପରିଷଦ ସଭ୍ୟ ବିପ୍ଳବ କେଶରୀ କାପ, ପୂର୍ବତନ ଜିଲ୍ଲାପରିଷଦ ବିନୋଦ ସାମଲ, ପ୍ରତାପ କୁମାର ସ୍ୱାଇଁ, ସୁରେନ୍ଦ୍ର ପୁହାଣ, କୈଳାସ ଚନ୍ଦ୍ର ଜେନା, ପରିବେଶବିତ୍ ପ୍ରମୋଦ କୁମାର ଦାଶ, ପୁରସ୍ତମ ଭୂୟାଁ, ପୂର୍ବତନ ସରପଂଚ କ୍ଷୀରୋଦ ଚନ୍ଦ୍ର ପଣ୍ଡା ପ୍ରମୁଖ ତାଙ୍କ ବାସଭବନରେ ପହ□ି ଶେଷ ଦର୍ଶନ କରିବା ସହ ପରିବାରବର୍ଗଙ୍କୁ ସାନ୍ତ୍ୱନା ପ୍ରଦାନ କରିଥିଲେ। ସ୍ୱର୍ଗତ ରାଉଳଙ୍କ ମର ଶରୀରକୁ ଗ୍ରାମ ପରିକ୍ରମା କରାଯାଇ ଗ୍ରାମ୍ୟ ଶ୍ମଶାନ କଲ୍ୟାଣଶ୍ୱରୀଠାରେ ଦାହ କରାଯାଇଥିଲା। ଜ୍ୟେଷ୍ଠପୁତ୍ର ମନୋଜ କୁମାର ରାଉଳ ମୁଖାଗ୍ନି ଦେଇଥିଲେ । ଝିଅ, ଜ୍ୱାଇଁ, ପୁତ୍ର, ନାତି ନାତୁଣୀ ଓ ବନ୍ଧୁ ପରିବାର ବର୍ଗ ମୃତ୍ୟୁଶଯ୍ୟା ନିକଟରେ ଉପସ୍ଥିତ ଥିଲେ ।

# 'ବିକଶିତ ଗାଁ' ବିକଶିତ ଓଡିଶା" ଯୋଜନାର ବ୍ଲକ ସ୍ତରୀୟ ଶୁଭାରମ୍ଭ ସମାରୋହ

ବାଲିଗୁଡା ୭/୨ (ନି.ପ୍ର): ରାଜ୍ୟରେ ବୁଧବାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓଡ଼ିଶାର ଗ୍ରାମୀଣ ଭିତ୍ତିଭୂମିର ବିକାଶକୁ ତ୍ୱରାନ୍ୱିତ କରିବା ତଥା ଗ୍ରାମୀଣ ଜୀବନଧାରଣର ମାନ ବୃଦ୍ଧି ଏବଂ ଅର୍ଥନୈତିକ ଅଭିବୃଦ୍ଧି ପାଇଁ "ବିକଶିତ ଗାଁ ବିକଶିତ ଓଡିଶା" ଯୋଜନାର ଶୁଭାରମ୍ଭ କରିଛନ୍ତି। ଏହି ଯୋଜନାରେ ଗାଁ'ର ଭିତ୍ତିଭୂମି ବିକାଶ ପାଇଁ ବର୍ଷକୁ ହଜାର କୋଟି ଟଙ୍କା ଲେଖାଏଁ, ପାଞ୍ଚ ବର୍ଷରେ ମୋଟ ପାଞ୍ଚ ହଜାର କୋଟି ଟଙ୍କା ବିନିଯୋଗ କରାଯିବ। ଗାଁ'ର ବିକାଶ ପାଇଁ ଆବଶ୍ୟକ ପ୍ରକଳ୍ପ ଗୁଡିକୁ ଗ୍ରାମ ସଭାରେ ହିଁ ସ୍ଥିର କରାଯିବ। ଏହି ପରିପ୍ରେକ୍ଷୀରେ କନ୍ଧମାଳ ଜିଲ୍ଲାର ସମସ୍ତ ବ୍ଲକ୍ ଆଭାସୀ ମାଧ୍ୟମରେ ଯୋଡ଼ି ଏହି କାର୍ଯ୍ୟକ୍ରମର ସିଧା ପ୍ରସାରଣରେ ସାମିଲ୍ ହୋଇଥିଲେ। ବାଲିଗୁଡାରେ ଆୟୋଜିତ ଏହି



କାର୍ଯ୍ୟକ୍ରମରେ ବିଜେପି ଜିଲ୍ଲା ସଭାପତି ଜଗନ୍ନାଥ ସାହୁ, କନ୍ଧମାଳ ସାଂସଦଙ୍କ ବାଲିଗୁଡ଼ା ଏନ୍ ଏସି ପ୍ରତିନିଧି ଆଦିକନ୍ଦ ପଟ୍ଟନାୟକ, ବ୍ଲକ୍ ସାଂସଦ ପ୍ରତିନିଧି ରଞ୍ଜିତ କୁମାର ସାହୁ, ନଗର ସଭାପତି ମନୋଜ କୁମାର ରଥ, ବିଡ଼ିଓ ଦୀପ୍ତି ରଞ୍ଜନ ବେହେରା , ସମସ୍ତ କର୍ମଚାରୀ , ସ୍ୱୟଂ ସହାୟିକା ଗୋଷ୍ଠୀ ମହିଳା ମାନେ ଉପସ୍ଥିତ ଥିଲେ। ଉପସ୍ଥିତ ରହି ଏହି ଯୋଜନା ମାଧ୍ୟମରେ ପ୍ରତି ଗାଁ'ରେ ଭଲ ରାସ୍ତା, ଡ୍ରେନ, ପାଠାଗାର, କଲ୍ୟାଣ ମଣ୍ଡପ, କମ୍ୟୁନିଟି ସେଣ୍ଟର, ଗାଧୁଆ ତୁଠ, ପୋଖରୀ ଓ ନଦୀ କୂଳରେ ଚେଞ୍ଜିଙ୍ଗ ରୁମ, ମାର୍କେଟ ସେଡ, ଭୋଗ ମଣ୍ଡପ, ଭାଗବତ ଟୁଙ୍ଗୀ ଆଦି ନିର୍ମାଣ କରାଯିବା ସହ ଧାର୍ମିକ ପୀଠ, ଛୋଟ ଛୋଟ ପର୍ଯ୍ୟଟନସ୍ଥଳୀ, ଶିକ୍ଷା ତଥା କ୍ରୀଡା ଭିତ୍ତିଭୂମି ଆଦିର ବିକାଶ ମଧ୍ୟ କରାଯିବ ବୋଲି କହିଥିଲେ। ଏହି ଅବସରରେ ଜିଲାର ସମସ୍ତ ଅଧିକାରୀ ଏବଂ ଜନସାଧାରଣ ସମସ୍ତେ ସହଯୋଗ କରିବାକୁ ଆହ୍ୱାନ ଦେଇଥିଲେ। ବିଭିନ୍ନ ସାଂସ୍କୃତିକ ସଂଗଠନ ର କଳାକାର ମାନେ ସରକାରଙ୍କ ବିଭିନ୍ନ ଲୋକାଭିମୁଖୀ ଯୋଜନା ବିଷୟରେ ଲୋକ ନୃତ୍ୟ ମାଧ୍ୟମରେ ସଚେତନ କରିଥିଲେ ଏବଂ ବିଭିନ୍ନ ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

# ବେଲଗୁଣ୍ଠା ବିଜେପି ତରଫରୁ ନୂତନ ଏନ୍‌ଏସି କାର୍ଯ୍ୟ ନୀର୍ବାହୀ ଅଧିକାରୀଙ୍କୁ ସ୍ୱାଗତ



ବେଲଗୁଣ୍ଠା ୭/୨ (ନି.ପ୍ର): ବେଲଗୁଣ୍ଠା ବିଜ୍ଞାପିତ ଅଞ୍ଚଳ ପରିଷଦରେ କାର୍ଯ୍ୟ ନିର୍ବାହି ଅଧିକାରୀ ଭାବେ ବନମାଳୀ ଶତପଥି ଯୋଗ ଦେବାପରେ ତାଙ୍କୁ ଆଜି ବେଲଗୁଣ୍ଠା ନଗର ବିଜେପି ତରଫରୁ ସ୍ୱାଗତ କରାଯାଇଛି ଓ ଆଜି ବେଲଗୁଣ୍ଠା ନଗର ବିଜେପି ମଣ୍ଡଳ ସଭାପତି ଯତୀନ୍ ପାତ୍ରଙ୍କ ନେତୃତ୍ୱରେ ବେଲଗୁଣ୍ଠା ସ୍ଥିତ ଲକ୍ଷ୍ମୀ ନୃସିଂହ ମନ୍ଦିର ଫାଟକ ଠାରୁ ଏକ ଶୋଭାଯାତ୍ରା ବାହାରି ଏନ୍‌ଏସି କାର୍ଯ୍ୟାଳୟ ଠାରେ ପହଞ୍ଚିବା ପରେ କାର୍ଯ୍ୟ ନିର୍ବାହି ଅଧିକାରୀ ଶ୍ରୀ ଶତପଥିଙ୍କୁ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରାଯାଇଛି। ଆଗାମୀ ଦିନରେ ସ୍ଥାନୀୟ ବିଧାୟକ ନୀଳମଣି ବିଷୋୟୀଙ୍କ ସହଯୋଗରେ ବିଜେପି ତରଫରୁ ବେଲଗୁଣ୍ଠା ଉନ୍ନତି ଦିଗରେ ସବୁ ପ୍ରକାର ସହଯୋଗ କରାଯିବ ବୋଲି ପ୍ରତିଶ୍ରୁତି ଦିଆଯାଇଥିବା ଯତୀନ୍ ପାତ୍ର ପ୍ରକାଶ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ବରିଷ୍ଠ ବିଜେପି ନେତା ଲିଙ୍ଗରାଜ ପାତ୍ର,ଆଇନଜୀବୀ ରାଜା ବିନ୍ଧାଣୀରା, ରବୀନ୍ଦ୍ରନାଥ ଚୌଧୁରୀ, ବେଲଗୁଣ୍ଠା ବ୍ଲକ୍ ସାଂସଦ ପ୍ରତିନିଧି ରଞ୍ଜନ ରାଉତ, ସୂର୍ଯ୍ୟନାରାୟଣ ତ୍ରିପାଠି, ରାଙ୍ଗା ରେଡି, ବାଳକୃଷ୍ଣ ପାତ୍ର, କାଳିଆ ଚୌଧୁରୀ, ଅଞ୍ଜନ ପତି,କମଳା ପତି,କୁଞ୍ଜବିହାରୀ ସାହୁଙ୍କ ସମେତ ସଫେଇ କର୍ମଚାରୀ ସଂଘ ସଭାପତି ଙ୍କ ସହ ବହୁ ମହିଳା ଏବଂ ଶତାଧିକ ବିଜେପି କର୍ମୀ ଯୋଗ ଦେଇଥିଲେ।

# ନିଶ୍ଚିନ୍ତକୋଇଲି ନୂତନ ମଣ୍ଡଳ ଶିକ୍ଷାଧିକାରିଣୀ ଭାବେ ଯୋଗଦେବେ ସଂଯୁକ୍ତା ମହାପାତ୍ର

ନିଶ୍ଚିନ୍ତକୋଇଲି ୭/୨ (ନି.ପ୍ର): ରାଜ୍ୟ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ନିର୍ଦ୍ଦେଶରେ ପୂର୍ବରୁ କାର୍ଯ୍ୟରତ ନିଶ୍ଚିନ୍ତକୋଇଲି ମଣ୍ଡଳ ଶିକ୍ଷାଧିକାରିଣୀ ଲକ୍ଷେହୀରା ଲାବଣ୍ୟବତୀ ବେହେରାଙ୍କ ସାଲେପୁର ମଣ୍ଡଳ ଶିକ୍ଷାଧିକାରୀ କାର୍ଯ୍ୟାଳୟକୁ ବଦଳି ହୋଇଛି । ତାଙ୍କ ସ୍ଥାନରେ ନିଶ୍ଚିନ୍ତକୋଇଲି ମଣ୍ଡଳ ଶିକ୍ଷାଧିକାରିଣୀ ଭାବେ ସଂଯୁକ୍ତା ମହାପାତ୍ରଙ୍କୁ ରାଜ୍ୟ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ନିର୍ଦ୍ଦେଶପତ୍ର ମିଳିଛି । ଶ୍ରୀମତୀ ମହାପାତ୍ର ଏହାପୂର୍ବରୁ ମାହାଙ୍ଗା ବ୍ଲକ ଅଧିନସ୍ଥ ଭେଡାସ୍ଥିତ ଚୌଧୁରୀ ରାଧାନାଥ ବିଦ୍ୟାପୀଠରେ ପ୍ରଧାନଶିକ୍ଷୟିତ୍ରୀ ଭାବେ କାର୍ଯ୍ୟ କରୁଥିଲେ। ଖୁବ୍‌ଶୀଘ୍ର ସେ ନିଶ୍ଚିନ୍ତକୋଇଲି ମଣ୍ଡଳ ଶିକ୍ଷାଧିକାରିଣୀ ଭାବେ ନିଜର ଦାୟିତ୍ୱ ଗ୍ରହଣ କରି କାର୍ଯ୍ୟ ନିର୍ବାହ କରିବେ ବୋଲି ଜଣାଯାଇଛି ।

# ଡାବୁଗାଁ ବ୍ଲକରେ ବ୍ଲକ ସ୍ତରୀୟ ନିପୁଣ ଓଡିଶା ମେଳା ଅନୁଷ୍ଠିତ



ଡାବୁଗାଁ ୭/୨ (ନି.ପ୍ର): ନବରଙ୍ଗପୁର ଜିଲ୍ଲା ଡାବୁଗାଁ ବ୍ଲକର ଡାବୁଗାଁ ଏକ୍ସ ବୋର୍ଡ ୟୁଜି ୟୁପି ବିଦ୍ୟାଳୟ ଠାରେ ବ୍ଲକ ସ୍ତରୀୟ ନିପୁଣ ଓଡିଶା ମେଳା– ୨୦୨୫ ଅନୁଷ୍ଠିତ ହେଲା । ଆଜିର କାର୍ଯ୍ୟକ୍ରମ କୁ ପରିଚାଳନା କରିଥିଲେ ଡାବୁଗାଁ କ୍ଲଷ୍ଟର ର ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ପ୍ରସନ୍ନ କୁମାର ଦଣ୍ଡସେନା।ଏଥିରେ ପ୍ରଥମେ ସାକ୍ଷରତା, ସଂଖ୍ୟା ଜ୍ଞାନ, ସକ୍ରିୟାତ୍ମକ ଓ ମତାମତ ଭଳି ୫ ଟି ଷ୍ଟଲ କୁ ଉଦଘାଟନ କରାଯାଇଥିଲା । ପରେ ଡାବୁଗାଁ ଗୋଷ୍ଠୀ ଶିକ୍ଷା ଅଧିକାର ଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଭାବେ ଡାବୁଗାଁ ବ୍ଲକ ଅଧକ୍ଷା ବୀଣା ମାଝୀ, ସନ୍ମମାନ ଅତିଥିଭାବେ ଜିଲ୍ଲାପରିଷଦ ସଭ୍ୟ ଗୁପ୍ତ ବିଷୟୀ, ବ୍ଲକ ଉପାଧାକ୍ଷା ସଦାନନ୍ଦ ନାୟକ ଏବଂ ମୁଖ୍ୟ ବକ୍ତା ଭାବରେ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ଭଗବାନ ମାଝୀ ଓ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ସନ୍ତସ ସାହୁ ଏବଂ ପ୍ରଧାନ ଶିକ୍ଷୟିତ୍ରୀ ବନାଲତା ମହାନ୍ତି ପ୍ରମୁକ ମଞ୍ଚାସିନ ଥିଲେ।ଏହି ମେଳାର ମୁଖ୍ୟ ଉଦ୍ଦେଶ୍ୟ ହେଲା ୨୦୨୬-୨୭ ସୁଦ୍ଧା ପ୍ରଥମରୁ ତୃତୀୟ ଶ୍ରେଣୀ ଛାତ୍ରଛାତ୍ରୀ ମାନେ ମୌଳିକ ଭାଷା ଓ ସଂଖ୍ୟାଜ୍ଞାନ ଦକ୍ଷତା ବୃଦ୍ଧି କରି ସେମାନଙ୍କର ସର୍ବାଙ୍ଗୀନ ବିକାଶ କରିବା । ଏହି ମେଳାରେ ଉପସ୍ଥିତ ଅତିଥି ମାନେ ନିଜ ନିଜ ବକ୍ତବ୍ୟରେ ଛାତ୍ରଛାତ୍ରୀ ମାନଙ୍କ ଦକ୍ଷତା ହାସଲ କରିବାକୁ ହେଲେ ପିତାମାତା ଙ୍କ ଭୂମିକା, ଶିକ୍ଷକ ମାନଙ୍କ ଭୂମିକା, ଗୋଷ୍ଠୀ ର ଭୂମିକା ଓ ପଞ୍ଚାୟତ ପ୍ରତିନିଧି ଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି କହିଥିଲେ ।ଏଥିରେ ଡାବୁଗାଁ ଆଞ୍ଚଳିକ ସାଧନ କେନ୍ଦ୍ର ଅଧୀନ ୧୧ଟି ବିଦ୍ୟାଳୟର ଏଫଏଲଏନ ଶିକ୍ଷକ ୩୦ ଜଣ , ୧୧୦ ଜଣ ଅବିଭାବକ,ଏବଂ ୧୬୦ ଜଣ ଛାତ୍ର ଛାତ୍ରି ଏବଂ ସତ ଗୋଟି କ୍ଲଷ୍ଟରର ଆଞ୍ଚଳିକ ସାଧନ କେନ୍ଦ୍ର ସଞ୍ଜୋକ ମାନେ ଉପସ୍ଥିତ ଥିଲେ। ଆଜିର କାର୍ଯ୍ୟକ୍ରମ ରେ ମଞ୍ଚ ପରିଚାଳନା କରିଥିଲେ ଚାଚାରଗୁଡା କ୍ଲଷ୍ଟର ର ଆଞ୍ଚଳିକ ସଞ୍ଜଜକ ଗୁପ୍ତେ ପ୍ରସାଦ ନାଗ ଏବଂ ଡାବୁଗାଁ ଆଞ୍ଚଳିକ ସାଧନ କେନ୍ଦ୍ର ଅଧୀନର ସମସ୍ତ ଶିକ୍ଷକ ଶିକ୍ଷୟତ୍ରୀ ମାନେ ସହଯୋଗ କରିଥିଲେ ।

# ପୃଷ୍ଟି ଶସ୍ୟ ଖାଦ୍ୟ ମେଳାରେ ଜନସାଧାରଣଙ୍କୁ ଖାଦ୍ୟ ବଣ୍ଟନ ଓ ସଚେତନତା କାର୍ଯ୍ୟକ୍ରମ



ମୟୂରଭଞ୍ଜ ୭/୨ (ନି.ପ୍ର): ବାମନଘାଟୀ ଉପଖଣ୍ଡ ଜାମଦା ବ୍ଲକ କାର୍ଯ୍ୟାଳୟ ପରିସରରେ ପୃଷ୍ଟି ଶସ୍ୟ ଖାଦ୍ୟ ମେଳା ଶ୍ରୀ ଅନ୍ନ ଅଭିଯାନ ଆନୁକୂଲ୍ୟରେ ଦୁଲାଲ ସଂଗଠନର ବ୍ଲକ ସଂଯୋଜକ ଆଦିକନ୍ଦ ବେହେରାଙ୍କ ପୌରହିତ୍ୟରେ ମୁଖ୍ୟ ଅତିଥି ପାସନା ସରପଞ୍ଚ ମାଳତୀ ଆଲ୍ଡା,ଜାମଦା ଡାକ୍ତରଖାନରା ଡାକ୍ତର ଜେନା ସା,ଡାକ୍ତରଖାନା କର୍ମଚାରୀ,ଜାମଦା ସିଡିପିଓ ଜ୍ୟୋତିରେଖା ଦତ୍ତ,ମାତୃଶକ୍ତି ସିଇଓ ସତ୍ୟବ୍ରତ ଆଚାର୍ଯ୍ୟ,ଜାମଦା ବିଏଓ ଶୁଭଲକ୍ଷ୍ମୀ ଦାଶ,ଏଓ ମାଧବାନନ୍ଦ ଓଝା,ପପୁନାନନ୍ଦ ମଲ୍ଲିକ,ସିଡିପି/ଏମ୍‌ଏଲ୍‌ଆଇପି କର୍ମକର୍ତ୍ତା ମହାସାଗର ନାଏକ,ଏବିସି ମଳୟ ରଂଜନ ଜେନା ଉପସ୍ଥିତ ରହି ପୃଷ୍ଟି ଶସ୍ୟ ଖାଦ୍ୟ ମେଳାକୁ ଉଦଘାଟନ କରିଥିଲେ ।ଖାଦ୍ୟ ମେଳାରେ ମହିଳା ଗୋଷ୍ଠୀ ମାନଙ୍କ ଦ୍ୱାରା ମାଣ୍ଡିଆ ରୁ ପ୍ରସ୍ତୁତ ବିଭିନ୍ନ ପ୍ରକାର ଖାଦ୍ୟ କୁ ଅତିଥି ସମୂହଙ୍କୁ ଏବଂ ଉପସ୍ଥିତ ଲୋକ ମାନଙ୍କୁ ଖାଇବାକୁ ଦିଆ ଯାଇଥିଲା। ଲୋକ ମାନେ ମାଣ୍ଡିଆ ରେ ପ୍ରସ୍ତୁତ ବିଭିନ୍ନ ପ୍ରକାର ପୃଷ୍ଟିକର ଖାଦ୍ୟ ପ୍ରସ୍ତୁତ କରି ଖାଇ ପାରିବେ ସେ ନେଇ ଖାଦ୍ୟ ମେଳା ଆୟୋଜିତ କରାଯାଇ ଲୋକ ମାନଙ୍କୁ ସରକାରୀ କର୍ମଚାରୀ ଗଣ ଓ ଦୁଲାଲ ସଂଗଠନ ପକ୍ଷରୁ ସଚେତନ କରାଯାଇଥିଲା।

# ବରିଷ୍ଠ କଂଗ୍ରେସ କର୍ମୀ କୁଳମଣୀଙ୍କ ବିୟୋଗରେ ଶୋକ

ମାହାଙ୍ଗା ୭/୨ (ନି.ପ୍ର): ମାହାଙ୍ଗା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ସମସରପୁର ପଂଚାୟତର ବରିଷ୍ଠ କଂଗ୍ରେସ କର୍ମୀ କୁଳମଣି ଦାସ(୮୨)ଙ୍କ ବାର୍ଦ୍ଧକ୍ୟ ଜନିତ ମୃତ୍ୟୁ ଘଟିଛି। ତାଙ୍କ ବିୟୋଗ ଖବର ପାଇ ମାହାଙ୍ଗା ବରିଷ୍ଠ କଂଗ୍ରେସ ନେତା ତଥା ମାହାଙ୍ଗା ବିଧାନସଭା କ୍ଷେତ୍ର କଂଗ୍ରେସ ବିଧାୟକ ପ୍ରାର୍ଥୀ ଦେବେନ୍ଦ୍ର କୁମାର ସାହୁ, କଂଗ୍ରେସ ଯୁବ ସଂଗଠକ ଉତ୍ତମ କୁମାର ବେହେରା, ମାହାଙ୍ଗା ବ୍ଲକ କଂଗ୍ରେସ କମିଟି ପୂର୍ବତନ ସଭାପତି ଅଲେଖ ପ୍ରସାଦ ସ୍ୱାଇଁ, ସେକ୍ ବାଦଲ, ହରିହର ବରାଳ, କୁଣ୍ଡିସମିତି ସଭ୍ୟ ଲତିଫୁର ରହେମାନ, ବିକାଶ ରଂଜନ ସୁବୁଦ୍ଧି, ଅତାଉଲ ଇସଲାମ୍, ଲକ୍ଷ୍ମଣ ମହାନ୍ତି, ବସନ୍ତ ଜେନା ପ୍ରମୁଖ ଗଭୀର ଶୋକ ବ୍ୟକ୍ତ କରିଛନ୍ତି ।

# 'ଆମ ମାହାଙ୍ଗା' ସମ୍ମାନୀତ

ନିଶ୍ଚିନ୍ତକୋଇଲି ୭/୨ (ନି.ପ୍ର): ଓଡିଶାର ଅଗ୍ରଣୀ ସାମାଜିକ ଅନୁଷ୍ଠାନ ଆମ ମାହାଙ୍ଗାକୁ ଭୁବନେଶ୍ୱରସ୍ଥିତ ଗୀତଗୋବିନ୍ଦ ସଦନଠାରେ ଏକାମ୍ର ପ୍ରତିଭା ସମ୍ମାନରେ ସମ୍ମାନୀତ କରାଯାଇଛି । ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ ଶ୍ରୀଯୁକ୍ତ ଅରୁଣ କୁମାର ସାହୁ, ସମ୍ମାନୀତ ଅତିଥି ଭାବେ ଶ୍ରୀଯୁକ୍ତ ପ୍ରଭାତ କୁମାର ତ୍ରିପାଠୀ, ଶ୍ରୀଯୁକ୍ତ କେଦାର ମିଶ୍ର, ରାମଚନ୍ଦ୍ର ବେହେରା, ଜଗାଶିଷ ମହାପାତ୍ର, ଶ୍ରୀମତୀ ଇରାନୀ ରାୟ ପ୍ରମୁଖ ଯୋଗଦେଇଥିଲେ। ଆମ ମାହାଙ୍ଗା ତରଫରୁ ଅବସରପ୍ରାପତ୍ ପ୍ରଧାନଶିକ୍ଷକ ଶ୍ରୀଯୁକ୍ତ ଅକ୍ଷୟ ମହାନ୍ତିଙ୍କୁ ଅନୁଷ୍ଠାନ ପକ୍ଷରୁ ମାନପତ୍ର, ଉ□ରୀୟ ଓ ପୁଷ୍ପଗୁଚ୍ଛ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଥିଲା । ଏହି ଅବସରରେ ଆମ ମାହାଙ୍ଗା ଅଧକ୍ଷ ଡ. ଅମରେନ୍ଦ୍ର ମହାନ୍ତି, ସଂଯୋଜକ ସାମ୍ବାଦିକ ବିଜୟ କୁଅଁର ଓ ସମସ୍ତ ସଭ୍ୟସଭ୍ୟା ,ରେନ୍‌ବୋ ଡିଜିଟାଲ ବର୍ଷା ଫାଉଣ୍ଡେସନ ଚାରିଟେବୁଲ ଟ୍ରଷ୍ଟର ମୁଖ୍ୟ ଶ୍ରୀମତୀ ବର୍ଷା ଦାସ ଓ ଟ୍ରଷ୍ଟର ସମସ୍ତ ସଦସ୍ୟମାନଙ୍କୁ ଧନ୍ୟବାଦ ପ୍ରଦାନ କରିଛନ୍ତି।

# ରାଜଧାନୀରେ ଗର୍ଜିଲା କଂଗ୍ରେସ



ଭୁବନେଶ୍ୱର,୭/୨ : ଛାତ୍ର କଂଗ୍ରେସ ସଭାପତି ଉଦିତ୍ ପ୍ରଧାନଙ୍କ ଗିରଫ ଦାରି ପ୍ରତିବାଦରେ ଆଜି ଛାତ୍ର କଂଗ୍ରେସ ପକ୍ଷରୁ ବିକ୍ଷୋଭ । କଂଗ୍ରେସ କାର୍ଯ୍ୟାଳୟରୁ ବାହାରି ମାଷ୍ଟର କ୍ୟାଣ୍ଟିନ ଛକ ପର୍ଯ୍ୟନ୍ତ ଯାଇଥିଲା । ଛାତ୍ର କଂଗ୍ରେସ, ଯୁବ କଂଗ୍ରେସ ଓ କଂଗ୍ରେସ ନେତୃବୃନ୍ଦ ଏକ ଘଣ୍ଟା ଧରି ମାଷ୍ଟର କ୍ୟାଣ୍ଟିନ ଛକ ଅବରୋଧ କରି ରଖିଥିଲେ। ଏହି ଅବସରରେ ଛାତ୍ର କଂଗ୍ରେସ ପକ୍ଷରୁ କୁହାଯାଇଛି ଯେ, ବିଜେପି ସରକାର ଓଡ଼ିଶାରେ ବିରୋଧୀ ଦଳମାନଙ୍କର ସାମ୍ବିଧାନିକ ଅଧିକାର ଛଡ଼େଇ ନେଇଛନ୍ତି । ଛାତ୍ର କଂଗ୍ରେସ ସଭାପତି ଶ୍ରୀ ପ୍ରଧାନଙ୍କୁ ମୋହନ ସରକାର ଅଗଣତାନ୍ତ୍ରିକ ଭାବେ ଜେଲରେ ଭର୍ତ୍ତି କରିଛନ୍ତି। ଓଡ଼ିଶାରେ ନାଜିବାଦ ଓ ଫାସିବାଦର ଶାସନ ଚାଲିଛି। ନାଥୁରାମ ପନ୍ଥି ଆର.ଏସ୍.ଏସ୍. ମୁଖ୍ୟ ମୋହନ ଭାଗବତଙ୍କୁ ଛାତ୍ର କଂଗ୍ରେସ ସଭାପତି ଓ କର୍ମକର୍ତ୍ତାମାନେ କଳା ପତାକା ପ୍ରଦର୍ଶନ କଲେ। ଯାହା ଏକ ଗଣତାନ୍ତ୍ରିକ ରାଷ୍ଟ୍ରରେ ସେଭଳି ଦଣ୍ଡନୀୟ ନୁହେଁ । ମାତ୍ର ମୋହନ ସରକାର ଏହାକୁ ହଜମ କରିପାରିଲେ ନାହିଁ । ଏଠି ଗାନ୍ଧୀ ହତ୍ୟାକାରୀଙ୍କ ସରକାର ଚାଲିଛି। ମୋହନ ଭାଗବତ ରାଷ୍ଟ୍ରନାୟକ ମାନଙ୍କର ତ୍ୟାଗ ଓ ତୀତିକ୍ଷାକୁ ଅବମୂଲ୍ୟାୟନ କରୁଛନ୍ତି । ୧୯୪୭ ମସିହାର ଭାରତ ସ୍ୱାଧୀନତାକୁ ସ୍ୱୀକାର ନ କରି ରାମ ମନ୍ଦିର ପ୍ରତିଷ୍ଠା ପରେ ଭାରତ ସ୍ୱାଧୀନତା ହେଲା ବୋଲି ଘୋଷଣା କରିଛନ୍ତି । ଏହି ଗୈରିକ ସଂଗଠନ କହୁଛି ଯେ, ୧୯୪୭ ମସିହାର ସ୍ୱାଧୀନତା " ଭିକ୍ଷାର ସ୍ୱାଧୀନତା" ଅର୍ଥାତ ଗାନ୍ଧୀଙ୍କର ଅତୁଲ୍ୟ ଅବଦାନ, ନେହେରୁଙ୍କ ୯ ବର୍ଷର ଜେଲ୍ଦଣ୍ଡ, ପଟେଲ, ସୁଭାଷ, ଗୋପବନ୍ଧୁ ଓ ମହତାବଙ୍କ କାରବରଣ ଓ ସଂଘର୍ଷ ଓ ଲକ୍ଷ୍ମଣ ନାୟକ ପ୍ରଭୃତିଙ୍କ ଫାସି ବଦଳରେ ଯେଉଁ ସ୍ୱାଧୀନତା ମିଳିଛି ତାହା କ'ଣ ଭିକ୍ଷାର ସ୍ୱାଧୀନତା ? ଦେଶକୁ ସ୍ୱାଧୀନ କରିବାକୁ ହଜାର ହଜାର ସ୍ୱାଧୀନତା ସଂଗ୍ରାମୀ ଜୀବନ ଦାନ ଦେଇଛନ୍ତି। ମାତ୍ର ସେମାନଙ୍କର ତ୍ୟାଗର ମୂଲ୍ୟ ମୋହନ ଭାଗବତଙ୍କ ପାଖରେ କିଛି ନାହିଁ। ସୁତରାଂ ନିଜର ପତିଆର ବୃଦ୍ଧି ପାଇଁ ଜାତିର ଜନକ ମହାତ୍ମା ଗାନ୍ଧୀ, ନେହେରୁ ଓ ସ୍ୱାଧୀନତା ସଂଗ୍ରାମୀଙ୍କୁ ବାରମ୍ବାର ଅପମାନିତ କରିଥିବା ମୋହନ ଭାଗବତଙ୍କୁ ଛାତ୍ର କଂଗ୍ରେସ କଳା ପତାକା ପ୍ରଦର୍ଶନ କଲା । ନିଜ ପଦ ବଞ୍ଚାଇବା ପାଇଁ ଏବଂ ମୋହନ ଭାଗବତଙ୍କୁ ସନ୍ତୁଷ୍ଟ କରିବା ପାଇଁ ଓଡ଼ିଶାର ମୁଖ୍ୟମନ୍ତ୍ରୀ ମୋହନ ମାଝୀ ଛାତ୍ର କଂଗ୍ରେସ ସଭାପତିଙ୍କୁ ଜେଲ ପଠାଇଛନ୍ତି। ଓଡ଼ିଶାରେ ଆଇନ ଶୃଙ୍ଖଳା ପରିସ୍ଥିତି ସାଙ୍ଘାତିକ ଦୂରାବସ୍ଥା ହୋଇଥିବାବେଳେ ମୋହନ ସରକାରଙ୍କ ଏଥିପ୍ରତି ଚିନ୍ତାନାହିଁ। ଓଡ଼ିଆ ଅଫିସର ବୈକୁଣ୍ଠ ପ୍ରଧାନଙ୍କୁ ନ୍ୟାୟ ଦେଇପାରିଲେ ନାହିଁ । ଓଡ଼ିଶାର ଆଦିବାସୀ, ଦଳିତ, ମୁସଲମାନ, ଖ୍ରୀଷ୍ଟିଆନ ଓ ବିଶେଷ କରି ମହିଳା ଏବେ ଅତି ଅସୁରକ୍ଷିତ ଅବସ୍ଥାରେ ଥିବାବେଳେ ସେ ଚିନ୍ତା ମୁଖ୍ୟମନ୍ତ୍ରୀ ମୁଣ୍ଡରେ ନାହିଁ। କିନ୍ତୁ ଗଣତାନ୍ତ୍ରିକ ଉପାୟରେ କଳା ପତାକା ପ୍ରଦର୍ଶନ କରିଥିବା ଉଦିତ୍ ପ୍ରଧାନଙ୍କୁ ଜେଲରେ ଭର୍ତ୍ତି କରି ମୁଖ୍ୟମନ୍ତ୍ରୀ ନିଜକୁ ନିଜେ ବାହାବାହା ନେଉଛନ୍ତି । ଉଦିତ୍ ପ୍ରଧାନ ଏବଂ ଅନ୍ୟଛାତ୍ର ନେତାମାନଙ୍କୁ ଖଲାସ ନ କରିବା ପର୍ଯ୍ୟନ୍ତ ଆନ୍ଦୋଳନ ଜାରି ରହିବ ବୋଲି ଛାତ୍ର କଂଗ୍ରେସ ପକ୍ଷରୁ ଚେତାବନି ଦେଇଛନ୍ତି। ଏହି କାର୍ଯ୍ୟକ୍ରମରେ ପୂର୍ବତନ ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ, ଜୟଦେବ ଜେନା, ଜଗନ୍ନାଥ ପଟ୍ଟନାୟକ, ଦେବାଶିଷ ପଟ୍ଟନାୟକ, ଯାସିର ନୱାଜ, ରଞ୍ଜିତ ପାତ୍ର, ସୁଦିପ ସାମଲ, ବିଶ୍ୱଜିତ ଦାସ, ଚୁନୁ ସିଂ, ଅଜୟ ସାହୁ, ନିହାର ବେହେରା, ସ୍ୱାଗତ କର, ବଟକୃଷ୍ଣ ରାଉତରାୟ, ଗୋପନ ମାର୍ଥା, ସତ୍ୟଜିତ ପଟ୍ଟନାୟକ, ପ୍ରକାଶ ଜେନା, କିଶୋର ଜେନା, ବିଶ୍ୱଭୂଷଣ ମହାପାତ୍ର, ଆଲୋକ ଦାସ, ସୁବ୍ରତ ମହାପାତ୍ର, ମହମ୍ମଦ ପରଭେଜ୍, ମହମ୍ମଦ ଗୁଲଫାମ୍, ବଳରାମ ନନ୍ଦ, ରାହୁଲ ମହାନ୍ତି, ସୁରଜ ରାଉତ, କେଦାର ଦଳେଇ, ଜୟଶ୍ରୀ ପାତ୍ର, ପ୍ରଣତି ମିଶ୍ର, ମନୋରଞ୍ଜନ ଦାଶ, ଗଣେଷ ଦାସ, ଆଶିଷ ମଲ୍ଲିକ, ପ୍ରଶାନ୍ତ ଚମ୍ପତି, ସୌମେନ୍ଦ୍ର ମହାନ୍ତି, ସେକ୍ ତାକ୍ୟୁନ୍, ପ୍ରଶନ୍ନ ନାୟକ, ସ୍ନେହାପ୍ରଭା ଜେନା, ମାମିନା ବେହେରା ଓ ପ୍ରଶନ୍ନ ପାଇକରାୟ ପ୍ରମୁଖ ଅଂଶ ଗ୍ରହଣ କରିଥିଲେ।

## ଜିଲ୍ଲା ସ୍ତରୀୟ କୃଷି ଉତ୍ପାଦକ ସଙ୍ଗଠନର ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ



ଗୁଣପୁର ୭/୨ (ନି.ପ୍ର): ଆଜି ଗୁଣପୁର କୃଷି ବିଜ୍ଞାନ କେନ୍ଦ୍ର ସଭାଗୃହରେ ଜିଲ୍ଲା ସ୍ତରୀୟ କୃଷି ଉତ୍ପାଦକ ସଙ୍ଗଠନର ବ୍ବାର୍ଡ ଅଫ୍ ଡାଇରେକ୍ଟର ଓ ମେମ୍ବର ମାନଙ୍କୁ ନେଇ ଏକ ପ୍ରଶିକ୍ଷଣ ଶିବିରର ଆୟୋଜନ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ମୂଖ୍ୟ ଅତିଥି ଭାବେ ସନ୍ତୋଷ କୁମାର ସାମଲ ଏଡିଏମ୍ ନାବାର୍ଡ ଯୋଗଦେଇ ତୁଳସୀରେ ଜଳଦାନ ଓ ପ୍ରଦୀପ ପ୍ରଜ୍ଜ୍ୱଳନ କରି ଶିବିରର ଶୁଭାରମ୍ଭ କରିଥିଲେ । ସମ୍ମାନୀତ ଅତିଥି ଭାବେ ଡଃ ଆଲୋକ କୁମାର ଆଚାର୍ଯ୍ୟ ଏସ ଡି ଭି ଓ ଗୁଣପୁର , ଜାହ୍ନବୀ ଶ୍ୱର ସହକାରୀ କୃଷି ଅଧିକାରୀ ଗୁଣପୁର , ଡଃ ସୁସ୍ମିତା ମହାନ୍ତି କୃଷି ବିଜ୍ଞାନ କେନ୍ଦ୍ର ମୂଖ୍ୟ , ଡଃ ନାରାମ ରାମୁ , ପରିମଳ ତରାଇ ଓ ରାଜୀବ ଟୁଡୁ ବୈଜ୍ଞାନିକ ଯୋଗଦେଇ ଚାଷୀ ଉତ୍ପାଦକ ସଙ୍ଗଠନର କାର୍ଯ୍ୟ ଶୈଳୀ ଓ ସୁବିଧା ସମ୍ପର୍କରେ ଆଲୋଚନା କରିଥିଲେ । ଅତିଥି ମାନେ ଏଫ୍ ପି ଓ ପଞ୍ଜିକରଣ ଠାରୁ ଆରମ୍ଭ କରି ବୋର୍ଡ ମେମ୍ବର ଚୟନ , ବିହନ , ଔଷଧ , ସାର ଚାଷୀଙ୍କୁ ଯୋଗାଇବା ଠାରୁ ଚାଷିର ଉତ୍ପାଦିତ ସାମଗ୍ରୀର ବଜାରିକରଣ ପର୍ଯ୍ୟନ୍ତ ସମସ୍ତ ବିଷୟ ବୋର୍ଡ ମେମ୍ବର ଓ ସଭ୍ୟ ମାନଙ୍କୁ ବୁଝାଇଥିଲେ । ଏହି ସଙ୍ଗଠନ ଦ୍ୱାରା ଚାଷି ଟିଏ କିପରି ଘରେ ବସି ରିହାତି ଦରରେ କୃଷି ଉପକରଣ ପାଇପାରିବ ଓ ଉତ୍ପାଦିତ ସାମଗ୍ରୀର ଉଚିତ ମୂଲ୍ୟ ପାଇପାରିବ ସେ ସମ୍ବନ୍ଧରେ ବୁଝାଇଥିଲେ । ସରକାରଙ୍କ ତରଫରୁ କ'ଣ ସବୁ ସହାୟତା ରହିଛି ସେ ସମ୍ପର୍କରେ ମଧ ସଭ୍ୟ ମାନଙ୍କୁ ଅବଗତ କରାଇଥିଲେ । ଉପଯୁକ୍ତ ପରାମର୍ଶ ଓ ସୂଚନା ପାଇ ସଙ୍ଗଠନର ସଦସ୍ୟ ମାନେ ବେଶ ଉତ୍ସାହିତ ହୋଇଥିବା ଦେଖିବାକୁ ମିଳିଥିଲା ।

## ବିଶ୍ୱଶାନ୍ତି ଗୀତା ମହାଯଜ୍ଞ ଉଦଯାପିତ

ଦଶରଥପୁର ୭/୨ (ନି.ପ୍ର): ଦଶରଥପୁର ବ୍ଲକ ଅଧିନସ୍ଥ ପ୍ରକଟପୁର ରେ ଥିବା 'ଶ୍ରୀ ଶ୍ରୀ ଦୟାନିଧି ପରମହଂସ ଆଧାତ୍ମିକ ସଂସଦ' ପକ୍ଷରୁ ୪୯ତମ ତ୍ରି ଦିବସୀୟ ବିଶ୍ୱଶାନ୍ତି ଗୀତା ମହାଯଜ୍ଞ ଉଦଯାପିତ ହୋଇଯାଇଛି। ବାଇଟାଙ୍ଗି ମଠର ମଠାଧିଶ ମୃତ୍ୟୁଞ୍ଜୟ ବାବା ଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟକର୍ତ୍ତା ସୁରେଶ ଚନ୍ଦ୍ର କର ,ମୁଖ୍ୟ ପୂଜକ ରାଜେନ୍ଦ୍ର ଦେବତା,ଆଶ୍ରମର ବାବାଜୀ ଭୃଗୁପତି ଦାସ, ମାତା ସରସ୍ୱତୀ ଦାସ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏହି ପରିପ୍ରେକ୍ଷୀ ରେ ରବିବାର କଳସ ଯାତ୍ରା ଓ ଅଗ୍ନି ସ୍ଥାପନ କରାଯାଇ ଯଜ୍ଞ କାର୍ଯ୍ୟ ଆରମ୍ଭ ହୋଇଥିଲା। ପରେ କଳାକାର ବିଶ୍ୱମ୍ବର ନାୟକଙ୍କ ସମେତ ବିଭିନ୍ନ ଆଶ୍ରମରୁ ଆସିଥିବା ସାଧୁ ସନ୍ଥଙ୍କ ଦ୍ୱାରା ନାମ ସଙ୍କୀର୍ତ୍ତନ,ଭଜନ,ପ୍ରବଚନ, ଭାଗବତ ପାଠ କରାଯାଇଥିଲା। ସୋମବାର ଗୀତାହୁତି କାର୍ଯ୍ୟ ଓ ମଙ୍ଗଳବାର ପୂର୍ଣ୍ଣାହୁତି କାର୍ଯ୍ୟ ସମାପନ ହୋଇଥିବା ବେଳେ ହଜାର ହଜାର ଭକ୍ତଙ୍କ ସମାଗମ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ଫକୀର ଚରଣ ସେନାପତି,ବନମାଳୀ ଦାସ,ଧନେଶ୍ୱର ବାରିକ, ପ୍ରମୋଦ କୁମାର ରାୟ,ମଧୁସୂଦନ ଦେବତା,ଚକ୍ରଧର ସେନାପତି, ଉଗ୍ରସେନ ସେନାପତିଙ୍କ ସମେତ ପ୍ରକଟପୁର ଗ୍ରାମବାସୀ କାର୍ଯ୍ୟକ୍ରମ ପରିଚାଳନା ରେ ସହଯୋଗ କରିଥିଲେ।

## ଷୋଡଶ ଅର୍ଥ କମିଶନ ଅଧ୍ୟକ୍ଷଙ୍କୁ ଭେଟିଲା ଭାରତୀୟ ଜନତା ପାର୍ଟି ପ୍ରତିନିଧି ଦଳ
## "ବିକଶିତ ଓଡିଶା, ଭିତ୍ତିଭୂମି ଓ ପ୍ରାକୃତିକ ବିପର୍ଯ୍ୟୟ" ମୁଖ୍ୟ ପ୍ରସଙ୍ଗ

ଭୁବନେଶ୍ୱର, ୭/୨ (ନି.ପ୍ର): ପ୍ରାକୃତିକ ସଂପଦରେ ପରିପୂର୍ଣ୍ଣ ଓଡିଶା ରାଜ୍ୟରେ ମୁଣ୍ଡ ପିଛା ଆୟ ବୃହତ ରାଜ୍ୟମାନଙ୍କ ଭିତରେ ତଳଆଡୁ ପ୍ରଥମ। ଅସନ୍ତୁଳିତ ବିକାଶର ଏହି ବିରୋଧାଭାଷରୁ ରାଜ୍ୟବାସୀଙ୍କୁ ବାହାର କରିବା ସକାଶେ ଆଜି ବିଜେପିର ଏକ ପ୍ରତିନିଧି ଦଳ ଓଡିଶା ଗସ୍ତରେ ଥିବା ଷୋଡଶ ଅର୍ଥ କମିଶନଙ୍କୁ ସାକ୍ଷାତ କରି ଏକ ଦାବୀ ପତ୍ର ପ୍ରଦାନ କରିଛନ୍ତି । କେନ୍ଦ୍ର ସରକାରଙ୍କ ବିଭାଜ୍ୟ ଟିକସର ରାଜ୍ୟମାନଙ୍କ ଭିତରେ ଭର୍ଟିକାଲ ଆବଂଟନକୁ ୪୧ ରୁ ୫୦ ପ୍ରତିଶତ ବୃଦ୍ଧି କରାଯାଉ । ସେସ ଏବଂ ସରଚାର୍ଜକୁ ଏହି ବିଭାଜ୍ୟ ରାଜସ୍ୱରେ ଅନ୍ତର୍ଭୁକ୍ତ କରାଯାଉ । ବିତ୍ତୀୟ ଶୃଙ୍ଖଳା, ଅନୁସୁଚିତ ଜାତି ଓ ଜନଜାତିଙ୍କ ଜନସଂଖ୍ୟା, ଜଙ୍ଗଲ ପରିସୀମାକୁ ଏହି ଆବଂଟନରେ ଅଧିକ ଗୁରୁତ୍ୱ ଦିଆଯାଉ । ପ୍ରାକୃତିକ ବିପର୍ଯ୍ୟୟର ମୁକାବିଲା ପାଇଁ ପ୍ରଦାନ କରାଯାଉଥିବା ଅର୍ଥକୁ ସର୍ବନିମ୍ନ ୫ ଗୁଣ ବୃଦ୍ଧି କରାଯାଉ । ହେନ୍ତାଳ ବନ ସୃଷ୍ଟି ଭଳି ପଦକ୍ଷେପ ଦ୍ୱାରା ରାଜ୍ୟର ଉପକୂଳ ଅଂଚଳକୁ ସୁରକ୍ଷା ଦିଆଯାଉ । ପ୍ରାକୃତିକ ଦୁର୍ବିପାକରେ ବିଧ୍ୱସ୍ତ ଭିତ୍ତିଭୂମିର ବାସ୍ତବିକ କ୍ଷୟକ୍ଷତିକୁ ରାଜ୍ୟ ବା କେନ୍ଦ୍ର ବିପର୍ଯ୍ୟୟ ପରିଚାଳନା ପାଂଠିରୁ ଭରଣା କରାଯାଉ । ଏହି ଭରଣା ପ୍ରଚଳିତ କେନ୍ଦ୍ର:ରାଜ୍ୟ, ୭୫:୨୫ ଅନୁପାତ ପରିବର୍ତେ କେନ୍ଦ୍ର ସରକାରଙ୍କ ଦ୍ୱାରା ଶତ ପ୍ରତିଶତ ବହନ କରାଯାଉ । ଭୂମିତଳେ ବିଜୁଳି ତାର ବିଛାଯାଇ ବାତ୍ୟା ପ୍ରତିରୋଧକ ଶକ୍ତି ଭିତ୍ତିଭୂମିକୁ ସୁଦୃଢ କରାଯାଉ । କେନ୍ଦ୍ରୀୟ ବିଭାଜ୍ୟ ରାଜସ୍ୱରୁ ଓଡିଶାର ଅଂଶ ଭାଗକୁ ୪.୫ ପ୍ରତିଶତରୁ ୫.୧ ପ୍ରତିଶତକୁ ବୃଦ୍ଧି କରାଯାଉ । ପର୍ଯ୍ୟଟନର ବିକାଶ ପାଇଁ ସ୍ୱତନ୍ତ୍ର ପ୍ୟାକେଜ ଘୋଷଣା କରାଯାଉ । ଜଳସେଚନ, ଉତ୍ପାଦନଶୀଳତା ଏବଂ ପାଣିପାଗ ପ୍ରତିଷେଧକ କୃଷି ପାଇଁ ସ୍ୱତନ୍ତ୍ର ଅନୁଦାନର ବ୍ୟବସ୍ଥା କରାଯାଉ । ପିଭିଟିଜି ବର୍ଗର ସାମାଜିକ ଓ ଅର୍ଥନୈତିକ ଉତ୍ଥାନ ପାଇଁ ସ୍ୱତନ୍ତ୍ର ଦୃଷ୍ଟି ଦିଆଯାଉ । ଦକ୍ଷତା ବିକାଶ ଓ ଧନ୍ଦାମୂଳକ ଶିକ୍ଷା ନିମନ୍ତେ ଅନୁଦାନ ରାଶିକୁ ବୃଦ୍ଧି କରାଯାଉ । ଶିକ୍ଷା ଓ ସ୍ୱାସ୍ଥ୍ୟର ଭିତ୍ତିଭୂମି ବିକାଶ ପାଇଁ ଯଥାକ୍ରମେ ୩୫ ହଜାର ଓ ୨୫ ହଜାର କୋଟି ଟଙ୍କାର ଆର୍ଥିକ ବ୍ୟବସ୍ଥା କରାଯାଉ । ନିର୍ଦ୍ଦିଷ୍ଟ ଶିଳ୍ପ ଓ ଶିଳ୍ପାୟନ ଭିତ୍ତିଭୂମିର ବିକାଶ ପାଇଁ ସ୍ୱତନ୍ତ୍ର ଅନୁଦାନ ଦିଆଯାଉ ବୋଲି ଦାବୀ ପତ୍ରରେ ଉଲ୍ଲେଖ କରାଯାଇଛି । ପ୍ରକାଶ ଥାଉକି, ପଂଚଦଶ ଅର୍ଥ କମିଶନ ନିକଟରେ ତତ୍କାଳୀନ ବିଜେଡି ସରକାର ୮.୨ ଲକ୍ଷ କୋଟି ଟଙ୍କା ଦାବୀ କରିଥିବାବେଳେ ବର୍ତମାନ ଷୋଡଶ ଅର୍ଥ କମିଶନ ନିକଟରେ ରାଜ୍ୟ ବିଜେପି ପ୍ରାୟ ୧୪ ଲକ୍ଷ କୋଟି ଟଙ୍କା ଦାବୀ କରିଛନ୍ତି । ଏହି ପ୍ରତିନିଧି ଦଳରେ ରାଜ୍ୟ ସାଧାରଣ ସଂପାଦକ ଡ.ଯତୀନ ମହାନ୍ତି, ବୁଦ୍ଧିଜୀବି ପ୍ରକୋଷ୍ଠ ରାଜ୍ୟ ସଂଯୋଜକ ସୁଦର୍ଶନ ନାୟକ, ରାଜ୍ୟ ମୁଖପାତ୍ର ସତ୍ୟବ୍ରତ ପଣ୍ଡା, ଡ.ତପନ ଚାନ୍ଦ, ଜଗଦୀଶ ମହାନ୍ତି, ଡ.ପ୍ରିତିଶ ସାହୁ ପ୍ରମୁଖ ସାମିଲ ଥିଲେ ।

## ବ୍ଲକ ସ୍ତରୀୟ ଜନ ଶୁଣାଣୀ ଶିବିର
### ନାମକୁ ମାତ୍ର ଜନଶୁଣାଣି। କାମରେ ଆସୁନି କାହାରି



ତେନ୍ତୁଳିଖୁଣ୍ଟି ୭/୨ (ନି.ପ୍ର): ନବରଙ୍ଗପୁର ଜିଲ୍ଲା ତେନ୍ତୁଳିଖୁଣ୍ଟି ବ୍ଲକ ସମ୍ମିଳନୀ କକ୍ଷ ରେ ଆଜି ମହାତ୍ମା ଗାନ୍ଧୀ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା ଓ କେନ୍ଦ୍ରୀୟ ପଞ୍ଚଦଶ ଅର୍ଥ ଯୋଜନା ରେ ଏକ ଏପ୍ରିଲ ୨୦୨୪ ରୁ ୩୦ ସେପ୍ଟେମ୍ବର ୨୦୨୪ ମଧ୍ୟରେ ହୋଇଥିବା ଖର୍ଚ୍ଚ ତଥା ପ୍ରକଳ୍ପ ର ବ୍ଲକ ସ୍ତରୀୟ ଜନ ଶୁଣାଣି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଯାଇଛି। ବ୍ଲକ ଅଧ୍ୟକ୍ଷା ନିଲେନ୍ଦ୍ରି ନାୟକ ଙ୍କ ଅଧ୍ୟକ୍ଷତା ରେ ଅନୁଷ୍ଠିତ ହୋଇଥିଲା ଏହି କାର୍ଯ୍ୟକ୍ରମ । ଏ ପି ଡି (ପ୍ରଶାସନ ) ଯଦୁମଣି ନାୟକ ନୋଡାଲ ଅଫିସର ଭାବେ ଯୋଗ ଦେଇଥିଲେ। ବି ଡି ଓ କପିଳ ଦେବ ସାହୁ ଏହି କାର୍ଯ୍ୟକ୍ରମ ର ଉଦ୍ଦେଶ୍ୟ ବର୍ଣ୍ଣନା କରିଥିଲେ। ଏହି କାର୍ଯ୍ୟକ୍ରମ ରେ ମନରେଗା ପ୍ରକୃତ ହିତାଧିକାରୀ ଙ୍କ ଉପସ୍ଥିତି ନଗନ୍ୟ ଥିବା ଦେଖି ଆଶ୍ଚର୍ଯ୍ୟ ପ୍ରକଟ କରିଥିଲେ। ଜନ ଶୁଣାଣି କାର୍ଯ୍ୟକ୍ରମ ରେ ଜନତା ଙ୍କ ଉପସ୍ଥିତି ବଦଳ ରେ କେବଳ କିଛି ଅଧିକାରୀ ଓ କର୍ମଚାରୀ ଙ୍କ ଉପସ୍ଥିତି ଦେଖିବାକୁ ମିଳିଥିଲା। କାର୍ଯ୍ୟକ୍ରମ ପ୍ରତି ବର୍ଷ ହେଉଛି କିନ୍ତୁ ସଚେତନତା ଅଭାବ ଯୋଗୁଁ ଜନ ଶୁଣାଣି ଶିବିର ଔପଚାରିକ ହୋଇ ରହିଯାଉଛି ବୋଲି ମତ ପ୍ରକାଶ ପାଉଛି। ବ୍ଲକ ର ପ୍ରାୟ ସବୁ ପଞ୍ଚାୟତ ରେ ମନରେଗା ଜବ କାର୍ଡ ଧାରୀ ଙ୍କ ନାମ ତିରିଶ ରୁ ଚାଳିଶ ପ୍ରତିଶତ କଟି ଯାଇ ଥିବା ଯୋଗୁଁ ପ୍ରଧାନ ମନ୍ତ୍ରୀ ଆବାସ ଯୋଜନା ରେ ମନରେଗା ଅର୍ଥ ପାଇବାରେ ଅସୁବିଧା ର ସମ୍ମୁଖୀନ ହେଉଛନ୍ତି। ଆଧାର ବେଶ୍ ଡ ପେମେଣ୍ଟ ସିଷ୍ଟମ ଯୋଗୁଁ ଜବ କାର୍ଡ କଟିଛି ନୂଆ ହୋଇ ପାରୁନି କିନ୍ତୁ ଜନ ଶୁଣାଣି ଶିବିର ସମ୍ପର୍କରେ ପ୍ରଚାର ହିତାଧିକାରୀ ଙ୍କ ପାଖ ରେ ପହଞ୍ଚି ନ ଥିବାରୁ ଉପସ୍ଥିତ ହୋଇ ଅଭିଯୋଗ କରି ପାରି ନାହାଁନ୍ତି। ସବୁଠାରୁ ଛୋଟ ପଞ୍ଚାୟତ ଗୌଡ଼ ଦେଓ ପାଲି ର ପ୍ରାୟ ୮୩୦ ଜବ କାର୍ଡ ଧାରୀ ଙ୍କ ମଧ୍ୟରୁ ୨୫୦ ରୁ ଊର୍ଦ୍ଧ୍ୱ ଜବ୍ କାର୍ଡ କରିଥିବା ବେଳେ ଏଭଳି ଅଭିଯୋଗ ଶୁଣାଣୀ ରେ ବିଷୟ ବସ୍ତୁ ହୋଇ ନ ପାରିବା ପ୍ରହସନ ପାଲଟିଛି। କେନ୍ଦ୍ରୀୟ ପଞ୍ଚ ଦଶ ଅର୍ଥ କମିଶନ ପାଣ୍ଠି ର ସମୀକ୍ଷା ମଧ୍ୟ ସଚେତନ ତା ଅଭାବ ରୁ ନାମ କୁ ମାତ୍ର ସମୀକ୍ଷା ବୋଲି ଅଭିଯୋଗ ହେଉଛି। ଆଜିର ଏହି ଜନ ଶୁଣାଣୀ ରେ ବରିଷ୍ଠ ରାଜନେତା ନାରାୟଣ ପାତ୍ର, ସୁଶାନ୍ତ ଶତପଥୀ ଏଲ ସନ୍ତୋଷ ରାଓ ସଭ୍ୟ ଭାବେ ଯୋଗ ଦେଇଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ସହକାରୀ ଯନ୍ତ୍ରୀ ଶଙ୍କର ବେଡ଼କେ ,ଜି ପି ଡି ଓ ରାଧାକାନ୍ତ ରଣା,ଏ ପି ଓ ସଦାବ ଅହମ୍ମଦ , ଏ ସି ପି ପ୍ରକାଶ ସୁନା ,ବି ଏସ ଏ ପି ସୁନିଲ ରାଓ ବ୍ଲକ ଉପାଧ୍ୟକ୍ଷ ରାଜେନ୍ଦ୍ର ବିଶୋଇ ପ୍ରମୁଖ ଉପସ୍ଥିତ ଥିଲେ।

## ମୃତ୍ତିକାର ଉର୍ବରତା ଦୀର୍ଘଦିନ ବଜାଇ ରଖିବା ନିମନ୍ତେ ସଚେତନତା ଓ ସ୍ୱାସ୍ଥ୍ୟ ପରୀକ୍ଷା

ମୟୂରଭଞ୍ଜ ୭/୨ (ନି.ପ୍ର): ମୟୂରଭଂଜ ଜିଲ୍ଲା ଜାମଦା କୃଷି କାର୍ଯ୍ୟାଳୟ ତରଫରୁ ଜାମଦା ଗାଁ ରେ ମାଟି ର ଉର୍ବରତା କିପରି ଦୀର୍ଘଦିନ ଧରି ରହିପାରିବ ସେ ନେଇ ସଚେତନତା କରାଯାଇଛି ।ମାଟି ସ୍ୱାସ୍ଥ୍ୟ ପରୀକ୍ଷଣ କରିବା ନିମନ୍ତେ ନମୁନା ମାଟି ପ୍ରଦର୍ଶନ କରି ସଂଗ୍ରହ କରାଯାଉଛି ।ପରୀକ୍ଷା କାର୍ଡରେ ଥିବା ବିଭିନ୍ନ ଖାଦ୍ୟ ଉପାଦାନର ପରିସର,କେଉଁ ଖାଦ୍ୟସାର ଅଭାବ ରହିଛି ,ତାହାର କୁପରିଣାମ ଆମ ମାଟି,ଗଛ ଉପରେ କିପରି ପଡୁଛି ସେ ସଂକ୍ରାନ୍ତରେ ବହୁ ମୂଲ୍ୟବାନ କଥା ଚାଷୀଙ୍କୁ ଆଲୋଚନା କରି ସଚେତନ କରାଯାଇଛି ।ଜୈବିକ ଖତ,ସବୁଜ ସାର,ଜୀବାଣୁ ସାର,ଜୀବାମୃତ ,ଜିଆଖତର ପ୍ରୟୋଗ ଦ୍ୱାରା ମାଟିର ଉତ୍ପାଦକତା ଶକ୍ତିକୁ ସନ୍ତୁଳନ କରାଯାଇପାରିବ ।ଏହାଛଡ଼ା ମାଟି ପରୀକ୍ଷାର ରିପୋର୍ଟ ଅନୁସାରେ ସାର,ଅଣୁସାର ପ୍ରୟୋଗ ନିଶ୍ଚିତ କରିବା ଉଚିତ ବୋଲି କୃଷି ଅଧିକାରିଣୀ ଶୁଭଲକ୍ଷ୍ମୀ ଦାଶ ଅବଗତ କରାଇଥିଲେ ।ଏହି କାର୍ଯ୍ୟକ୍ରମରେ ବିଏଓ ଜାମଦା,ଜାମଦା ଗାଁ ମୁଖିଆ,ଏଓ ଜାମଦା,ମାଧବାନନ୍ଦ ଓଝା,କୃଷକ ସାଥୀ ବ୍ରଜେନ୍ଦ୍ର ପରାମାଣିକ,ମାନସ ରଂଜନ ମହାକୁଡ,୫୦ଜଣ ଚାଷୀ ଯୋଗଦେଇଥିଲେ ।

## ୧୦୭ତମ ସୁନାରାମ ସୋରେନଙ୍କ ଜୟନ୍ତୀ ଅବସରରେ ହରିଲାବେଡ଼ାରେ କ୍ରୀଡ଼ା ପ୍ରତିଯୋଗିତା



ମୟୂରଭଞ୍ଜ ୭/୨ (ନି.ପ୍ର): ମୟୂରଭଞ୍ଜ ଜିଲ୍ଲା ଜାମଦା ବ୍ଲକ ହରିଲାବେଡ଼ାଠାରେ ଥିବା ସୁନାରାମ ଛକସ୍ଥିତ ସୁନାରାମ ସୋରେନ୍ ଙ୍କ ଜନ୍ମ ଜୟନ୍ତୀ ପାଳନ ହୋଇଯାଇଛି ।ଡଃ ରାମପଦ ମହାନ୍ତଙ୍କ ଅଧ୍ୟକ୍ଷତାରେ ଅତିଥି ସମୂହ ପ୍ରତିମୂର୍ତ୍ତିରେ ପୁଷ୍ପମାଳ ଦେଇ ବକ୍ତବ୍ୟ ରଖିଥିଲେ ।ଏହି ଅବସରରେ ନିକଟସ୍ଥ ପଡ଼ିଆରେ ପ୍ରତି ବର୍ଷ ପରି ଏ ବର୍ଷ ମଧ୍ୟ ବାର୍ଷିକ କ୍ରୀଡ଼ା ଅନୁଷ୍ଠିତ ହୋଇଯାଇଛି ।ଚକଲେଟ୍ ସଂଗ୍ରହରେ ପାରାଞ୍ଚ ବାସ୍କେ,ବିଶ୍ୱନାଥ ବିନ୍ଧାଣୀ,ରାଇମଣୀ ମୁର୍ମୁ,ଅଞ୍ଜଳୀ ଟୁଡୁ,ବାଳିକାମାନଙ୍କର ବେଲୁନଫଟାରେ ସମାୟାଶ୍ରୀ ସର୍ଦ୍ଦାର,ଗୁରୁବାରୀ ମୁର୍ମୁ,ଗୀତ ଓ ଚୌକିରେ ଅଞ୍ଜଳି ମହାନ୍ତ,ଦେବଯାନୀ ପାତ୍ର,କୁନି ବାଳକମାନଙ୍କର ୨୦୦ମି ଦୌଡରେ କୁନାଲ ବାସ୍କେ,ଦୁଃଖିଆ ମୁର୍ମୁ ଯଥାକ୍ରମେ ପ୍ରଥମ,ଦ୍ୱିତୀୟ ସ୍ଥାନ ଅଧିକାର କରିଥିଲେ ।ଏହା ବ୍ୟତିତ ବାଳକ ଓ ବାଳିକାମାନଙ୍କର ୨୦୦ମି ଦୌଡ ଓ ବିଭିନ୍ନ ଖେଳ ଅନୁଷ୍ଠିତ ହୋଇଥିଲା ।ମୁଖ୍ୟ ଅତିଥି ୟୁଏସ୍ଆଇ ସଂଗଠନର ରାଜ୍ୟ ସମ୍ପାଦକ ପ୍ରଶ୍ନ କୁମାର ଶତପଥୀ,ସମାଜସେବୀ ଫୁଲସାଏ ଡମାନ ମାର୍ଣ୍ଡି ,ସୁନ୍ଦର ମୋହନ ହେମ୍ବ୍ରମ,ମହାଦେବ ବାବୁ ପ୍ରମୁଖ ଯୋଗଦେଇ କୃତି ଖେଳାଳୀଙ୍କୁ ପୁରସ୍କୃତ କରିଥିଲେ ।

## ଶିକ୍ଷକ ସମସ୍ୟା ନେଇ ବିଦ୍ୟାଳୟ ଫାଟକ ରେ ତାଲା ପକାଇ ଧାରଣା ଦେଲେ ଛାତ୍ରଛାତ୍ରୀ



ପାଟଣା ୭/୨ (ନି.ପ୍ର): ପାଟଣା ଥାନା ଅଞ୍ଚଳ ସାହାରପଡ଼ା ବ୍ଲକ କୁଣ୍ଡଳା ସ୍ଥିତ ଏମ କେ ଉଚ୍ଚ ବିଦ୍ୟାଳୟ ରେ ଶିକ୍ଷକ ସମସ୍ୟା ନେଇ ଆଜି ବିଦ୍ୟାଳୟ ଫାଟକ ରେ ତାଲା ପକାଇବା ସହ ଫାଟକ ଆଗରେ ଛାତ୍ରଛାତ୍ରୀ ମାନେ ଧାରଣା ଦେଇ ସ୍ଥାୟୀ ପ୍ରଧାନ ଶିକ୍ଷକ ନିଯୁକ୍ତି ସହ ଖାଲିପଡିଥିବା ହିନ୍ଦୀ ଓ ସଂସ୍କୃତ ଶିକ୍ଷକ ନିଯୁକ୍ତି ଦାବିରେ ନାରାବାଜି କରିଛନ୍ତି ।ଖବରରୁ ପ୍ରକାଶ ଯେ କୁଣ୍ଡଳା ଉଚ୍ଚ ବିଦ୍ୟାଳୟ ର ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ଥିବା ତାରାଚାନ୍ଦ ମହାନ୍ତ ବିଦ୍ୟାଳୟ କୁ ନିୟମିତ ଆସୁ ନଥିବାରୁ ସେ ପଢ଼ାଉଥିବା ଗଣିତ ଓ ବିଜ୍ଞାନ ବିଷୟ ଛାତ୍ରଛାତ୍ରୀ ଙ୍କୁ ପଢ଼ାଯାଇ ପାରୁନାହିଁ। ଦଶମ ଶ୍ରେଣୀ ରେ ଏଠାରେ ୩୭ ଜଣ ଛାତ୍ର ଛାତ୍ରୀ ଥିବା ବେଳେ ଆଗକୁ ସେମାନଙ୍କ ର ମାଟ୍ରିକ ପରୀକ୍ଷା ଅଛି। ସେହିପରି ନବମ ଶ୍ରେଣୀ ରେ ୩୧ ଜଣ ଛାତ୍ର ଛାତ୍ରୀ ପାଠ ପଢୁଛନ୍ତି। ସେହିପରି ହିନ୍ଦି ଓ ସଂସ୍କୃତ ଶିକ୍ଷକ ପଦ ମଧ୍ୟ ଖାଲି ପଡିଛି ।କଳା ଶିକ୍ଷକ ପଦ ଖାଲି ପଡିଥିବା ବେଳେ ଏଠାରେ କୁଆଡେ ଜଣେ କଳା ଶିକ୍ଷକ ଙ୍କୁ ନିଯୁକ୍ତି ନିକଟରେ କରାଯିବ ବୋଲି ଗ୍ରାମବାସୀ କହିଛନ୍ତି ।ଛାତ୍ରଛାତ୍ରୀ ମାନଙ୍କର ଏହି ଧାରଣା ପୂର୍ବାହ୍ନ ୧୦ ଠାରୁ ଦିନ ଗୋଟାଏ ପର୍ଯ୍ୟନ୍ତ ଅବ୍ୟାହତ ରହିବାରୁ ଏଠାରେ ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହୋଇଥିଲା ।ଗ୍ରାମବାସୀ ଘଟଣା ସ୍ଥଳରେ ପହଞ୍ଚି ବିଦ୍ୟାଳୟ କୁ ଆସି ନଥିବା ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ଶ୍ରୀ ମହାନ୍ତ ଙ୍କୁ ସେଠାକୁ ଡକାଇ ଆଲୋଚନା କରାଯିବା ପରେ ଛାତ୍ରଛାତ୍ରୀ ମାନେ ଧାରଣା ରୁ ଓହରି ଯାଇଛନ୍ତି ।ଯଥାଶୀଘ୍ର ସ୍ଥାୟୀ ପ୍ରଧାନ ଶିକ୍ଷକ, ହିନ୍ଦି ଶିକ୍ଷକ, ଓ ସଂସ୍କୃତ ଶିକ୍ଷକ ପଦବୀ ପୂରଣ କରା ନଗଲେ ଛାତ୍ରଛାତ୍ରୀ ମାନେ ପୁନଃ ଧାରଣା ଦେବେ ବୋଲି ସୂଚନା ଦେଇଛନ୍ତି।

## କେ. ସୁବାଣୀ ଉ:ପ୍ରା ବିଦ୍ୟାଳୟ ରେ ବାର୍ଷିକ ଉତ୍ସବ

ଚିକିଟୀ ୭/୨ (ନି.ପ୍ର): ଏହି ବ୍ଲକ କେ. ସୁବାଣୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ରେ ବାର୍ଷିକ ଉତ୍ସବ ଓ ଆମ ସଂସ୍କୃତିଆମ ଖେଳନା କାର୍ଯ୍ୟକ୍ରମ ମହା ଆଡମ୍ବର ରେ ପାଳିତ ହୋଇଯାଇଛି । ଏଥିରେ ମୁଖ୍ୟ ଅତିଥି ଭାବେ ଚିକିଟୀ ଗୋଷ୍ଠୀ ଶିକ୍ଷା ଅଧିକାରୀ ଶ୍ରୀଯୁକ୍ତ ବସନ୍ତ ପଣ୍ଡା, ସମ୍ମାନୀୟ ଅତିଥି ସରପଞ୍ଚ ଜି. ଜୀବାନନ୍ଦ ରେଡ୍ଡୀ, ସମିତିସଭ୍ୟ ଶ୍ରୀ ଚୈତନ୍ୟ ବେହେରା , ବିଆରସିସିଶ୍ରୀ ନିଗମାନନ୍ଦ ପଣ୍ଡା ଓ ଦୁଇ ଏବିଇଓ ଶ୍ରୀ ସିମାଞ୍ଚଳ ପଣ୍ଡା ଶ୍ରୀ ତ୍ରିନାଥ ମଲ୍ଲିକ, ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ଶ୍ରୀ ନବୀନ ବେହେରା ଓ ସିଆରସିସି ଶ୍ରୀ ବି ଭେଙ୍କେଟରାଓ ମଞ୍ଚାସିନ ଥିଲେ। ପ୍ରଧାନ ଶିକ୍ଷକ ଶ୍ରୀ ସୁରେଶ କୁମାର ପାତ୍ର ବାର୍ଷିକ ବିବରଣୀ ପଠନ କରିଥିରେ କ୍ଷ ଶିକ୍ଷା ଅଧିକାରୀ ବସନ୍ତ ପଣ୍ଡା ପିଲା ମାନଙ୍କର ଉଜ୍ୱଳ ଭବିଷ୍ୟତ କାମନା କରି ଭଲ ମଣିଷ ହେବା ପାଇଁ ଉଦବୋଧନ ଦେଇଥିଲେ। କୃତି ପ୍ରତିଯୋଗୀ ମାନଙ୍କୁ ପୁରସ୍କାର ବିତରଣ କରାଯିବା ସହିତ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଶିକ୍ଷକ ଶ୍ରୀ ରାଜକିରଣାର ପଣ୍ଡା ମଞ୍ଚ ପରିଚାଳନା କରିବା ସହିତ ଧନ୍ୟବାଦ ଅର୍ପଣ କରିଥିଲେ। ବିଦ୍ୟାଳୟର ସମସ୍ତ ଶିକ୍ଷକ, ଶିକ୍ଷୟତ୍ରୀ କାର୍ଯ୍ୟକ୍ରମରେ ପୂର୍ଣ୍ଣ ସହଯୋଗ କରିଥିରେ।



## ପ୍ରଶାସନିକ ଅବହେଳା: ବନବାସୀ ଚାଷୀ ଙ୍କୁ ଶୋଷଣ କରୁଛନ୍ତି ବେପାରୀ : ଉପଯୁକ୍ତ ଥଇଥାନ କରିବାକୁ ଦାବି



ବାଲିଗୁଡା ୭/୨ (ନି.ପ୍ର): ପ୍ରଶାସନିକ ଅବହେଳା କାରଣରୁ କନ୍ଧମାଳ ଜିଲା ବାଲିଗୁଡା ଅଞ୍ଚଳର ଆଦିବାସୀ ଅଧୁଷିତ ବନବାସୀ ମାନେ ବେପାରୀଙ୍କ ଦ୍ୱାରା ଶୋଷଣର ଶିକାର ହେଉଛନ୍ତି। ଦୁର୍ଗମ ଅଞ୍ଚଳରୁ ସହରକୁ ବନଜାତ ଦ୍ରବ୍ୟ ବିକ୍ରି କରିବାକୁ ଆସୁଥିବା ବନବାସୀଙ୍କ ପାଇଁ ଉପଯୁକ୍ତ ବ୍ୟବସ୍ଥା ନ ଥିବାରୁ ସେମାନେ ଅସୁବିଧାର ସମ୍ମୁଖିନ ହେଉଛନ୍ତି। ଆଦିବାସୀ ଅଧୁଷିତ ବାଲିଗୁଡା ବ୍ଲକର ବଣପାହାଡ଼ ଘେରା ତଥା ଦୁର୍ଗମ ଅଞ୍ଚଳରୁ ଅନେକ ବନବାସୀ ସେମାନଙ୍କ ଉତ୍ପାଦିତ ବା ସଂଗୃହିତ ବନଜାତ ଦ୍ରବ୍ୟ ଯଥା ଦାନ୍ତକାଠି, ପତ୍ର, ଫଳମୂଳ, ପନିପରିବା, ଔଷଧୀୟ ଜଡିବୁଟି ଆଦି ଆଣି ବାଲିଗୁଡା ସହରର ବିଭିନ୍ନ ସ୍ଥାନରେ ବସି ବିକ୍ରି କରିଥାନ୍ତି। ବିକ୍ରିବଟା କରିବା ପରେ ପଇସା ସହିତ ତେଲ ଲୁଣ, ଲୁଗାପଟା ଆଦି ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀ କିଣି ଘରକୁ ଫେରନ୍ତି। କେହି କେହି ସପ୍ତାହରେ ଥରେ ଶନିବାର ସାପ୍ତାହିକ ହାଟ ଦିନରେ ଆସିଥାନ୍ତି ତ କେହି ୨/୩ ଦିନରେ ଥରେ ଆସିଥାନ୍ତି। କେହି ଏକୁଟିଆ ଆସିଥାନ୍ତି ତ କେହି ଦଳ ଦଳ ହୋଇ ଆସିଥାନ୍ତି। ଏଭଳି ସବୁଦିନିଆ ଘଟଣା ଦେଖିବାକୁ ମିଳିଥାଏ। ଏହି ବନବାସୀ ମାନେ ବିଶେଷ କରି ବସ୍ ?, ଜିପ୍ ? ତଥା ଅଟୋରେ ଭଡ଼ା ଦେଇ ଆସିଥାନ୍ତି। ପାହାଡ଼ିଆ ସାମଗ୍ରୀ ପ୍ରାକୃତିକ ପରିବେଶରେ ହେଉଥିବାରୁ ଏବଂ ବିନା ସାରରେ ହେଉଥିବାରୁ ଏହାର ଚାହିଦା ଅଧିକ ଥାଏ। ସକାଳ ହେଲେ ଅନେକ ଲୋକ ଅପେକ୍ଷା କରିଥାନ୍ତି ଏହି ବନଜାତ ଦ୍ରବ୍ୟ କିଣି ଘରକୁ ନେଇଥାନ୍ତି। କିନ୍ତୁ ଅନେକ ସମୟରେ ବନବାସୀମାନେ ବେପାରୀଙ୍କ ଦ୍ୱାରା ଠକାମିର ଶୀକାର ହୋଇଥାନ୍ତି। ଖାଉଟିମାନେ ମଧ୍ୟ ସେହି ସାମଗ୍ରୀକୁ ବେପାରୀ ଙ୍କ ଠାରୁ ଅଧିକ ଦାମ୍ ?ରେ କିଣି କ୍ଷତିଗ୍ରସ୍ତ ହୋଇଥାନ୍ତି। ଏଣୁ ଅନେକ ସମୟରେ ବନବାସୀ-ବେପାରୀ ଏବଂ ଖାଉଟି-ବେପାରୀଙ୍କ ମଧ୍ୟରେ ବିବାଦ ଉପୁଜିଥାଏ। ଆଦିବାସୀଙ୍କୁ ବେପାରୀଙ୍କ ଶୋଷଣରୁ ମୁକ୍ତ କରିବା ପାଇଁ ପ୍ରଶାସନ କୌଣସି ପଦକ୍ଷେପ ଗ୍ରହଣ କରୁ ନ ଥିବାରୁ ଏହା ବୃଦ୍ଧି ପାଇବାରେ ଲାଗିଛି। ଏଣୁ ଏହାକୁ ରୋକିବା ସହ ଉପଯୁକ୍ତ ପଦକ୍ଷେପ ନେବାକୁ ବୁଦ୍ଧିଜୀବୀ ମହଲରୁ ପ୍ରଶାସନ ଠାରେ ଦାବି କରିଛନ୍ତି। ବନବାସୀ ମାନେ ସହରରେ ବସି ସାମଗ୍ରୀ ବିକ୍ରି କରିବା ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରିବା, ବିଶ୍ରାମ ଓ ପାନୀୟ ଜଳ ସୁବିଧା କରିବା, ସେମାନେ ସାଙ୍ଗରେ ଧରି ଆସୁଥିବା ଛୋଟ ଛୋଟ ପିଲାଙ୍କ ପାଇଁ କ୍ରେଚ ବ୍ୟବସ୍ଥା କରାଯାଇପାରିଲେ ସେମାନେ ଉପକୃତ ହେବା ସହ ଶୋଷଣରୁ ମୁକ୍ତ ହୋଇ ପାରିବେ ବୋଲି ବିଭିନ୍ନ ମହଲରୁ ମତ ପ୍ରକାଶ ପାଇଛି।

# ଡମି ଶିକ୍ଷକଙ୍କ ହାତରେ ପିଲାଙ୍କ ଭବିଷ୍ୟତ



ଲାଞ୍ଜିଗଡ଼,୭/୨ (ନି.ପ୍ର): ସରକାରଙ୍କ ନିର୍ଦ୍ଦେଶ କ୍ରମେ କେହି ଅପାଠୁଆ ରହିବେ ନାହିଁ ବା କେହି ଅଧାରୁ ପାଠ ଛାଡିବେନାହିଁ ସେଥିପାଇଁ ବିଦ୍ୟାଳୟ ପ୍ରତି ପ୍ରତ୍ୟେକ ଛାତ୍ରଛାତ୍ରୀଙ୍କୁ ଆକୃଷ୍ଟ କରିବା ପାଇଁ ସରକାର ଅନେକ ପଦକ୍ଷେପ ଗ୍ରହଣ କରିଛନ୍ତି ଓ ମାଗଣା ପୋଷାକ ଠାରୁ ଆରମ୍ଭ କରି ବହିପତ୍ର,ଖେଳ ଉପକରଣ ସମେତ ମଧ୍ୟାହ୍ନ ଭୋଜନରେ ଛଅ ଦିନକୁ ଛଅ ପ୍ରକାର ରନ୍ଧା ଖାଦ୍ୟର ବ୍ୟବସ୍ଥା କରିଛନ୍ତି। ପ୍ରତ୍ୟେକ ସ୍କୁଲ ମାନଙ୍କରେ ଶିକ୍ଷକ ଶିକ୍ଷୟିତ୍ରୀ ନିୟୋଜିତ କରି ତାଙ୍କ ପାଇଁ ମାସିକ ପାରିଶ୍ରମିକ ଭାବେ ହଜାର ହଜାର ଟଙ୍କା ଦରମାର ବ୍ୟବସ୍ଥା ମଧ୍ୟ କରିଛନ୍ତି। ହେଲେ ଏତେସବୁ ସରକାରଙ୍କ ବ୍ୟବସ୍ଥା ଭିତରେ ମଧ ଗ୍ରାମାଞ୍ଚଳ ମାନଙ୍କନରେ ଶିକ୍ଷା ବ୍ୟବସ୍ଥା ସମ୍ପୂର୍ଣ ଫେଲ ମାରୁଛି।ଏହି ଭଳି ବିପରୀତ ଚିତ୍ର ଦେଖିବାକୁ ମିଳିଛି କଳାହାଣ୍ଡି ଜିଲ୍ଲା ଲାଞ୍ଜିଗଡ଼ ବ୍ଲକ ସୀମାନ୍ତ ଯୁଗସାଇ ପାଟଣା ପଞ୍ଚାୟତ ସ୍ଥିତ କଟଲଙ୍ଗ ସରକାରୀ ପ୍ରାଥମିକ ବିଦ୍ୟାଳୟରେ।ଏହି ପ୍ରାଥମିକ ବିଦ୍ୟାଳୟରେ ପ୍ରଥମରୁ ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ହାରାହାରି ୪୩ ଜଣ ଛାତ୍ର ଛାତ୍ରୀ ଅଧ୍ୟୟନ କରୁଛନ୍ତି ହେଲେ ପରିତାପର ବିଷୟ ଦୁଇ ଜଣ ଶିକ୍ଷକ ନିୟୋଜିତ ରହି ମଧ ନିୟମିତ ସ୍କୁଲକୁ ଆସୁ ନ'ଥିବା ଅଭିଯୋଗ ହେଉଥିବା ବେଳେ ଗାଁର ଜଣେ ଦଶମ ପଢ଼ିଥିବା ଝିଅଙ୍କୁ ୪ ହଜାର ୫ ଶହଟଙ୍କା ମାସିକ ବେତନ ଦୁଇ ଜଣ ଶିକ୍ଷକ ମିଶି ଦେଉଛନ୍ତି। ତେବେ ଡମୀ ଶିକ୍ଷକଙ୍କ ହାତରେ ପିଲାଙ୍କ ଭବିଷ୍ୟତ ଟେକି ଦେଇ ଦୁଇ ଶିକ୍ଷକ ପିଲାଙ୍କ ଭବିଷ୍ୟତ ଶହ ଖେଳଖେଳୁ ଥିବା ବେଳେ ଏଠି ପ୍ରଶ୍ନ ଉଠେ ଯେ' ହଜାର ହଜାର ଦରମା ପାଇବା ସତ୍ୱେ ନିୟୋଜିତ ଶିକ୍ଷକ କରୁଛନ୍ତି କ'ଣ।ଏହା ଉପରେ ଶିକ୍ଷା ବିଭାଗ ଓ ପ୍ରଶାସନଙ୍କ ନଜର ପଡୁନାହିଁକି ନା ଜାଣିଶୁଣି ଦେଖ ଶୁଣ ଚୁପ ରୁହ ନୀତି ଅବଲମ୍ବନ କରୁ ନାହାନ୍ତି ତୋ ଶିକ୍ଷାବିଭାଗ ଓ ବିଭାଗୀୟ ଅଧିକାରୀ ମାନେ। ଗ୍ରାମବାସୀଙ୍କ କହିବା ଅନୁସାରେ କଟଲଙ୍ଗ ସରକାରୀ ପ୍ରାଥମିକ ବିଦ୍ୟାଳୟରେ ପ୍ରଥମ ଶ୍ରେଣୀ ରୁ ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ରହିଥିବା ବେଳେ ଦୁଇଟି ଶିକ୍ଷକ ନିୟୋଜିତ ଅଛନ୍ତି ହେଲେ ସରକାରଙ୍କ ନିୟମକୁ ଅବମାନନା କରି ମାସକୁ ଦୁଇ ରୁ ତିନି ଦିନ ସ୍କୁଲ ଆସନ୍ତି ଓ କଟଲଙ୍ଗ ଗାଁର ଜଣେ ଝିଅକୁ ପାଠ ପଢ଼େଇବା ଦାୟିତ୍ୱ ଦେଇଛନ୍ତି। ଏସମ୍ପର୍କରେ ସେହି ଡମି ଶିକ୍ଷକ ପିଙ୍କି ହରିଜନ ଙ୍କୁ ପଚାରିବାରୁ ମତେ ଦୁଇ ଜଣ ଶିକ୍ଷକ ପଢ଼େଇବା ଦାୟିତ୍ୱ ଦେଉଛନ୍ତି ଓ ମୋତେ ମାସକୁ ୪ହଜାର ୫ଶହ ଟଙ୍କା ଦେଉଛନ୍ତି। ମୁଁ ସ୍କୁଲରେ ନିୟମତ ପାଠ ପଢ଼ାଉଛି ଏବଂ ମତେ ଦାୟିତ୍ୱ ଦେଲା ଦିନଠୁ ଶିକ୍ଷକ ମାନେ ମାସକୁ ଦୁଇ ରୁ ତିନି ଦିନଆସନ୍ତି। ଏହାକୁ ନେଇଁ ସ୍କୁଲ ଶିକ୍ଷକ ଭଗବାନ ଶିକଙ୍କୁ ଫୋନ କରି ପଚାରିବାରୁ ତୁତୁ ମେମେ ହୋଇ ଫୋନ କଲ କାଟି ଦେଇ ଥିଲେ।ତେବେ ଏହି ଶିକ୍ଷକଙ୍କୁ କିଏ ଅନୁମତି ଦେଲା ନିଜେ ଜଣେ ଶିକ୍ଷକ ହୋଇ ଆଉ ଜଣେ ଡମୀ ଶିକ୍ଷକ ରଖି ଶିକ୍ଷା ଦାନ କରିବା ପାଇଁ ଏହାର ଉଚ୍ଚ ସ୍ତରୀୟ ତଦନ୍ତକରି ଶିକ୍ଷା ଦାନରେ ଅବହେଳା କରୁଥିବା ଶିକ୍ଷକଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଁ ଯାଉ ବୋଲି ବୁଦ୍ଧିଜୀବି ମହଲରେ ଚର୍ଚ୍ଚା ହେଉଛି।ଏ ସମ୍ପର୍କରେ ସଦର ବ୍ଲକ ଗୋଷ୍ଠି ଶିକ୍ଷା ଅଧିକାରୀ ଅଚାରୀ ଶବରଙ୍କୁ ପଚାରିବାରୁ ଏହି ସମ୍ପର୍କରେ ମୁଁ ଜାଣି ନ'ଥିଲି ନିଶ୍ଚୟ ମୁଁ ତଦନ୍ତ କରିବି ଓ ତଦନ୍ତରେ ଯାହା ସତ୍ୟାସତ ଆସେ ତାହେଲେ କାର୍ଯ୍ୟରେ ଅବହେଳା କରୁଥିବା ଦୁଇ ଶିକ୍ଷକଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବି ବୋଲି ମତ ପ୍ରକାଶ କରିଥିଲେ।ତେବେ ଜାଣି ଶୁଣି ଶିକ୍ଷାବିଭାଗ ଦେଖ,ଶୁଣ,ଚୁପ ରୁହ ନୀତି ଅବଲମ୍ବନ କରୁଛି ନା ଦୁଇ ଶିକ୍ଷକଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁଛି ତାହା ଦେଖିବାକୁ ବାକି ରହିଲା।

# ଗ୍ରାମୀଣ ମହୋତ୍ସବ ୨୦୨୫ ପାଇଁ ପ୍ରସ୍ତୁତି ବୈଠକ



ନିଆଳୀ,୭/୨ (ନି.ପ୍ର): ନିଆଳୀ ତଥା ଓଡିଶା ର ଅଗ୍ରଣୀ ସ୍ୱେଚ୍ଛାସେବୀ ତଥା ଗାନ୍ଧିବାଦୀ ଅନୁଷ୍ଠାନ ଗ୍ରାମୀଣ ସେବକ ସମାଜ ଟ୍ରଷ୍ଟ ତରଫରୁ ପ୍ରତିବର୍ଷ ପ୍ରତିଷ୍ଠା ଦିବସ ଅବସରରେ ଏଥର ୧୯ ତମ ପ୍ରତିଷ୍ଠା ଦିବସ ଗ୍ରାମୀଣ ମହୋତ୍ସବ ଅନୁଷ୍ଠିତ ହୋଇଥାଏ ଚଳିତ ବର୍ଷ ଏହାର ବ୍ୟାପକ ପରିବର୍ତ୍ତନ କରାଯାଇଛି । ଐତିହାସିକ ଦିପୋଟି ମେଳଣ ସମୟରେ ଆୟୋଜନ ହେବ ବୋଲି ଅଦ୍ୟାବଧି ସ୍ଥିର ହୋଇଛି, ଏହି ମହୋତ୍ସବରେ ଦ୍ୱୀପାଞ୍ଚଳ ମହୋତ୍ସବ, ଶ୍ରୀ ନାରଦ ମହୋତ୍ସବ ମଧ ଆୟୋଜନ କରାଯିବ ୫ ଦିନ ବ୍ୟାପି ଗାନ୍ଧୀ ଯୁବ ଶିବିର ଆୟୋଜନ ସହ ବିଭିନ୍ନ ବର୍ଗ ବ୍ୟକ୍ତି ବିଶେଷ ଙ୍କୁ ଯଥାବିଧି ରେ ସମ୍ମାନିତ କରାଯିବ, ଅନୁଷ୍ଠାନ ତରଫରୁ ଗତ ବର୍ଷ ଭଳି ଚଳିତ ବର୍ଷ ଅନେକ ବ୍ୟକ୍ତି ବିଶେଷ ମାନଙ୍କୁ ଆମର ପୂଜ୍ୟାପୂଜା ର ସମ୍ମାନ ଉଦେଶ୍ୟରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ।ମହାପାତ୍ର ନୀଳମଣି ସାହୁ ଶିକ୍ଷା ସମ୍ମାନ,ସ୍ୱାଧୀନତା ସଂଗ୍ରାମୀ କଣ୍ଡୁରୀ ଚରଣ ମଲ୍ଲିକ ସେବା ସମ୍ମାନ,ସ୍ୱାମୀ ଚେତନା ନନ୍ଦ ସରସ୍ୱତୀ ଜ୍ଞାନ ଜ୍ୟୋତି ସମ୍ମାନ,ଜ୍ଞାନଦୀପ ତ୍ରିଲୋଚନ କାନୁନଗୋ ଶିକ୍ଷା ସମ୍ମାନ,ସ୍ୱାଧୀନତା ସଂଗ୍ରାମୀ ନୀଳମଣି ପ୍ରଧାନ ସେବା ସମ୍ମାନ ସହ ଅନୁଷ୍ଠାନ ବିଭିନ୍ନ ସମ୍ମାନ ଯଥା ଗ୍ରାମୀଣ ସେବାଜ୍ୟୋତି ସମ୍ମାନ, ଗ୍ରାମୀଣ ଶିକ୍ଷା ଜ୍ୟୋତି ସମ୍ମାନ, ଗ୍ରାମୀଣ ପାଲାଶ୍ରୀ ଜ୍ୟୋତି ସମ୍ମାନ, ଗ୍ରାମୀଣ କ୍ରୀଡା ଜ୍ୟୋତି ସମ୍ମାନ, ସାମ୍ବାଦିକ ଙ୍କ ଉଦେଶ୍ୟରେ ଗ୍ରାମୀଣ ନାରଦ ଶ୍ରୀ ସମ୍ମାନ ସହ ଶହୀଦ ରଜନୀକାନ୍ତ ଆଚାର୍ଯ୍ୟ ବୀର ସମ୍ମାନ, ସୁଶ୍ରୀ ପ୍ରତିମା ସାହୁ ସେବା ସମ୍ମାନ ପ୍ରଦାନ କରାଯିବ ସ୍ଥିର କରାଯାଇଛି । ଏହି କାର୍ଯ୍ୟକ୍ରମ ରେ ଅନୁଷ୍ଠାନ ର ଚେୟାରମ୍ୟାନ ଯୁବ ସମାଜସେବୀ ସନ୍ତୋଷ କୁମାର ମାଝୀଙ୍କ ଅଧ୍ୟକ୍ଷତାରେ ସ୍ଥାୟୀ ସଭାପତି ସମାଜସେବୀ ପ୍ରସନ୍ନ ପାତ୍ର, ମହାତ୍ମା ଗାନ୍ଧୀ କମ୍ପ୍ୟୁଟର ସେଣ୍ଟର ଅଧ୍ୟକ୍ଷ ନିର୍ମାଲ୍ୟ ବାରିକ, ଛାତ୍ର ସଭାପତି ପ୍ରୀତି ରଞ୍ଜନ ସେନାପତି, ପ୍ରିୟଙ୍କା ସେନାପତି,ପ୍ରୀତି ପ୍ରଜ୍ଞା ପଟ୍ଟନାୟକ, ମୋନାଲିସା ମୁଦୁଲି, ସୋନାଲି ବେହେରା ଏବଂ ଲକ୍ଷ୍ମୀପ୍ରିୟା ଜେନା ପ୍ରମୁଖ ଉପସ୍ଥିତ ରହିଥିଲେ ।

# ଦିବ୍ୟାଙ୍ଗ ସଞ୍ଜିପ ମେହେରଙ୍କ ପାଇଁ ରାସନ କାର୍ଡ ବର୍ଦ୍ଧିତ ଭତ୍ତା ପାଇବା ପାଇଁ ସାତ ସପନ



ତୁଷୁରା,୭/୨ (ନି.ପ୍ର): ବଲାଙ୍ଗୀର ଜିଲ୍ଲା ଦେଓଗାଁ ବ୍ଲକ ଅନ୍ତର୍ଗତ ସାଲେପାଲି ପଞ୍ଚାୟତ ର ବଡଡୁଙ୍ଗିରିପାଲି ଗାଁ ର ସଞ୍ଜିବ ମେହେର (୪୦) ଜନ୍ମ ରୁ ଜଣେ ଦିବ୍ୟାଙ୍ଗ ଅଟନ୍ତି।ପୋଲିଓ ରୁ ଆକ୍ରାନ୍ତ ହୋଇ ୨ ଗୋଟ ଅଚଳ ହୋଇଛି। ଏବଂ ସେ ୯୦ ପ୍ରତିଶତ ର ଦିବ୍ୟାଙ୍ଗ। ପରିବାର ରେ ତାଙ୍କର ବିଧବା ମା ଏବଂ ୨ ଜଣ ଭଉଣୀ। ଏବଂ ସଞ୍ଜିପ ଙ୍କ ଅବସ୍ଥା ଦେଖି ବଡ ଭଉଣୀ ବିବାହ ନ କରି ସଞ୍ଜିବ ଙ୍କର ସେବା କରୁଛନ୍ତି। ଦିବ୍ୟାଙ୍ଗ ହୋଇଥିଲେ ମଧ ରାସନ କାର୍ଡ ନାହିଁ।ତା ସହିତ ବିଜେପି ସରକାର ୮୦ ପ୍ରତିଶତ ଦିବ୍ୟାଙ୍ଗ ମାନଙ୍କ ପାଇଁ ଭତା ୩୫ ଶହ ଟଙ୍କା ଦେଉଥିବା ବେଳେ ସଞ୍ଜିବ ଙ୍କ ରାସନ କାର୍ଡ ନ ଥିବାରୁ ବର୍ଦ୍ଧିତ ଭତା ଟଙ୍କା ମଧ ପାଇବାରୁ ବଞ୍ଚିତ ଅଛନ୍ତି।ଅନେକ ଥର ଅନ୍ୟ ଲୋକଙ୍କ ସାହାରା ନେଇ ପଞ୍ଚାୟତ ଏବଂ ବ୍ଲକ କୁ ରାସନ କାର୍ଡ ପାଇଁ ଯାଇଛନ୍ତି। ଭତା ୧୦୦୦ ଟଙ୍କା ସରକାରୀ ସ୍ତରରୁ ପାଉଥିବା ବେଳେ ଗତ ବର୍ଷ ସେପଟ୍ଟେମ୍ବର ମାସରେ ଜିଲ୍ଲା ପ୍ରଶାସନ ତରଫରୁ ବେଟ୍ରିକ ଚାଲିତ ସାଇକେଲ ଟେ ପାଇଛନ୍ତି। ରାସନ କାର୍ଡ ପାଇଁ ୮ ମାସ ହେଲା ୧୨ ଦୁଆର ହୋଇ କିଛି ସୁଫଳ ନ ପାଇବାରୁ ତୁଷୁରା ଠାରେ ଥିବା 'ସେବା ଫର ଡିଜାବ୍ଲିଟି' ଅଫିସକୁ ସୋମବାର ଦିନ ଆସି ସଭାପତି ଶମ୍ଭୁ ପ୍ରସାଦ ସାହୁ ଙ୍କୁ ଦୁଃଖ ଜଣାଇଥିଲେ। ତୁରନ୍ତ ଦେଓଗାଁ ବିଏସଏସ ଙ୍କୁ ଫୋନ ମାଧ୍ୟମରେ ଯୋଗାଯୋଗ କରିବାରୁ ବିଏସଏସଓ ଏ ବାବଦରେ ମୋ ଠାରେ କେବେ କେହି ଅଭିଯୋଗ କରି ନାହାନ୍ତି। ଏବଂ ତୁରନ୍ତ ମୋତେ ତାଙ୍କର ଆଧାର କାର୍ଡ ଏବଂ ଦିବ୍ୟାଙ୍ଗ ପରିଚୟପତ୍ର ଦିଅନ୍ତୁ ମୁଁ ରାସନ କାର୍ଡ ଏବଂ ବର୍ଦ୍ଧିତ ଭତା ପାଇଁ ଚେଷ୍ଟା କରିବି ବୋଲି କହିଥିଲେ।

# ନିରାପତ୍ତାକ୍ଷେତ୍ରରେ କାଶିଆ ଖଣିର ଉଲ୍ଲେଖନୀୟ ସଫଳତା, ଶୂନ ଦୁର୍ଘଟଣାରେ ୪ ନିୟୁତ ଶ୍ରମ ଘଣ୍ଟା ହାସଲ

କେନ୍ଦୁଝରଗଡ଼,୭/୨: ଖଣି ନିରାପତ୍ତାକୁ ସର୍ବାଧିକ ଗୁରୁତ୍ୱ ଯୋଗୁଁ ଜିନ୍ଦଲ ଷ୍ଟିଲ ଆଣ୍ଡ ପାୱାର (ଜେଏସପି) ପରିଚାଳିତ ଯୋଡା ଖଣି ମଣ୍ଡଳ ଅଧିନ କାଶିଆ ଆଇରନ ଆଣ୍ଡ ଡୋଲମାଇଟ ଖଣିରେ ଖନନ ଆରମ୍ଭ ଦିନ ଠାରୁ ଏପର୍ଯ୍ୟନ୍ତ କୌଣସି ଦୁର୍ଘଟଣା ଘଟିନାହିଁ। କୌଣସି ଦୁର୍ଘଟଣା ନ ଘଟି ୪ନିୟୁତ ଶ୍ରମ ଘଣ୍ଟାର କାର୍ଯ୍ୟ ହାସଲ ଦ୍ୱାରା କାଶିଆ ଖଣି ଏକ ନୂତନ କୀର୍ତ୍ତିମାନ ପ୍ରତିଷ୍ଠା କରିପାରିଛି। ୨୦୨୧ ନଭେମ୍ବରରୁ ଆରମ୍ଭ ହୋଇଥିବା ଏହି ଖଣିର ଏଭଳି ସଫଳତା କମ୍ପାନୀର ସାମଗ୍ରିକ ଉତ୍ତରଦାୟିତ୍ୱ, ଅକ୍ଲାନ୍ତ ପରିଶ୍ରମ, ନିରାପଦ କାର୍ଯ୍ୟସ୍ଥଳ ଓ 'ନିରାପତ୍ତା ହିଁ ପ୍ରଥମ' ଭଳି କାର୍ଯ୍ୟ ସଂସ୍କୃତିର ପ୍ରତିଷ୍ଠାକୁ ସ୍ୱୀକୃତି ପ୍ରଦାନ କରିଛି। ଖଣି ନିରାପତ୍ତାର ସମସ୍ତ ନିୟମ ଓ ସତର୍କତା ନୀତିକୁ ପାଳନ କରିବା ଜେଏସପିର ମୌଳିକ ମୂଲ୍ୟବୋଧ।ଏଠାରେ କାର୍ଯ୍ୟରତ ସମସ୍ତଙ୍କ ଖଣି ସୁରକ୍ଷା ପ୍ରତି ବ୍ୟକ୍ତିଗତ ଉତ୍ତରଦାୟିତ୍ୱକୁ ମଧ ଏଠାରେ ସୁନିଶ୍ଚିତ କରାଯାଏ। ନିରାପତ୍ତା କ୍ଷେତ୍ରରେ ଶୂନ ସାଲିସ ଓ ଖଣି ନିରାପତ୍ତା ନିୟମ ଅନୁପାଳନର ନିୟମିତ ଯାଞ୍ଚ ହିଁ କାଶିଆ ଖଣି କ୍ଷେତ୍ରରେ ଏହି କୀର୍ତ୍ତିମାନ ପ୍ରତିଷ୍ଠା କରିବାରେ ସହାୟକ ହୋଇଛି। ଏହି ଉପଲବ୍ଧି ପାଇଁ କାଶିଆଖଣି ବିଭାଗ ମୁଖ୍ୟ ପ୍ରମୋଦ କୁମାର ପାତ୍ର ଖୁସିବ୍ୟକ୍ତ କରିବା ସହ ଖଣିର ସମସ୍ତ କର୍ମଚାରୀଙ୍କୁ ଧନ୍ୟବାଦ ଦେଇଛନ୍ତି। ଜେଏସପି ଅଧ୍ୟକ୍ଷ ନବୀନ ଜିନ୍ଦଲ ନିରାପତ୍ତାକୁ ସର୍ବାଧିକ ପ୍ରାଧାନ୍ୟ ପ୍ରଦାନ ସହ ତାଙ୍କ ନେତୃତ୍ୱରେ କାଶିଆ ଖଣି ଏହି କୀର୍ତ୍ତିମାନ ହାସଲ କରିପାରିଛି। ଏହି ସଫଳତା ଜିନ୍ଦଲ ଷ୍ଟିଲ ଆଣ୍ଡ ପାୱାର ପାଇଁ କେବଳ ଏକ ସଂଖ୍ୟା ନୁହେଁ, ବରଂ ନିରାପତ୍ତାର ସହ କାର୍ଯ୍ୟ କରିବା ପାଇଁ କମ୍ପାନିର ପ୍ରତିଶ୍ରୁତିବଦ୍ଧତାକୁ ପ୍ରତିଫଳିତ କରିଛି।

# ରେଳପଥ ନିର୍ମାଣ ପାଇଁ ମନଇଚ୍ଛା ମାଟି ଖନନ

## ଉଜୁଡୁଛି ଜଙ୍ଗଲ, ହେଉଛି ମୃତ୍ତିକା କ୍ଷୟ

ଜଳେଶ୍ୱର,୭/୨: ରେଳପଥ ନିର୍ମାଣ ପାଇଁ ବାଲେଶ୍ୱର ଜିଲ୍ଲାର ଜଳେଶ୍ୱର ଅଞ୍ଚଳରେ ପରିବେଶ ଆଇନକୁ ଉଲ୍ଲଂଘନ କରାଯାଇ ବ୍ୟାପକ ମାଟି ଖନନ କରାଯାଉଛି। ପରିସ୍ଥିତି ଏପରି ହୋଇଛି ଯେ ଗ୍ରାମ ନିକଟବର୍ତ୍ତୀ ଜଙ୍ଗଲ ଉଜୁଡ଼ିଯିବା ସହିତ ମୃତ୍ତିକା କ୍ଷୟ ହେଉଛି। ଅନବରତ ପରିବହନ ଯୋଗୁ ସୁବର୍ଣ୍ଣରେଖା ଜଳସେଚନ ପ୍ରକଳ୍ପର କେନାଲ ପ୍ରତି ବିପଦ ଦେଖାଦେଇଛି। ଜଳନିଷ୍କାସନ ପଥ ବନ୍ଦ ହୋଇଯିବାରୁ ବର୍ଷାଋତୁରେ ଗାଁଗୁଡ଼ିକ ପାଣିରେ ଭାସିବ। ଏନେଇ ଲୋକେ ପ୍ରତିବାଦ କରୁଥିଲେ ମଧ ପ୍ରଶାସନିକ ଅଧିକାରୀ ଓ ସ୍ଥାନୀୟ ରାଜନେତା ଚୁପ୍ ରହିବା ସାଧାରଣରେ ବିସ୍ମୟ ସୃଷ୍ଟି କରିଛି। ସୂଚନା ଅନୁସାରେ, ଗତ ୪ ମାସରୁ ଊର୍ଦ୍ଧ୍ୱ ସମୟ ଧରି ତୃତୀୟ ରେଳପଥ ନିର୍ମାଣ କାମ ପାଇଁ ପରିବେଶ ସମ୍ବେଦନଶୀଳ ଜଳେଶ୍ୱର ବ୍ଲକ୍ ରାଇବଣିଆ ଥାନା ଅଞ୍ଚଳରୁ ବ୍ୟାପକ ମାଟି ଉତ୍ତୋଳନ କରାଯାଉଛି। ମାଟି ଖନନ ଓ ପରିବହନ ଯୋଗୁ ସ୍ଥାନୀୟ ଚମାରଗାଁ, କାଳିକ, ରାଇବଣିଆ, ବରଡ଼ିହା ଆଦି ପଞ୍ଚାୟତର ଅତି ନିକଟରେ ଥିବା ଧରମପୁର, ରଙ୍ଗାମାଟିଆ, ଲୁହାପଡ଼ା, ଆମ୍ବତୁମ୍ବା, ଦୁଧିଆଶୋଳ, ବାଗବୁଡ଼ା, ହଳଦୀଗୁଣ୍ଡି, କେନ୍ଦୁଖୁଣ୍ଟା ଆଦି ଜଙ୍ଗଲ ଉଜୁଡ଼ିଲାଣି। ମାଟି ଖନନ ହେଉଥିବା ଅଧିକାଂଶ ଜମି ଅନାବାଦୀ, ରକ୍ଷିତ କିସମର। ମାଟି ଖନନ ପାଇଁ କେବଳ ତହସିଲ ଅଫିସରୁ ଅନୁମତି ଦିଆଯାଉଛି ବୋଲି ସରକାରୀ ଭାବେ କୁହାଯାଉଛି। ତେବେ ମାଟି ଖନନ ଓ ପରିବହନ ଯୋଗୁ ସ୍ଥାନୀୟ ପରିବେଶ ଉପରେ ଏହାର କି ପ୍ରଭାବ ପଡୁଛି, ତାହାର ଆକଳନ କରାଯାଉନି।ସଂରକ୍ଷିତ ଜଙ୍ଗଲର ଅତିନିକଟରୁ ମାଟିଖନନ ହେଉଥିବାରୁ କ୍ରମାଗତ ଭାବେ ମୃତ୍ତିକା କ୍ଷୟ ହେଉଛି। ଜଳ ନିଷ୍କାସନ ପଥ ମଧ ବନ୍ଦ ହୋଇ ଯାଉଛି। ତେଣୁ ଏଭଳି ସମ୍ବେଦନଶୀଳ ଅଞ୍ଚଳରୁ ମାଟି ଖନନ ସମୟରେ ଜଙ୍ଗଲ ଓ ପରିବେଶ ବିଭାଗର ଅନୁମତି ଅତ୍ୟନ୍ତ ଜରୁରି ବୋଲି ବାଲେଶ୍ୱର ଜିଲ୍ଲା ଅବୈତନିକ ବନ୍ୟପ୍ରାଣୀ ତତ୍ତ୍ୱାବଧାରକ ଅଶ୍ୱିନୀ ଦାସ ପ୍ରକାଶ କରିଛନ୍ତି। ଡମ୍ପରରେ ମାସାଧିକ କାଳ ମାଟି ପରିବହନ ହେଉଥିବାରୁ ରାସ୍ତାଘାଟ ମଧ ନଷ୍ଟ ହେଉଛି। ଶବ୍ଦ ପ୍ରଦୂଷଣ ପାଇଁ ରାସ୍ତା ପାର୍ଶ୍ୱସ୍ଥ ଅଞ୍ଚଳର ଲୋକେ ଘରେ ଶାନ୍ତିରେ ଶୋଇ ପାରୁନାହାନ୍ତି। ମାଟି ପରିବହନ ପାଇଁ ସୁବର୍ଣ୍ଣରେଖା ଜଳସେଚନ ପ୍ରକଳ୍ପର କେନାଲ ମଧ ଅନେକ ସ୍ଥାନରେ ଫାଟି ଆଁ କଲାଣି। ରାସ୍ତାରେ ଯାତାୟାତ କରିବା ଦୁର୍ବିଷହ ହେଲାଣି। ମାଟି ପରିବହନ ପାଇଁ ଖଣି ବିଭାଗ ପକ୍ଷରୁ ଶିବମ୍ (ବିଡିପିଏଲ୍ଏସ୍/ଜେଭି) ସଂସ୍ଥା ନାମରେ ଟ୍ରାଞ୍ଜିଟ୍ ପାସ୍ ଯୋଗାଇ ଦିଆଯାଉଛି। କୁହାଯାଇଛି ଯେ ଉପରୋକ୍ତ ସଂସ୍ଥା ଲୋକଙ୍କୁ ପ୍ରଲୋଭିତ କରି ମାଟି ଖନନ କରୁଛି। ଗତ ନଭେମ୍ବର ମାସରେ ବାଗବୁଡ଼ାରେ ମାଟି ଖନନ ଓ ପରିବହନକୁ ଅଞ୍ଚଳବାସୀ ତୀବ୍ର ବିରୋଧ କରିଥିଲେ। ସେହିପରି ଗ୍ରାମବାସୀ ଚାଫଲା ଛକରେ ଦୁଇ ଦୁଇ ଥର ଆନ୍ଦୋଳନ କରିଛନ୍ତି। ମାଟି ଖନନ ଓ ପରିବହନ ଯୋଗୁ ପରିବେଶ ପ୍ରତି ଯେଉଁ ବିପଦ ମାଡ଼ି ଆସୁଛି, ତାହାର ଆକଳନ ଓ ତଦାରଖ କରିବା କାହାର ଦାୟିତ୍ୱ ବୋଲି ପ୍ରଶ୍ନ ଉଠୁଛି। ଏ ସମ୍ପର୍କରେ ଜଳେଶ୍ୱର ତହସିଲଦାର ସତ୍ୟଜିତ ମହାନ୍ତିଙ୍କୁ ପଚାରିବାରୁ ସେ କହିଥିଲେ, କେବଳ ବ୍ୟକ୍ତିଗତ ଜମିରୁ ମାଟି ଖନନ ପାଇଁ ଅନୁମତି ଦିଆଯାଇଛି। ମାଟି ପରିବହନ ପାଇଁ ଟ୍ରାଞ୍ଜିଟ୍ ପାସ୍ ଖଣି ବିଭାଗ ଦେଉଛି। ପରିବେଶ ଉପରେ ପ୍ରଭାବ ନେଇ ଅଭିଯୋଗ ଆସିଲେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ସେ କହିଛନ୍ତି।

# ୨୫ କେଜି ଟମାଟୋକୁ ୬୦ ଟଙ୍କା

ପଦ୍ମପୁର,୭/୨: ଜିଲ୍ଲାର ବହୁଳ ପନିପରିବା ଚାଷ ହେଉଥିବା ପଦ୍ମପୁର ଅଞ୍ଚଳରେ ଟମାଟୋ ଚାଷ ଏବେ ଅଭାବି ବିକ୍ରିର ସମ୍ମୁଖୀନ ହେଉଛି। ୨୫କେଜି ଟମାଟୋକୁ ମାତ୍ର ୬୦ ଟଙ୍କାରେ ବିକୁଛି ଚାଷୀ। ଅର୍ଥାତ୍ କିଲୋ ପିଛା ତିନି ଟଙ୍କାରୁ ବି କମ୍ ପାଉଛି ଚାଷୀ। ସ୍ଥିତି ଏମିତି ଯେ ବଜାରକୁ ନେବା ବାବଦ ପରିବହନ ଖର୍ଚ୍ଚରୁ ବର୍ତ୍ତିବା ସକାଶେ ଚାଷୀ ଜମି ମୁଣ୍ଡରେ ହିଁ ବେପାରୀ ହାତକୁ ଟେକି ଦେଉଛି। ଗତ ବର୍ଷ ୨୫ କେଜି ଟ୍ରେ'କୁ ଚାଷୀ ୩୫୦ ରୁ ୪୦୦ ଟଙ୍କାରେ ବିକୁ ଥିଲା। କିନ୍ତୁ ଏବେ ଗତବର୍ଷ ତୁଳନାରେ ପ୍ରାୟ ଅଧାଠୁ ମଧ ଆହୁରି କମ୍ ଦରରେ ଚାଷୀ ଟମାଟୋ ବେପାରୀକୁ ବିକିବାକୁ ବାଧ ହେଉଥିବା କହିଛନ୍ତି ଚାଷୀ।ଗୋଟିଏ ଏକର ଜମିରେ ଯେତିକି ଖର୍ଚ୍ଚ କରି ଟମାଟୋ ଚାଷ କରଯାଉଛି, ଚାଷୀ ବର୍ତ୍ତମାନ ସେତିକି ମୂଲ୍ୟ ବି ପାଉନି । ତାର ପରିଶ୍ରମ, ବିହନ- ସାର-ଜଳସେଚନ ଖର୍ଚ୍ଚରୁ ଆରମ୍ଭ କରି ତୋଳା ମୂଲ୍ୟ ସୁଦ୍ଧା ପାଇବା ଚାଷୀ ପାଇଁ କାଠିକର ହେଇପଡୁଛି। ଆଉ ଆଗ ଭଳି ଚାଷ କରିବାକୁ ଇଚ୍ଛା ହେଉନାହିଁ ବୋଲି ନିରାଶ ବ୍ୟକ୍ତ କରୁଛନ୍ତି ଚାଷୀ। ତେଣେ ଚାଷୀ ଠାରୁ କମ୍ ମୂଲ୍ୟରେ ଆଣି ବଜାରରେ କେଜି ପିଛା ପ୍ରାୟ ୨ ଗୁଣା ଦର ଅର୍ଥାତ ୬ ଟଙ୍କାରୁ ୭ ଟଙ୍କାରେ ଟମାଟୋ ବିକ୍ରୀ କରୁଛନ୍ତି ହୋଲ୍‌ସେଲ୍ ଓ ଖୁଚୁରା ବେପାରୀ । ଚାଷୀ କ୍ଷତି ସହୁଛି, ଲାଭବାନ୍ ହେଉଛନ୍ତି ବେପାରୀ, ଦର କମ୍ ଥାଇ ମଧ ପକେଟରୁ ଅଧିକ ଖର୍ଚ୍ଚ କରୁଛନ୍ତି ଖାଉଟି। ହତାଶ ଚାଷୀ ଜମିରୁ ମୁହଁ ମୋଡିବାରେ ଲାଗିଛନ୍ତି।ଏଭଳି ପରିସ୍ଥିତି ଯଦି ଲାଗି ରହେ ତେବେ ଚାଷୀକୁ ତ ତୋଳା ମୂଲ ମିଳିବ ନାହିଁ ବୋଲି କହିଛନ୍ତି ଚାଷୀ । ଚାଷୀ ଗୋଟେପଟେ ଶୋଷଣର ଶିକା ହେଉଥିବା ବେଳେ ଅଞ୍ଚଳରେ ଚାଷୀଙ୍କ ନିମନ୍ତେ ପ୍ରଶାସନ ପକ୍ଷରୁ କୌଣସି ପ୍ରୋତ୍ସାହନ ମିଳୁନଥିବା କହିଛନ୍ତି। ନା ଅଛି ଶୀତଳଭଣ୍ଡାର ନା ଅଛି ପ୍ରୋସେସିଂୟୁନିଟ୍ ଯାହାଦ୍ୱାରା ଟମାଟୋ ହେଉ କି ବିଭିନ୍ନ ପନିପରିବା ହେଉ ଗଚ୍ଛିତ ରଖିବା ସମ୍ଭବ ହୋଇପାରୁନଥିବା କହିଛନ୍ତି ଚାଷୀ । ଫଳରେ ଟମାଟୋ ସମେତ ଅନ୍ୟ ପନିପରିବା ସଂରକ୍ଷିତ କରି ରଖିବାକୁ ବ୍ୟବସ୍ଥା ଅଭାବରୁ ଅଭାବୀ ବିକ୍ରି କରିବାକୁ ବାଧ ହେଉଛନ୍ତି।




ଓଡ଼ିଶା ସରକାର

**ବିଶିଷ୍ଟ ସଂଗ୍ରାମୀ ତଥା ଓଡ଼ିଶାର ପୂର୍ବତନ ଉପ ମୁଖ୍ୟମନ୍ତ୍ରୀ**
**ସ୍ୱର୍ଗତ ପବିତ୍ର ମୋହନ ପ୍ରଧାନଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ**

୮ ଫେବୃଆରୀ, ୨୦୨୫

ସନ୍ଧ୍ୟା ୬ ଘଟିକା | ସାଧାରଣ ସଭା | ଜୟଦେବ ଭବନ

ମୁଖ୍ୟ ଅତିଥି
ଶ୍ରୀଯୁକ୍ତ କୃଷ୍ଣଚନ୍ଦ୍ର ପାତ୍ର
ମନ୍ତ୍ରୀ, ଖାଦ୍ୟଯୋଗାଣ ଓ ଖାଉଟି କଲ୍ୟାଣ, ବିଜ୍ଞାନ ଓ କାରିଗରୀ, ଓଡ଼ିଶା

ବିଶିଷ୍ଟ ଅତିଥି
ଶ୍ରୀଯୁକ୍ତ ସୂର୍ଯ୍ୟବଂଶୀ ସୂରଜ
ମନ୍ତ୍ରୀ, ଉଚ୍ଚଶିକ୍ଷା, କ୍ରୀଡ଼ା ଓ ଯୁବସେବା, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି, ଓଡ଼ିଶା

ମୁଖ୍ୟ ବକ୍ତା
ଶ୍ରୀଯୁକ୍ତ ରୁଦ୍ର ନାରାୟଣ ପାଣି, ସାଂସଦ, ଢେଙ୍କାନାଳ

ସମ୍ମାନନୀୟ ଅତିଥି
ଶ୍ରୀଯୁକ୍ତ ଅଶୋକ ମହାନ୍ତି, ବିଧାୟକ, ପାଲଲହଡ଼ା
ଶ୍ରୀଯୁକ୍ତ ବିଭୂତି ଭୂଷଣ ପ୍ରଧାନ, ବିଧାୟକ, ପର୍ଜଙ୍ଗ
ଶ୍ରୀଯୁକ୍ତ ପ୍ରତାପ ଚନ୍ଦ୍ର ପ୍ରଧାନ, ବିଧାୟକ, ଅନୁଗୋଳ
ଶ୍ରୀଯୁକ୍ତ ଅଗସ୍ତି ବେହେରା, ବିଧାୟକ, ଛେଣ୍ଡିପଦା
ଶ୍ରୀଯୁକ୍ତ ଶତ୍ରୁଘ୍ନ ଜେନା, ବିଧାୟକ, କାମାକ୍ଷାନଗର
ଶ୍ରୀମତୀ ସୀମାରାଣୀ ନାୟକ, ବିଧାୟିକା, ହିନ୍ଦୋଳ

ସମ୍ମାନନୀୟ ବକ୍ତା
ଡ. ଧରଣୀଧର ନାଥ
ପ୍ରାକ୍ତନ ସଭାପତି, ମାଧ୍ୟମିକ ଶିକ୍ଷା ପରିଷଦ, ଓଡ଼ିଶା

ବିଶିଷ୍ଟ କଳାକାରମାନଙ୍କ ଦ୍ୱାରା ଭଜନ ଓ ଦେଶାତ୍ମବୋଧକ ସଂଗୀତ ପରିବେଷଣ

ସୂଚନା ଓ ଲୋକସମ୍ପର୍କ ବିଭାଗ ଆନୁକୂଲ୍ୟରେ ଆୟୋଜିତ ଏହି ସମାରୋହରେ ଯୋଗଦେବାକୁ ବିନମ୍ର ଅନୁରୋଧ ।

ନିର୍ଦ୍ଦେଶକ
ସୂଚନା ଓ ଲୋକସମ୍ପର୍କ ବିଭାଗ

DADLS-96 OIPR-15001/13/0421/2425


PRINTED, PUBLISHED & Owned by Gitanjali Nanda, Printed at janjali Devi PRESS, Plot no- 131, Rajarani Nagar, Bhubaneswar-751014, Khordha, Odisha & Published at : Plot No- 2033, Keutasahi P.O- Old Town, P.s-Lingaraj, Bhubaneswar, 751002, Dist- Khordha, Odisha (Odisha) MobNo.-9337673884, ) E-mail : jagannathexpress1972@gmail.com

Editor - Balaram prasad Nanda Mananging Editor- Sarangdhar Senapati ସଂପାଦକ- ବଳରାମ ପ୍ରସାଦ ନନ୍ଦ